

AA22xA6 ସୁଟିଂ ଆରମ୍ଭ କରିବେ ଦୀପିକା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-61 ◆MONDAY ◆25 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୧ ◆ସୋମବାର ◆୨୫ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଇଏଡିଡବ୍ଲ୍ୟୁଏସର ସଫଳ ପରୀକ୍ଷଣ

■ **ବାଲେଶ୍ୱର, ୨୪।୮ (ସମିସ):** ଡିଆରଡିଓ ପକ୍ଷରୁ ଆଜି ଇଣ୍ଟିଗ୍ରେଟେଡ୍ ଏୟାରଡିଫେନ୍ସ ୱିପନ୍ ସିଷ୍ଟମ (ଆଇଏଡିଡବ୍ଲ୍ୟୁଏସ)ର ସଫଳତାର ସହ ପରୀକ୍ଷଣ କରାଯାଇଛି । ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରେ ଏହି ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ପ୍ରୟୋଗଶାଳା (ଡିଆରଡିଏଲ) ଦ୍ୱାରା ଗଠିତ ଏକ କେନ୍ଦ୍ରୀୟ ଆଦେଶ ଓ ନିୟନ୍ତ୍ରଣ ପ୍ରୟୋଗଶାଳା ମାଧ୍ୟମରେ ଏହି ଯୁଦ୍ଧାସ୍ତ୍ର ପ୍ରଣାଳୀର ପରୀକ୍ଷଣକୁ ନିରୀକ୍ଷଣ ଓ ନିୟନ୍ତ୍ରଣ କରାଯାଇଥିଲା ।



ପରୀକ୍ଷଣ ସମୟରେ ଦୁଇଟି ଅତି ଉଚ୍ଚବେଗ ସମ୍ପନ୍ନ ସ୍ଥାୟୀ ପଙ୍ଖାଯୁକ୍ତ ମାନବବିହୀନ ଆକାଶମାର୍ଗୀୟ ଲକ୍ଷ୍ୟ ସହ ଗୋଟିଏ ମଲ୍ଟିକୋଟେଡ୍ ଡ୍ରୋନ୍‌କୁ ମିଶାଇ ତିନୋଟି ଭିନ୍ନଭିନ୍ନ ପରିସୀମା ଓ ଉଚ୍ଚତାରେ ଥିବା ଟାର୍ଗେଟ୍‌କୁ 'କ୍ୟୁଆରଏସଏଏମ୍', ଭିଏସଏଚଓଆରଏଡିଏସ୍ ଓ ଡିଇଡବ୍ଲ୍ୟୁର ସମ୍ମିଳିତ ପ୍ରଣାଳୀ ଏକସଙ୍ଗେ ଲକ୍ଷ୍ୟ ପରିସରକୁ ନେଇ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା । 'ଆଇଏଡିଡବ୍ଲ୍ୟୁଏସ'ରେ ଅନ୍ତର୍ଭୁକ୍ତ କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଆବିଷ୍କାର ଓ ବିଧ୍ୱଂସ ପ୍ରଣାଳୀ, ଯୁଦ୍ଧାସ୍ତ୍ର ପ୍ରଣାଳୀ ନିର୍ଦ୍ଦେଶ ଓ ନିୟନ୍ତ୍ରଣ ସହ ଯୋଗାଯୋଗ ଓ ରାଡାର୍ ପ୍ରଭୃତି ଏହି ପରୀକ୍ଷଣ ସମୟରେ ଅତ୍ୟନ୍ତ ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିଥିଲା । ଉଡ଼ାଣ ତଥ୍ୟ ସଂଗ୍ରହ ପାଇଁ ଚାନ୍ଦିପୁରସ୍ଥିତ ଆଇଟିଆର ଦ୍ୱାରା ନିୟୋଜିତ ବିଭିନ୍ନ ଉପକରଣ ପ୍ରଭୃତିର ତଥ୍ୟ ବିଶ୍ଳେଷଣ ପରେ ଏହା ପ୍ରମାଣିତ ହୋଇଛି ।


## ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା ବ୍ୟକ୍ତିକୁ ଏନ୍‌କାଉଣ୍ଟର

■ **ନୋଏଡା, ୨୪।୮ (ଏଜେନ୍ସି):** ବିବାହରେ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ମିଳିଲା । ତଥାପି ମନ ଭରିଲାନି । ଆହୁରି ୩୬ ଲକ୍ଷ ଦରକାର । ଅଧିକ ଯୌତୁକ ଦାବିରେ ଦୀର୍ଘ ୯ ବର୍ଷ ଧରି ନିର୍ଯାତନା ଚାଲିଲା । ଶେଷରେ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲା ନୃଶଂସ ପତି । ଏଭଳି ଏକ ଜଘନ୍ୟ ଘଟଣା ଘଟିଛି ନୋଏଡ଼ାରେ । ଏହାକୁ ନେଇ ଦେଶବ୍ୟାପୀ କ୍ରୋଧର ବାତାବରଣ ସୃଷ୍ଟି ହୋଇଛି । ଅମାନବୀୟ ଅତ୍ୟାଚାର ଓ ହତ୍ୟା ପାଇଁ ଅନୁତପ୍ତ ନଥିବା ଦୁର୍ଦ୍ଦାନ୍ତ ସ୍ୱାମୀ ଆଜି ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି ।



ବିପିନ ଭଟ୍ଟି ନାମକ ଏହି ସ୍ୱାମୀ ୯ ବର୍ଷ ତଳେ ନିକ୍କିଙ୍କୁ ବିବାହ କରିଥିଲା । ସେମାନଙ୍କର ଗୋଟିଏ ପୁଅ ଅଛି । ଯୌତୁକରେ ବିପିନକୁ ସ୍କର୍ପିଓ ଏସ୍‌ୟୁଭି, ରୟାଲ ଏନ୍‌ଫିଲ୍ଡ ବୁଲେଟ୍, ନଗଦ ଟଙ୍କା, ସୁନା ଗହଣା ଦିଆଯାଇଥିଲେ ମଧ୍ୟ ସେ ନିକ୍କିଙ୍କୁ ଘରୁ ଆହୁରି ୩୬ ଲକ୍ଷ ଟଙ୍କା ଆଣିବାକୁ ବରାବର ଚାପ ପକାଉଥିଲା । ଏଥିପାଇଁ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ନିର୍ଯାତନା ଦେଇ ଆସୁଥିଲେ । କିଛିଦିନ ତଳେ ସ୍ୱାମୀ ଓ ଶାଶୂ ନିକ୍କିଙ୍କୁ ମାଡ଼ ମାରିବା ସହ ଅକଥନୀୟ ଅତ୍ୟାଚାର କରିଥିଲେ । ତାଙ୍କୁ ଛାଡି ଦେବାକୁ ସେ ଯେତେ ନେହୁରା ହୋଇଥିଲେ ମଧ୍ୟ ସେମାନେ ଶୁଣି ନଥିଲେ । ଏହାପରେ ବିପିନ ପତ୍ନୀଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା । ମହିଳାଙ୍କ ଭଉଣୀ କାଞ୍ଚନ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ବି ମା ଓ ପୁଅ ଦୁହେଁ ମିଶି ପିଟିଥିଲେ । ନିକ୍କି ଓ କାଞ୍ଚନ ଦୁଇ ଭଉଣୀ ହୋଇଥିଲେ ମଧ୍ୟ ଦୁଇଭାଇ ▶ପୃଷ୍ଠା-୭

## ଭାରତରେ ସ୍କୁଲ ଫି' ବିଶ୍ୱରେ ସର୍ବାଧିକ




■ **ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):** ଭାରତରେ ଶିକ୍ଷା ଖର୍ଚ୍ଚ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଲୋକଙ୍କ ଆୟ ବଢୁ ନ ଥିବାବେଳେ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବଢ଼ିବାରେ ଲାଗିଛି । ଦିଲ୍ଲୀ ଏବଂ ମୁମ୍ବାଇ ଭଳି ସହରରେ ଏହା ଆକାଶ ଛୁଇଁଛି । ଦେଶର ପ୍ରମୁଖ ଘରୋଇ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ବର୍ଷକୁ ୧୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି । ଏହା ୟୁରୋପର ଇଣ୍ଟରନ୍ୟାସନାଲ ବୋର୍ଡିଂ ସ୍କୁଲ୍ ସହ ସମାନ ରହିଛି । ତେବେ ସେଠାରେ ପରିବାରର ଆୟ ତୁଳନାରେ ପାଠପଢ଼ା ଖର୍ଚ୍ଚ କମ୍ ଥିବା ବେଳେ ଭାରତରେ ପରିବାର ଆୟ ତୁଳନାରେ ପାଠପଢ଼ା ଖର୍ଚ୍ଚ ଢେର ଅଧିକ । ବିଶେଷ କରି ଗତ ୫ ବର୍ଷ ଭିତରେ ଭାରତରେ ସ୍କୁଲ ଫି' ୮୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଆୟ ଏବଂ ବ୍ୟୟ ହିସାବରେ ଭାରତରେ ଘରୋଇ ସ୍କୁଲଗୁଡିକର ଦେୟ ବିଶ୍ୱରେ ସର୍ବାଧିକ ରହିଛି ।

| ସହର | ପରିବାର ଆୟ | ସ୍କୁଲ ଖର୍ଚ୍ଚ | ଆୟ ତୁଳନାରେ ଖର୍ଚ୍ଚ |
|---|---|---|---|
| ନୂଆଦିଲ୍ଲୀ | ୧୨ରୁ ୧୫ ଲକ୍ଷ | ୧୨ରୁ ୨୦ ଲକ୍ଷ | ୮୦ରୁ ୧୩୦% |
| ମୁମ୍ବାଇ | ୧୫ରୁ ୧୮ ଲକ୍ଷ | ୯ରୁ ୧୫ ଲକ୍ଷ | ୫୦ରୁ ୮୫% |
| ସିଙ୍ଗାପୁର | ୭୨ ଲକ୍ଷ | ୨୪ ଲକ୍ଷ | ୩୩% |
| ଦୁବାଇ | ୬୭ ଲକ୍ଷ | ୨୦ ଲକ୍ଷ | ୩୦% |
| ଲଣ୍ଡନ | ୬୦ ଲକ୍ଷ | ୩୫ ଲକ୍ଷ | ୫୮% |
| ନ୍ୟୁୟର୍କ | ୭୫ ଲକ୍ଷ | ୩୭ ଲକ୍ଷ | ୫୦% |

ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସିଙ୍ଗାପୁର, ଦୁବାଇ, ଲଣ୍ଡନ ଏବଂ ନ୍ୟୁୟର୍କ ଭଳି ସହର ଲୋକମାନେ ନିଜ ପିଲାଙ୍କ ପଢ଼ା ଖର୍ଚ୍ଚ ପାଇଁ ସମାନ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ସେଠାରେ ପରିବାରର ଆୟ ଭାରତୀୟଙ୍କ ଅପେକ୍ଷା ବହୁତ ଅଧିକ । ଏହି ସବୁ ସହରରେ ପରିବାର ଆୟ ଭାରତଠାରୁ ୩ରୁ୫ ଗୁଣା ଅଧିକ ରହିଛି । ଭାରତରେ ଅନ୍ତର୍ଜାତୀୟ ସ୍ତରର ସ୍କୁଲ୍ ଗୁଡିକର ଦେୟ ସାରା ବିଶ୍ୱରେ ଅଧିକ ରହିଛି ।

ସୂଚନା ଅନୁଯାୟୀ ଗତ ଦଶନ୍ଧିରେ ଭାରତରେ ସ୍କୁଲ ଫି' ୧୫୦ରୁ ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ମାତ୍ର ପରିବାର ଆୟ ୬୦ରୁ ୭୦ ପ୍ରତିଶତ ବଢ଼ିଛି । ସ୍କୁଲ ଦେୟରେ ହୋଇଥିବା ଏହି ବିସ୍ଫୋରଣ ଭାରତର ବଢୁଥିବା ସମ୍ପତ୍ତି ପାର୍ଥକ୍ୟକୁ ପ୍ରତିଫଳିତ କରୁଛି । ଶିକ୍ଷା ଅସମାନତାର ସ୍ୱଷ୍ଟ ଚିତ୍ରକୁ ପ୍ରତିଫଳିତ କରୁଛି । ଭାରତରେ ତିନୋଟି ଶିକ୍ଷା ବ୍ୟବସ୍ଥା ଚାଲିଛି । ଏଲିଟ୍ ଶ୍ରେଣୀର ସ୍କୁଲ ପାଇଁ ବର୍ଷକୁ ୧୦ରୁ ୨୦ ଲକ୍ଷ ଟଙ୍କା ଫି' ଦେବାକୁ ପଡୁଛି । ଏଗୁଡିକ ୧ ନମ୍ବର ▶ପୃଷ୍ଠା-୭

**୪୮ ଘଣ୍ଟାରେ ଲଘୁଚାପ**

# ବଡ଼ ବନ୍ୟା ଆଶଙ୍କା

## ଉତ୍ତର ଓଡ଼ିଶାରେ ଫୁଲୁଛି ସବୁ ନଦୀ

■ **ଭୁବନେଶ୍ୱର, ୨୪।୮ (ସମିସ):** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ । ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଲଘୁଚାପଟି ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି । ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ବିଶେଷକରି ୨୫ ଓ ୨୬ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ । ସୋମବାର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ । ▶ପୃଷ୍ଠା-୭

**ମହାନଦୀରେ ବଢ଼ି ଚାଲିଛି ଜଳସ୍ତର**

**୨୮ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

### ଆଉ ୪ ଗେଟ୍ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୪।୮ (ସମିସ):** ହୀରାକୁଦ ଜଳଭଣ୍ଡାର ଆଜି ଆଉ ୪ଟି ଗେଟ୍ ଖୋଲିଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଗତକାଲି ୮ଟି ଗେଟ୍ ଖୋଲାଯାଇଥିଲା । ଫଳରେ, ଏବେ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ନଦୀବନ୍ଧର ବାମପାର୍ଶ୍ୱରେ ୮ଟି ଓ ଡାହାଣ ପାର୍ଶ୍ୱର ୪ଟି ଗେଟ୍ ଖୋଲା ରହିଛି । ଆଜି ଅପରାହ୍ଣ ପ୍ରାୟ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି ।



**୧୨ ଗେଟ୍‌ରେ ଜଳ ନିଷ୍କାସନ**

**ଜଳସ୍ତର ୬୨୧.୭୩ ଫୁଟ୍**

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୨୫,୮୯୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧,୮୯,୬୧୨ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୩,୦୨୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ୍, କେନାଲ ପାଇଁ ୩,୦୩୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ଅନ୍ୟପକ୍ଷରେ, ତଳମୁଣ୍ଡ ବେଲଗାଁଠାରେ ୧୩,୬୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୩୪,୪୦୮ ଘନଫୁଟ, ଖଇରମାଲଠାରେ ୨,୫୯,୫୦୦ ଘନଫୁଟ୍, ବାରମୁଲଠାରେ ୧,୩୭,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୧,୩୨,୬୦୨ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ ।

**ମନ୍ତ୍ରୀଙ୍କ 'ଅସ୍ତ୍ର'କୁ ରାଜସ୍ୱ ଅମଲା ସଂଘର ଚ୍ୟାଲେଞ୍ଜ**


## ଆନ୍ଦୋଳନରୁ ହଟିବୁନି

■ **ଭୁବନେଶ୍ୱର, ୨୪।୮ (ସମିସ):** ନିଜ ଜିଦ୍‌ରେ ଅଟଳ ରହିବା ସହ ଜାରି ରହିଥିବା ଆନ୍ଦୋଳନକୁ ବଳବତ୍ତର ରଖିବା ପାଇଁ ରାଜସ୍ୱ ଅମଲା ସଂଘ ନିଷ୍ପତ୍ତି ନେଇଛି । ସଂଘ ବିଜେଡି ଦ୍ୱାରା ପରିଚାଳିତ ହେଉଥିବା ନେଇ ନିକଟରେ ରାଜସ୍ୱ ମନ୍ତ୍ରୀ ଅଭିଯୋଗ ଆଣିବା ସହ ଆନ୍ଦୋଳନରୁ ନ ହଟିଲେ ବଡ଼ ଅସ୍ତ୍ର ପ୍ରୟୋଗ କରିବେ ବୋଲି ଧମକ ଦେଇଥିଲେ । ମନ୍ତ୍ରୀଙ୍କ ଏହି ଧମକ ପରେ ରବିବାର ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ବସିଥିଲା । ଭର୍ଚୁଆଲ୍ ମୋଡ୍‌ରେ ହୋଇଥିବା ବୈଠକରେ ମନ୍ତ୍ରୀଙ୍କ ଧମକରେ ଡରି ନ ଯାଇ ଆନ୍ଦୋଳନକୁ ଜାରି ରଖିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଯେପର୍ଯ୍ୟନ୍ତ ସରକାର ସଂଘର କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକି ନାହାନ୍ତି ଓ କୌଣସି ଔପଚାରିକ ନିଷ୍ପତ୍ତି ନେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ପ୍ରଶ୍ନ ଉଠୁନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ସଂଘକୁ ସରକାର ଆଲୋଚନା ପାଇଁ ଡାକିଲେ ସର୍ବଦା ସଂଘ ସ୍ୱାଗତ କରିବ । ମାତ୍ର କୌଣସି ପ୍ରକାର ଚେତାବନୀ ଓ ଧମକ ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ପରୋକ୍ଷରେ ସଂଘ ପକ୍ଷରୁ କୁହାଯାଇଛି ।

ସୂଚନାଥାଉ କି ରାଜ୍ୟ ରାଜସ୍ୱ ଅମଲା ସଂଘ ପକ୍ଷରୁ ଜାରି ରହିଥିବା ସମୂହ ଛୁଟି ଆନ୍ଦୋଳନ ଯୋଗୁଁ ବର୍ତ୍ତମାନ ସମସ୍ତ ରାଜସ୍ୱ କାର୍ଯ୍ୟ ବନ୍ଦ ହୋଇଯାଇଛି । ଏହି ଆନ୍ଦୋଳନକୁ ୧୪ ଦିନି ବିତିଯାଇଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ସଂଘ ସହ ଆଲୋଚନା କରିବା ଦୂରର କଥା, ପରୋକ୍ଷରେ ସେମାନଙ୍କୁ ଡରାଇବା ପାଇଁ ସରକାର ଉଦ୍ୟମ କରୁଥିବା ଦେଖାଯାଉଛି । ପ୍ରଥମେ ମନ୍ତ୍ରୀ ଦରମା ବନ୍ଦ ଧମକ ଦେବା ସହ ପରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ । ଶନିବାର ଆଉ ପାଦେ ଆଗକୁ ଯାଇ ସଂଘକୁ ବିଜେଡି ପରିଚାଳିତ କରୁଥିବା କହିବା ସହ ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ତାଙ୍କ ପାଖରେ ରହିଛି ବୋଲି କହିଥିଲେ । ଏହାସହିତ ସଂଘ ଆନ୍ଦୋଳନରୁ ନ ହଟିଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି । ଏହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ ମନ୍ତ୍ରୀ ।

## ହାତୀକୁ ତୀର ମାଡ଼

■ **ବୈଶିଙ୍ଗା, ୨୪।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧୀନ ବନାମପୁର ଜଙ୍ଗଲରେ ଏକ ହାତୀକୁ କେହି ଦୁର୍ବୃତ୍ତ ତୀରମାଡ଼ କରି ଘାଇଲା କରିଛି । ତୀରଟି ହାତୀ ଶରୀରରେ ପଶି ରହିଥିବା ବେଳେ ସେଥିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି । ଯନ୍ତ୍ରଣାରେ ଛଟପଟ ହାତୀଟି ହାତୀପଲଠାରୁ ସାମାନ୍ୟ ଦୂରତା ବଜାୟ ରଖୁଥିବା ଦେଖିବାକୁ ମିଳିଛି । ସେ ସ୍ୱାଭାବିକ ଭାବରେ ଚଳପ୍ରଚଳ ମଧ୍ୟ କରିପାରୁନାହିଁ ।



**ଜଗନ୍ନାଥବଲ୍ଲଭ ବହୁତଳ ପାର୍କିଂରେ ଦୁର୍ଘଟଣା**

## ୧ ମହଲାରୁ ଖସିପଡ଼ିଲା ବୋଲେରୋ

■ **ପୁରୀ, ୨୪।୮ (ସମିସ):** ଜଗନ୍ନାଥ ବଲ୍ଲଭ ବହୁତଳ କାର୍ ପାର୍କିଂରେ ଘଟିଛି ଅଘଟଣ । ପାର୍କିଂର ପ୍ରଥମ ମହଲାରୁ ତଳକୁ ଖସି ପଡ଼ିଛି ଏକ ବୋଲେରୋ । ଗାଡ଼ିଟି ଭାଙ୍ଗିରୁଜି ଯାଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହତ ଚାଳକ ହେଉଛନ୍ତି, ଭଦ୍ରକ ଧାମରା ମେରାଇନ୍ ଥାନା ବଳଭଦ୍ରପ୍ରସାଦ ଗ୍ରାମର ସଞ୍ଜୟ ସେଠୀ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ବହୁତଳ ପାର୍କିଂ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପ୍ରାୟ ବର୍ଷେରୁ ▶ପୃଷ୍ଠା-୭

**ଚାଳକ ଗୁରୁତର**

**କାମ ସରିନି; ହେଉଛି ପାର୍କିଂ**



**ଗୁଳି, ବୋମା ଫୁଟାଇ ସୁନା ଦୋକାନରୁ ଡକାୟତି**

## ଲୁଟିନେଲେ ୧ କୋଟିର ଅଳଙ୍କାର

■ **ନିରାକାରପୁର, ୨୪।୮ (ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରିସ୍ଥିତ ଏକ ସୁନା ଦୋକାନରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି । ଦିନ ଦି' ପହରେ ୮ ଜଣ ଦୁର୍ବୃତ୍ତ ଗୁଳି ଓ ବୋମାମାଡ଼ କରି ସାଇସୋନୁ ଅଳଙ୍କାର ଦୋକାନରୁ ୧୧କେଜି ସୁନା ଓ ୫ କେଜି ରୁପା ଅଳଙ୍କାର ଲୁଟି ନେଇଛନ୍ତି । ଲୁଟ୍ ଅଳଙ୍କାରର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି । ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସରପାରୀ ଗ୍ରାମର ରାଜା ପ୍ରଧାନ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି । ସୂଚନା ପାଇ ସାଇଣ୍ଟିଫିକ୍ ଟିମ୍ ସହ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା, ଖୋର୍ଦ୍ଧା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।



**ଗୁଳିମାଡ଼ରେ ଜଣେ ଗୁରୁତର**

ସୂଚନାନୁଯାୟୀ, ରବିବାର ଦିନ ପ୍ରାୟ ୨ଟା ବେଳେ ୪ଟି ବାଇକ୍‌ରେ ୮ଜଣ ଡକାୟତ ଉକ୍ତ ଅଳଙ୍କାର ଦୋକାନକୁ ଆସିଥିଲେ । ସେମାନେ ସମସ୍ତେ ହେଲ୍‌ମେଟ୍ ପିନ୍ଧିବା ସହ ଦୁଇଜଣ ଦୋକାନ ବାହାରେ ରହି ସମସ୍ତ ଘଟଣା ଅନୁଧ୍ୟାନ କରୁଥିଲେ । ଅନ୍ୟ ୬ ଜଣ ଡକାୟତ ଦୋକାନ ଭିତରକୁ ପଶି ବନ୍ଧୁକ ▶ପୃଷ୍ଠା-୭

# ଚିନ୍ତା ବଢ଼ାଇଲାଣି ମାରିଜୁଆନା

## ଭୁବନେଶ୍ୱର ବିମାନବନ୍ଦରରେ ଢିଲା ସୁରକ୍ଷା ଯୋଗୁଁ ବଢୁଛି ଚାଲାଣ

■ **ଭୁବନେଶ୍ୱର, ୨୪।୮ (ସମିସ):** ମାରିଜୁଆନା ପ୍ରେମରେ ପଡ଼ିଛନ୍ତି ଯୁବପିଢ଼ି । ଡ୍ରଗ୍ସ, ଓଡ଼ିଶା ଗଞ୍ଜେଇ ପରେ ସେମାନେ ମାରିଜୁଆନା (ବିଦେଶୀ ଡ୍ରଗ୍ସ)କୁ ଅଧିକ ମାତ୍ରାରେ ପସନ୍ଦ କରୁଛନ୍ତି । ଏଠାର ଯୁବପିଢ଼ିର ଅଧିକ ଚାହିଦା ଥିବାରୁ ବିଦେଶରୁ ମାରିଜୁଆନା ଭୁବନେଶ୍ୱରକୁ ଅଧିକ ମାତ୍ରାରେ ଚାଲାଣ କରାଯାଉଛି । ବିଶେଷ କରି ଥାଇଲାଣ୍ଡ ଏବଂ ମାଲେସିଆରୁ ଏହି ମାରିଜୁଆନା ଭୁବନେଶ୍ୱରକୁ ଆସୁଛି । ଓଡ଼ିଶାରେ ଥିବା ଦଲାଲ ଏହାକୁ ବସ୍ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି ।

କଷ୍ଟମ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଭୁବନେଶ୍ୱର ବିମାନ ବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଏତେ କଡ଼ାକଡ଼ି ନଥିବାରୁ ନିଶା ମାଫିଆମାନେ ଭୁବନେଶ୍ୱର ବିମାନ ବନ୍ଦରକୁ ଟାର୍ଗେଟ କରୁଛନ୍ତି । ଯେଉଁଥିପାଇଁ ସେମାନେ କୋଟି କୋଟି ଟଙ୍କାର ମାରିଜୁଆନାକୁ ଚକ୍‌ଲେଟ ଜରି ଏବଂ ଅନ୍ୟ ପ୍ୟାକେଟ୍ ଭିତରେ ପୂରାଇ ଆଣୁଛନ୍ତି । ଏକାଧିକ ବ୍ୟକ୍ତି ଖସି ଯାଉଥିବା ବେଳେ ହାତ ଗଣତି ବ୍ୟକ୍ତି ଧରାପଡୁଛନ୍ତି । ଯାହା ଧରାପଡୁଛି ଗୁଇନ୍ଦା ସୂତ୍ର ଆଧାରରେ ଧରାପଡୁଛି । ନହେଲେ ଅଧିକ ଚାଲାଣକାରୀ ଖସି ଯାଉଛନ୍ତି । ଯେଉଁମାନେ ଧରାପଡୁଛନ୍ତି ସେମାନେ କେବଳ ଚାଲାଣକାରୀ ବା ଏଜେଣ୍ଟ । ଏହା ପଛରେ ଜଣେ ମାଷ୍ଟରମାଇଣ୍ଡ ରହିଛି । ଦୁବାଇରେ ରହି ଫୋନ୍ ମାଧ୍ୟମରେ ସେ ରାକେଟ ଚଳାଉଛି । ▶ପୃଷ୍ଠା-୭



**ମାରିଜୁଆନା ପ୍ରେମରେ ଇଞ୍ଜିନିୟରିଂ ଛାତ୍ର ଓ ବଡ଼ବଡ଼ କ୍ଲବ୍**

**୬ ମାସରେ ଜବତ ହେଲାଣି ୮୦ କୋଟିର ମାରିଜୁଆନା**

**ଓଡ଼ିଶା ଦେଇ ଦିଲ୍ଲୀ, ହାଇଦ୍ରାବାଦ, ବିହାର, ୟୁପିକୁ ଚାଲାଣ**

**ଦୁବାଇରେ ବସି ନିଶା ରାକେଟ୍ ଚଳାଉଛି ମାଷ୍ଟରମାଇଣ୍ଡ**




# ପ୍ରବଳ ବର୍ଷାରେ ଜମ୍ମୁ, ରାଜସ୍ଥାନ ବେହାଲ

- ରାଜସ୍ଥାନ ବୁନ୍ଦିରେ ପଶିଲା ଚମ୍ବଲ ପାଣି
- ଜମ୍ମୁ ଆଇଆଇଏମ୍ କ୍ୟାମ୍ପସ୍‌ରେ ପାଣି
- ଫସି ରହିଛନ୍ତି ୧୫୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି): ମୌସୁମୀ ପ୍ରଭାବରୁ ବିଭିନ୍ନ ରାଜ୍ୟରେ ଭୀଷଣ ବର୍ଷା ଜାରି ରହିଛି। ଏଥିଯୋଗୁଁ ରାଜସ୍ଥାନର କୋଟା, ବୁନ୍ଦି, ସବାଇ ମାଧୋପୁର ଓ ଟୋଙ୍କରେ ବନ୍ୟାସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ଥିବା ଘରଗୁଡିକରେ ଚମ୍ବଲ ନଦୀର ପାଣି ପଶିଛି। ରାଜ୍ୟ ରାଜପଥ ଓ ଅନ୍ୟ ସଡ଼କଗୁଡିକ ବୁଡ଼ି ଯାଇଛି। ଉଦ୍ଧାରକାର୍ଯ୍ୟ ପାଇଁ ସେନାକୁ ଡକାଯାଇଛି। ଭାରତୀୟ ବାୟୁସେନା ଏମ୍‌ଆଇ- ୧୭ ହେଲିକପ୍ଟର ନିୟୋଜିତ କରିଛି। ବାୟୁସେନାକୁ ସଜାଗ କରି ରଖାଯାଇଛି। ଏନ୍‌ଡିଆରଏଫ ଏବଂ ଏସ୍‌ଡିଆରଏଫ ମଧ୍ୟ ମୁତୟନ କରାଯାଇଛି। ସେହିପରି ଜମ୍ମୁ-କଶ୍ମୀରରେ ମଧ୍ୟ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଟରଗେଟିଭ ମେଡିସିନ (ଆଇଆଇଆଇଏମ୍) କ୍ୟାମ୍ପସରେ ବନ୍ୟା ପାଣି ପସିଛି। ହଷ୍ଟେଲର ପ୍ରଥମ ମହଲା ପାଣିରେ ବୁଡିଯାଇଛି। ଫଳରେ ୧୫୦ ଜଣ ଛାତ୍ରଛାତ୍ରୀ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର ପାଇଁ ଏସ୍‌ଡିଆରଏଫ୍ ମୁତୟନ କରାଯାଇଛି। ଦିଲ୍ଲୀର ସରିତା ବିହାରରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଉତ୍ତରାଖଣ୍ଡର ଥରାଲୀରେ ହୋଇଥିବା ବିପର୍ଯ୍ୟୟ କାରଣରୁ ଭିତ୍ତିଭୂମୀର ପୁନଃ ନିର୍ମାଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଉତ୍ତରପ୍ରଦେଶରେ ବନ୍ଧ, ନଦୀ ଓ ନାଳଗୁଡିକରେ ଜଳପତନ ବର୍ଷା କାରଣରୁ ବୃଦ୍ଧି ପାଇଛି। ୮ଟି ନଦୀ ବନ୍ଧର ଗେଟ୍ ଖୋଲା ଯାଇଛି। ମିର୍ଜାପୁରସ୍ଥିତ ଅହରାଉଣା ବନ୍ଧରେ ପାଣି ଉଛୁଳିଛି। ଫଳରେ ଗତ ୯ ବର୍ଷ ମଧ୍ୟରେ ଏହି ବନ୍ଧର ୨୨ଟି ଗେଟ୍ ଖୋଲାଯାଇଛି। ୨୦ଟି ଗାଁ ବନ୍ୟା ଘେରରେ ରହିଛି। ବହୁ ଚାଷ ଜମି ପାଣିରେ ବୁଡି ରହିଥିବାରୁ ବିପୁଳ ଫସଲ ନଷ୍ଟ ହୋଇଛି। ଦେଶର ୨୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ତରଫରୁ ସତର୍କତା ଜାରି କରାଯାଇଛି। ରାସ୍ତସ୍ଥାନ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସମେତ ୬ଟି ରାଜ୍ୟରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶ ଓ ବିହାର ସମେତ ୨୨ଟି ରାଜ୍ୟରେ ୟେଲୋ ଆଲର୍ଟ ଜାରି କରାଯାଇଛି।

## ରୁଷ ଆଣବିକ କେନ୍ଦ୍ରରେ ୟୁକ୍ରେନର ଆକ୍ରମଣ

କିଭ୍,୨୪।୮(ଏଜେନ୍ସି): ୟୁକ୍ରେନ ତା'ର ସ୍ୱାଧୀନତା ଦିବସରେ ରୁଷିଆ ଉପରେ ଡ୍ରୋନ ଆକ୍ରମଣ କରି ରୁଷିଆର ଆଣବିକ କେନ୍ଦ୍ରରେ କ୍ଷତି ପହଞ୍ଚାଇବାକୁ ପ୍ରୟାସ କରିଛି। ରବିବାର ୟୁକ୍ରେନ ତା'ର ୩୪ତମ ସ୍ୱାଧୀନତା ଦିବସ ପାଳନ କରିଛି। ରୁଷିଆର ପଶ୍ଚିମ କୁରସ୍କ ଅଞ୍ଚଳରେ ଥିବା ଆଣିବକ କେନ୍ଦ୍ର ଉପରେ ୟୁକ୍ରେନ ଡ୍ରୋନ ଆକ୍ରମଣ କରିଛି। ରୁଷିଆ ଅଧିକାରୀମାନେ ଏ ନେଇ ସୂଚନା ଦେଇଛନ୍ତି। ରାତିରେ ଆଣବିକ କେନ୍ଦ୍ରର କେତୋଟି ବିଜୁଳି ଓ ଶକ୍ତି ଉତ୍ପାଦନ କେନ୍ଦ୍ରକୁ ଲକ୍ଷ୍ୟ କରି ଏହି ଡ୍ରୋନ ଆକ୍ରମଣ କରାଯାଇଥିଲା ବୋଲି ରୁଷିଆ କହିଛି। ଅବଶ୍ୟ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଏହି ଆକ୍ରମଣରେ ଏକ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ତେବେ ଆଣବିକ ବିକିରଣ ସାଧାରଣସ୍ତରରେ ରହିଛି ବୋଲି କୁହାଯାଇଛି। ଅବଶ୍ୟ ଏହି ଡ୍ରୋନ ଆକ୍ରମଣ ନେଇ ୟୁକ୍ରେନ ତରଫରୁ କିଛି ପ୍ରତିକ୍ରିୟା ଦିଆଯାଇନାହିଁ। ରବିବାର ୟୁକ୍ରେନର ୯୫ଟି ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଛି ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେବେ ଏହି ଡ୍ରୋନଗୁଡିକରୁ ୪୮ଟି ଅକାମୀ ହୋଇଛି ବୋଲି ୟୁକ୍ରେନ କହିଛି।

## ଅଶ୍ଳୀଳ ଫଟୋ-ଭିଡିଓ ବନ୍ଦ କରିବ ସ୍ମାର୍ଟଫୋନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ବିଶ୍ୱର ପ୍ରଥମ ଆଣ୍ଟି-ନ୍ୟୁଡ କଣ୍ଟେଣ୍ଟ ସ୍ମାର୍ଟଫୋନ ଲଞ୍ଚ ହୋଇଛି। ଫିନ୍‌ଲାଣ୍ଡର ଟେକ୍ କମ୍ପାନୀ ଏଚଏମ୍‌ଡି ଗ୍ଲୋବାଲ ଏହି ଫୋନ୍ ଆଣିଛି। ନୂଆ ସ୍ମାର୍ଟଫୋନ 'ଫ୍ୟୁଜ'ରେ ଏହି ବ୍ୟବସ୍ଥା ରହିଛି। ଅଶ୍ଳୀଳ ଫଟୋ ଏବଂ ଭିଡିଓ ଆଦିକୁ ବନ୍ଦ କରୁଥିବା ଏହା ବିଶ୍ୱର ପ୍ରଥମ ଫୋନ୍ ବୋଲି କମ୍ପାନୀ ଦାବି କରିଛି। ଏଥିପାଇଁ ଫୋନ୍‌ରେ ବ୍ରିଟିଶ ସାଇବର ସିକ୍ୟୁରିଟି କମ୍ପାନୀ 'ସେଫ୍ ଟୁ ନେଟ୍'ର ଏଆଇ ମଡେଲ 'ହାର୍ମବ୍ଲକ ଏଆଇ'କୁ ଇନ୍‌ଷ୍ଟଲ କରାଯାଇଛି। ଏହି ଫୋନ ଅଶ୍ଳୀଳ ବିଷୟବସ୍ତୁ ରେକର୍ଡ କରିବାକୁ ଏବଂ କାହାକୁ ପଠାଇବାକୁ ଦେବ ନାହିଁ। ଫୋନ୍‌ରେ ଅଶ୍ଳୀଳ ଫଟୋ ଏବଂ ଭିଡିଓ ମଧ୍ୟ ସେଭ୍ କରି ରଖିହେବ ନାହିଁ। ଲାଇଭ ଷ୍ଟ୍ରିମିଂ ସମୟରେ ସମସ୍ତ ଆପତ୍ତିଜନକ ବିଷୟବସ୍ତୁକୁ ଏହା ତୁରନ୍ତ ବ୍ଲକ କରିଦେବ। ଶିଶୁମାନଙ୍କ ମଧ୍ୟରେ ଅଶ୍ଳୀଳତା ବୃଦ୍ଧି ପାଉଥିବାବେଳେ ଏହି ଫୋନ୍ ସେମାନଙ୍କୁ ଦୂରେଇ ରଖିବ। ଅଭିଭାବକଙ୍କ ଚିନ୍ତା ମଧ୍ୟ ଦୂର କରିବାରେ ବେଶ୍ ସହାୟକ ହେବ।

## ଅନିଶ ଦୟାଲ ଡେପୁଟି ଏନ୍‌ଏସ୍‌ଏ ନିଯୁକ୍ତ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସିଆରପିଏଫ ଏବଂ ଆଇଟିବିପିର ପୂର୍ବତନ ମହାନିର୍ଦ୍ଦେଶକ ଅନିଶ ଦୟାଲ ସିଂହ ନୂଆ ଡେପୁଟି ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜର (ଏନ୍‌ଏସଏ) ନିଯୁକ୍ତ ହୋଇଛନ୍ତି। ସେ ଆଭ୍ୟନ୍ତରୀଣ ବ୍ୟାପାର ମାମଲା ବୁଝିବେ ବୋଲି ସରକାରୀ ସୂତ୍ରରୁ ସୂଚନା ମିଳିଛି। ୧୯୮୮ ବ୍ୟାଚ୍‌ର ମଣିପୁର କ୍ୟାଡର ଆଇପିଏସ ଅଧିକାରୀ ଶ୍ରୀ ଅନିଶ ଗତ ଡିସେମ୍ବରରେ ଅବସର ଗ୍ରହଣ କରିଥିଲେ। ଆଇଟିବିପି, ସିଆରପିଏଫର ନେତୃତ୍ୱ ନେବା ପୂର୍ବରୁ ସେ ୩୦ ବର୍ଷ ପର୍ଯ୍ୟନ୍ତ ଗୁଇନ୍ଦା ବ୍ୟୁରୋ (ଆଇବି)ରେ ଉଲ୍ଲେଖନୀୟ ସେବା ଦେଇଥିଲେ। ଅଧିକାରୀଙ୍କ ସୂଚନା ଅନୁଯାୟୀ ଡେପୁଟି ଏନଏସଏ ଭାବେ ସେ ଜମ୍ମୁ-କଶ୍ମୀର, ମାଓବାଦୀ, ଉତ୍ତରପୂର୍ବ ଭାରତରେ ଲାଗିରହିଥିବା ବିଦ୍ରୋହ ସହିତ ଭାରତୀୟ ଆଭ୍ୟନ୍ତରୀଣ ମାମଲାରେ ବୁଝିବେ।

## ଜର୍ମାନୀଠାରୁ ୬ ବୁଡ଼ାଜାହାଜ କିଣିବ ଭାରତ

ନୂଆଦିଲ୍ଲୀ,୨୪।୮(ଏଜେନ୍ସି): ବାୟୁସେନା ଓ ନୌସେନାର ଶକ୍ତି ତଥା ଦକ୍ଷତା ବୃଦ୍ଧି କରିବାକୁ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ସରକାର ଦୁଇଟି ଚୁକ୍ତି କରିବାକୁ ପ୍ରସ୍ତୁତି କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ମଝଗାଓଁ ଡକ୍ ସିପ୍ ବିଲ୍ଡର୍ସ ଲିମିଟେଡ ମଧ୍ୟରେ ଜର୍ମାନୀଠାରୁ ୬ଟି ବୁଡା ଜାହାଜ କିଣିବା ନେଇ ପ୍ରଥମ ଚୁକ୍ତି ହୋଇଛି। ଭାରତ ସରକାର 'ପ୍ରୋଜେକ୍ଟ ୭୫ ଇଣ୍ଡିଆ' ଅନୁସାରେ ଜର୍ମାନୀର ସହାୟତାରେ ଭାରତରେ ନିର୍ମାଣ ହେବାକୁ ଥିବା ଏହି ବୁଡାଜାହାଜଗୁଡିକୁ କ୍ରୟ ପାଇଁ ଆଲୋଚନାକୁ ମଞ୍ଜୁରି ଦେଇଛି। ୭୦ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହେବ। ସେହିପରି ଭାରତ ସରକାର ଇସ୍ରାଏଲଠାରୁ ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ରାମ୍ପେଜ ମିସାଇଲ କ୍ରୟ କରିବ। ପାଷ୍ଟ-ଟ୍ରାକ ପ୍ରକ୍ରିୟା ଅନୁସାରେ ଖୁବଶୀଘ୍ର ଏହି ନେଇ ନିର୍ଦ୍ଦେଶ ଦିଆଯିବ ବୋଲି କୁହାଯାଇଛି।

## ଶିବ୍‌କୁମାରଙ୍କ ପରେ କଂଗ୍ରେସ ବିଧାୟକ ଗାଇଲେ ଆରଏସ୍‌ଏସ୍ ଗୀତ

ବେଙ୍ଗାଲୁରୁ, ୨୪।୮(ଏଜେନ୍ସି): କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବ୍‌କୁମାରଙ୍କ ପରେ ଆଉ ଜଣେ କଂଗ୍ରେସ ବିଧାୟକ ଆରଏସ୍‌ଏସ୍‌ର ଗୀତ ଗାନ କରିଛନ୍ତି। ତୁମ୍‌କୁର ଜିଲ୍ଲାର କୁନିଗଲ ବିଧାୟକ ଏଚ୍‌ଡି ରଙ୍ଗନାଥ ରବିବାର ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ 'ନମସ୍ତେ ସଦାବତ୍ସଳେ ମାତୃଭୂମି' ଗାନ କରିଥିଲେ। ବିଧାନସଭାରେ ଶିବ୍‌କୁମରା ଗାନ କରିବା ପରେ ଏହି ଗୀତ ପ୍ରଥମଥର ପାଇଁ ଶୁଣିଥିଲି। ଏହା ମୋତେ ଭଲ ଲାଗିଥିଲା। ଆମ ପାର୍ଟି ଧର୍ମନିରପେକ୍ଷ ହୋଇଥିବା ବେଳେ ଅନ୍ୟମାନଙ୍କଠାରେ ଥିବା ଭଲ କଥା ଶିକ୍ଷା କରିବାରେ କୌଣସି ଅସୁବିଧା ନାହିଁ ବୋଲି ରଙ୍ଗନାଥ କହିଛନ୍ତି। ପୂର୍ବରୁ ଶିବ୍‌କୁମାର ଅଗଷ୍ଟ ୨୧ରେ ବିଧାନସଭାରେ ଏହି ଗୀତ ଗାନ କରି ଚର୍ଚ୍ଚା ସୃଷ୍ଟି କରିଥିଲେ।

### ଗଗନଯାନ ଅଭିଯାନର ପ୍ରସ୍ତୁତି

## ଏୟାର ଡ୍ରପ୍ ଟେଷ୍ଟ ସଫଳ

ଶ୍ରୀହରିକୋଟା, ୨୪।୮ (ଏଜେନ୍ସି): ଭାରତ ନିଜର ମହତ୍ତ୍ୱାକାଂକ୍ଷୀ 'ଗଗନଯାନ ଅଭିଯାନ' କ୍ଷେତ୍ରରେ ଆଉ ପାଦେ ଆଗକୁ ବଢ଼ିଛି। ରବିବାର ଶ୍ରୀହରିକୋଟାରେ ଗଗନଯାନ ଅଭିଯାନ ପାଇଁ ପ୍ରଥମ ପାରାସୁଟ୍ ପରୀକ୍ଷଣ କରାଯାଇଛି। ଭାରତୀୟ ବାୟୁସେନାର



ଚିନୁକ ହେଲିକପ୍ଟରରୁ କ୍ର୍ୟୁ ମଡ୍ୟୁଲୋକୁ ୪ କିମି ଉପରୁ ସମୁଦ୍ରରେ ପକାଇ 'ଏୟାର ଡ୍ରପ୍ ଟେଷ୍ଟ' କରାଯାଇଛି। ଏହା ତିନୋଟି ପାରାଚୁଟ ମାଧ୍ୟମରେ ସମୁଦ୍ରରେ ଅବତରଣ କରିବାରେ ସଫଳ ହୋଇଛି। ପାରାଚୁଟର ବିଶ୍ୱସନୀୟତା ଯାଞ୍ଚ ଏହି ପରୀକ୍ଷଣର ଉଦ୍ଦେଶ୍ୟ ଥିଲା। ମହାକାଶରୁ କ୍ର୍ୟୁ ମଡେଲ ଫେରିବା ସମୟରେ ପାରାଚୁଟ୍ ଖୋଲୁଛି କି ନାହିଁ, ସୁରକ୍ଷିତ ଭାବେ ଅବତରଣ କରୁଛି କି ନାହିଁ ତାହା ଦେଖା ଯାଇଥିଲା। ଏହି ପରୀକ୍ଷଣରେ ଇସ୍ରୋ, ଭାରତୀୟ ବାୟୁସେନା, ଡିଆରଡିଓ, ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ସାମିଲ ଥିଲା।

ମହାକାଶ ଅର୍ଥନୀତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ୨୦୩୫ ସୁଦ୍ଧା ୧.୮ ଟ୍ରିଲିୟନ ଡଲାର ଅର୍ଥାତ୍ ୧୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ। ତେଣୁ ଭାରତ ଏହି ପ୍ରତିଯୋଗିତାରେ ରହିବାକୁ ଚାହୁଁଛି। ଭାରତ ଗଗନଯାନ ଅଭିଯାନରେ ମହାକାଶକୁ ମନୁଷ୍ୟ ପଠାଇବ। ଏହା ସଫଳ ହେଲେ ରୁଷ, ଆମେରିକା ଏବଂ ଚୀନ୍ ପରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଯିବ।

## ବକେୟା ବିବାଦ: ହରିୟାଣାରେ ଆୟୁଷ୍ମାନ ଚିକିତ୍ସା ବନ୍ଦ

ଚଣ୍ଡିଗଡ, ୨୪।୮ (ଏଜେନ୍ସି): ଗରିବ ଲୋକଙ୍କ ଚିକିତ୍ସା ପାଇଁ ଭାରତ ସରକାର 'ଆୟୁଷ୍ମାନ ଭାରତ' ଯୋଜନା ପ୍ରଚଳନ କରିଛନ୍ତି। ଏହା ଲୋକଙ୍କ ଆର୍ଥିକ ବୋଝକୁ କମ୍ କରିବ ବୋଲି କୁହାଯାଉଛି। କିନ୍ତୁ ଏହା ଏବେ ଗରିବଙ୍କୁ ଯନ୍ତ୍ରଣା ଦେବା ଆରମ୍ଭ କରିଛି। ହରିୟାଣାରୁ ଏହାର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଘରୋଇ ହସ୍ପିଟାଲଗୁଡିକ ଗତ ୭ ତାରିଖରୁ ଆୟୁଷ୍ମାନ ଭାରତ କାର୍ଡ ଅଧୀନରେ ଚିକିତ୍ସା ଯୋଗାଇବା ବନ୍ଦ କରିଦେଇଛନ୍ତି। ଏହି ଯୋଜନା ବାବଦ ସରକାରଙ୍କ ଉପରେ ୪୯୦ କାଟି ଟଙ୍କା ବାମି ଥିବା ବେଳେ ସେମାନେ ଆଉ ଚିକିତ୍ସା କରିବାକୁ ମନା କରିଦେଇଛନ୍ତି। ସରକାର ବକେୟା ଅର୍ଥ ପଇଠ ନକରିବା ପର୍ଯ୍ୟନ୍ତ ଆୟୁଷ୍ମାନ ଚିକିତ୍ସା କରାଯିବ ନାହିଁ ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ)ର ହରିୟାଣା ଶାଖା ପକ୍ଷରୁ ଜଣାଇ ଦିଆଯାଇଛି।

**ପୁରୁଣା ବିଲ୍ ନ ଦେବା ଯାଏଁ ସେବା ଦିଆଯିବନି**

**ଚିକିତ୍ସା କରୁନାହାନ୍ତି ୬୫୦ ଘରୋଇ ହସ୍ପିଟାଲ**

ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ପ୍ରାୟ ୬୫୦ ଘରୋଇ ଡାକ୍ତରଖାନା ଏହି କାରଣରୁ ଆୟୁଷ୍ମାନ ଭାରତ ସେବାକୁ ବନ୍ଦ କରିଦେଇଛନ୍ତି। ଏଥିଯୋଗୁଁ ଦେଢ଼ କୋଟି ହିତାଧିକାରୀ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ସରକାରୀ ଡାକ୍ତରଖାନା ଗୁଡିକରେ ରୋଗୀଙ୍କ ପ୍ରବଳ ଗହଳି ଲାଗି ରହିଛି। ଆଇଏମଏ ସୂଚନା ଅନୁଯାୟୀ ସରକାରଙ୍କ ଉପରେ ୪୯୦ କୋଟି ଟଙ୍କା ବକେୟା ପଡ଼ିଛି। ଆଂଶିକ ଦେୟ ପ୍ରଦାନ ସତ୍ତ୍ୱେ ସେବା ଆରମ୍ଭ ହେବନାହିଁ। ସରକାରଙ୍କୁ ପୂରା ଅର୍ଥ ପଇଠ କରିବାକୁ ପଡ଼ିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବକେୟା ଅର୍ଥ ଦାବି।ରେ ଆଇଏମଏ ସଦସ୍ୟମାନେ ରବିବାର ପାନିପଥରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ରୋଗୀଙ୍କୁ ସରକାର ଅବହେଳା କରୁଥିବା ଅଭିଯୋଗ ଲଗାଇଛନ୍ତି। ଆୟୁଷ୍ମାନ ଭାରତ ଦ୍ୱାରା ଲୋକେ କି ଘରୋଇ ଡାକ୍ତରଖାନା କେହି ଖୁସି ନାହାନ୍ତି। ପାରଦର୍ଶୀ ଦେୟ ବ୍ୟବସ୍ଥା ନ ଆଣିଲା ପର୍ଯ୍ୟନ୍ତ ଏହି ସେବା ଆରମ୍ଭ ହେବ ନାହିଁ। ଏହାକୁ ନେଇ ସରକାର ଡାକ୍ତରଖାନା ଗୁଡିକୁ ଉତ୍ପୀଡ଼ନ ଦେବା ବନ୍ଦ କରନ୍ତୁ।

ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଆରତି ରାଓ ଘରୋଇ ଡାକ୍ତରଖାନାଗୁଡିକର ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବି ଡାକ୍ତରଖାନାଗୁଡିକ ସେବା ଆରମ୍ଭ କରିନାହାନ୍ତି। ଏଥିପାଇଁ ହଜାର ହଜାର ରୋଗୀ ହଇରାଣ ହେଉଛନ୍ତି।

## ପୂଜାଙ୍କୁ ମାରି ବିଜେପି ଆମକୁ ଜେଲ୍ ପଠାଇବ: ଅଖିଳେଶ

ଲକ୍ଷ୍ନୌ, ୨୪।୮ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବିଜେପି ଉପରେ ବଡ଼ ଅଭିଯୋଗ ଲଗାଇଛନ୍ତି। ସେ ରବିବାର ଲକ୍ଷ୍ନୌରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ବିଧାୟିକା ପୂଜା ପାଲ୍‌ଙ୍କୁ ବିଜେପ ମାରିଦେବ। କିନ୍ତୁ ଏହି ମାମଲାରେ ଆମକୁ ଜେଲ୍ ଯିବାକୁ ପଡ଼ିବ। ତେଣୁ କାହାଠାରୁ ପୂଜା ପାଲ୍‌ଙ୍କୁ ବିପଦ ଅଛି ତାହାର ଯାଞ୍ଚ ହେବା ଉଚିତ। ଉତ୍ତର ପ୍ରଦେଶ ସରକାରଙ୍କୁ ଭରସା କରିହେବ ନାହିଁ।ଅଖିଳେଶ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଥିବା ଲୋକ ପ୍ରତି ବିପଦ କେମିତି ବୁଝା ପଡୁନି। ଏହି ମାମଲାକୁ ନେଇ ଏସ୍‌ପି ମୁଖ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମାମଲାର ଯାଞ୍ଚ ଦାବି କରିଛନ୍ତି। ଯେତେ ବର୍ଷ ପର୍ଯ୍ୟନ୍ତ ପୂଜା ଏସ୍‌ପିରେ ଥିଲେ ସେ ପର୍ଯ୍ୟନ୍ତ ତାଙ୍କ ପ୍ରତି କୌଣସି ବିପଦ ନ ଥିଲା। ଦୁଇ ଦିନ ତଳେ ପୂଜା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଅଖିଳେଶଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। ଯଦି ମୋ ସ୍ୱାମୀଙ୍କ ପରି ମୋତେ ହତ୍ୟା କରାଯାଏ ତେବେ ଏହାର ଦୋଷୀ ଏସ୍‌ପି ଏବଂ ଅଖିଳେଶ ଯାଦବଙ୍କୁ ଧରାଯାଉ। ସୂଚନାଯୋଗ୍ୟ ଯେ ମାଫିଆ ଅତିକ ମହମ୍ମଦକୁ ମାଟିରେ ମିଶାଇବାକୁ ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରିବାର ୮ ଘଣ୍ଟା ପରେ ଗତ ୧୪ ତାରିଖରେ ଅଖିଳେଶ ପୂଜାଙ୍କୁ ଦଳରୁ ବହିଷ୍କାର କରିଥିଲେ।

## 'ବିନା ରକ୍ତପାତରେ କ୍ଷମତା ପରିବର୍ତ୍ତନ'

### ଦିଲ୍ଲୀରେ ବାଚସ୍ପତିଙ୍କ ସମ୍ମିଳନୀ



ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରବିବାର ଦିଲ୍ଲୀରେ ବିଧାନସଭାରେ ଆୟୋଜିତ 'ସର୍ବ ଭାରତୀୟ ବାଚସ୍ପତି ସମ୍ମିଳନୀ'କୁ ଉଦ୍‌ଘାଟନ କରିଛନ୍ତି। ଏହା ଦୁଇ ଦିନ ପର୍ଯ୍ୟନ୍ତ ଚାଲିବ। ୨୯ ରାଜ୍ୟର ବାଚସ୍ପତି ଏବଂ ୬ ରାଜ୍ୟର ବିଧାନ ପରିଷଦ ସଭାପତି ଓ ଉପସଭାପତି ଏଥିରେ ସାମିଲ ହୋଇଛନ୍ତି। ଏହି ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ଲୋକସଭାର ପୂର୍ବତନ ବାଚସ୍ପତି ମୀରା କୁମାର ଏବଂ ଅନେକ କେନ୍ଦ୍ରମନ୍ତ୍ରୀ ମନ୍ତ୍ରୀ ମଧ୍ୟ ସାମିଲ ହେବେ। ଦିଲ୍ଲୀ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା କହିଥିଲେ ଯେ ୧୯୨୫ ଅଗଷ୍ଟ ୨୪ରେ ବିଠଲଭାଇ ପଟେଲ ସେଣ୍ଟ୍ରାଲ ଆସେମ୍ବଲିର ପ୍ରଥମ ଭାରତୀୟ ବାଚସ୍ପତି ନିର୍ବାଚିତ ହୋଇଥିଲେ। ଏହାର ଶହେ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ବୋଧନ କରି ଶାହା କହିଛନ୍ତି ଯେ ଦେଶ ସ୍ୱାଧୀନ ହେବା ପରେ କିଛି ଲୋକ ଭାରତର ଉପହାସ କରିଥିଲେ। ଏମାନେ କେମିତି ଦେଶ ଚଳାଇବେ ବୋଲି କହିଥିଲେ। କିନ୍ତୁ ଭାରତ ୮୦ ବର୍ଷ ହେଲା ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଝବୁତ କରିଛି।

## ପିଏମ, ସିଏମ୍‌ଙ୍କୁ ବହିଷ୍କାର ବିଲ୍ — ଜେପିସିରେ ସାମିଲ ହେବେନି ତିନି ଦଳ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ଗିରଫ ହୋଇ ୩୦ ଦିନ ହେପାଜତ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ହଟାଇବା ପାଇଁ କେନ୍ଦ୍ର ଆଣିଥିବା ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇ ଦିଆଯାଇଛି। ତେବେ ବିରୋଧୀ ଦଳଗୁଡିକ ଏହି ବିଲ୍‌କୁ ବିରୋଧ କରି ଜେପିସିକୁ ବର୍ଜନ କରୁଛନ୍ତି। ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଟିଏମ୍‌ସି, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ଆମ ଆଦମୀ ପାର୍ଟି (ଆପ୍) ଜେପିସି କମିଟିରେ ସାମିଲ ହେବେନି ବୋଲି ଘୋଷଣା କରିସାରିଛନ୍ତି। ଅଣ-ବିଜେପି ଶାସିତ ରାଜ୍ୟର ସରକାରଙ୍କୁ ଭୁଶୁଡ଼ାଇବା ପାଇଁ ଏହି ବିଲ୍ ଅଣାଯାଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଟିଏମସି ରାଜ୍ୟସଭା ସାଂସଦ ଡେରେକ ଓ' ବ୍ରାଇନ ଜେପିସିକୁ ମୂଲ୍ୟହୀନ କହିଛନ୍ତି। ଆପ୍ ସାଂସଦ ସଞ୍ଜୟ ସିଂହ କହିଛନ୍ତି ଯେ ଦୁର୍ନୀତିଗ୍ରସ୍ତଙ୍କ ନେତା ଦୁର୍ନୀତି ବିରୋଧୀ ବିଲ୍ କେମିତି ଆଣିପାରିବେ? ଜାଲ୍ ମାମଲାରେ ଫସାଇ ନେତାଙ୍କୁ ଗିରଫ କରି ସରକାର ଭୁଶୁଡ଼ାଇବା ଏହି ବିଲ୍‌ର ଉଦ୍ଦେଶ୍ୟ।

## ରାହୁଲଙ୍କ ଭୋଟର ଅଧିକାର ଯାତ୍ରା — ଏସ୍‌ଆଇଆର୍ ଭୋଟ ଚୋରିର ମାଧ୍ୟମ

ପାଟନା, ୨୪।୮ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ଯାଞ୍ଚ ତଥା ଏସ୍‌ଆଇଆରକୁ ବିରୋଧ କରି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆରମ୍ଭ କରିଥିବା 'ଭୋଟର ଅଧିକାର ଯାତ୍ରା' ଅଷ୍ଟମ ଦିନରେ ଅରରିଆରେ ପହଞ୍ଚିଛି। ଏଠାରେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ରାହୁଲ ବାଇକ ଚଳାଇ ଯାତ୍ରାରେ ବାହାରିଥିବା ଦେଖାଯାଇଛି। ଏହି ଯାତ୍ରାରେ ବିରୋଧୀ ମେଣ୍ଟ ଇଣ୍ଡିଆର ଅନ୍ୟ ସଦସ୍ୟ ମଧ୍ୟ ସାମିଲ ହୋଇଛନ୍ତି। ଏଠାରେ ତେଜସ୍ୱୀଙ୍କ ସହ ସାମ୍ବାଦିକ ସମ୍ମିଳନୀ କରି ରାହୁଲ ପୁଣି ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ଇସି ଭୋଟ ଚୋରି କରିବା ପାଇଁ ଏସ୍‌ଆଇଆର ଆରମ୍ଭ କରିଛନ୍ତି। ଏହାକୁ ସଂସ୍ଥାଗତ ବନାଇବାକୁ ପ୍ରୟାସ ହେଉଛି। ଲକ୍ଷ ଲକ୍ଷ ଭୋଟରଙ୍କ ନାମ ହଟାଇ ଦିଆଯାଇଛି। ଇସି ବିଜେପି ପାଇଁ କାମ କରୁଛନ୍ତି। ବିରୋଧୀ ଅଭିଯୋଗ କରି ଚାଲିଥିବାବେଳେ ବିଜେପି ଏ ପର୍ଯ୍ୟନ୍ତ ମୁହଁ ଖୋଲୁନାହିଁ। କାରଣ ବିଜେପି ଏବଂ ଇସିଙ୍କ ମଧ୍ୟରେ ଭାଗିଦାରୀ ହୋଇଯାଇଛି।

## ଯୌତୁକ ଜୁଇରେ ଦିନକୁ ଯାଉଛି ୨୦ ମହିଳାଙ୍କ ଜୀବନ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି):

ଉତ୍ତର ପ୍ରଦେଶ ଗ୍ରେଟର ନୋଏଡ଼ାର ନିକ୍କି ହତ୍ୟାକାଣ୍ଡ ସାରା ଦେଶକୁ ବିଚଳିତ କରିଦେଇଛି। ଅଧିକ ଯୌତୁକ ପାଇଁ ପେଟ୍ରୋଲ ପକାଇ ସ୍ୱାମୀ ଏବଂ ଶାଶୁ-ଶଶୁର ତାଙ୍କୁ ନିଆଁ ଲଗାଇ ହତ୍ୟା କରିଥିଲେ। ଏବେ ସମସ୍ତେ ନିକ୍କିଙ୍କ ପାଇଁ ନ୍ୟାୟ ମାଗୁଛନ୍ତି। ଏହି ଘଟଣା ସାରା ଦେଶକୁ ଲଜ୍ଜିତ କରିଦେଇଛି। କିନ୍ତୁ ପୁଅ ଆଗରେ ମାଆକୁ ମାରିଥିବା ପିଶାଚ ସ୍ୱାମୀ ପଶ୍ଚାତାପ କରିବାକୁ ମଧ୍ୟ ଉଚିତ ମଣିନାହିଁ। ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ନିଜକୁ ଆଧୁନିକ କହି



ଗର୍ବ କରୁଥିବା ଭାରତୀୟ ସମାଜରେ ଯୌତୁକ ଜନିତ ବଧୂ ହତ୍ୟା ବ୍ୟାଧି ଭଳି ବ୍ୟାପିବାରେ ଲାଗିଛି। ଯୌତୁକର ଲୋଭ ମନୁଷ୍ୟକୁ ପଶୁବତ୍ କରିଦେଉଛି। ଏଥିପାଇଁ ରାକ୍ଷସ ପାଲଟି ମହିଳାଙ୍କ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ପ୍ରତ୍ୟେକ ଦିନ ଯୌତୁକ ଯୋଗୁଁ ୨୦ ମହିଳାଙ୍କ ମୃତ୍ୟୁ ହେଉଛି।

ଗତ ୨୨ ବର୍ଷ ମଧ୍ୟରେ ଯୌତୁକ ନାମରେ ୧.୮ ଲକ୍ଷ ମହିଳାଙ୍କୁ ହତ୍ୟା କରାଯାଇଛି। ୨୦୧୮ରୁ ୨୦୨୧ ମଧ୍ୟରେ ୩୪, ୪୯୩ ମହିଳାଙ୍କୁ ମାରି ଦିଆଯାଇଛି। କେବଳ ୨୦୨୨ରେ ୬, ୪୫୦ ମହିଳାଙ୍କୁ ହତ୍ୟା କରାଯାଇଥିଲା। ଉତ୍ତର ପ୍ରଦେଶରୁ ସର୍ବାଧିକ ଯୌତୁକ ମାମଲା ସାମ୍ନାକୁ ଆସିଛି। ୟୁପିରେ ଯୌତୁକ ଯୋଗୁଁ ୧୧, ୮୭୪ ମହିଳାଙ୍କ ଜୀବନ ଯାଇଛି। ସେହିପରି ବିହାରରେ ୫,୩୫୪, ମଧ୍ୟପ୍ରଦେଶରେ ୨, ୮୫୯, ପଶ୍ଚିମବଙ୍ଗରେ ୨, ୩୮୯ ଏବଂ ରାଜସ୍ଥାନରେ ୨,୨୪୪ ମହିଳା ଯୌତୁକ ଯୋଗୁଁ ଜୀବନ ହରାଇଛନ୍ତି। ୨୦୨୪ରେ ମହିଳା ବିରୋଧୀ ଅପରାଧକୁ ନେଇ ୨୫, ୭୪୩ ଅଭିଯୋଗ ରୁଜୁ ହୋଇଥିଲା। ଏଥିରେ ସର୍ବାଧିକ ୨୪ ପ୍ରତିଶତ ତଥା ୬, ୨୩୭ ମାମଲା ଘରୋଇ ହିଂସାର ଥିଲା। ସେହିପରି ଯୌତୁକ ଉତ୍ପୀଡ଼ନର ୧୭ ପ୍ରତିଶତ ଅର୍ଥାତ୍ ୪, ୩୮୩ ମାମଲା ରେକର୍ଡ କରାଯାଇଥିଲା।

■ ନନ୍ଦନକାନନରେ କାନ୍ଦୁଛି ଧଳାବାଘ ମୌସୁମୀ

# ଆଖିବୁଜିଲା ରୋଗଗ୍ରସ୍ତ ଶାବକ

ବାରଙ୍ଗ/ନନ୍ଦନକାନନ,୨୪।୮(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ଏକ ଧଳା ପୁରୁଷ ବାଘ ଛୁଆର ମୃତ୍ୟୁ ଘଟିଛି। ଦୀର୍ଘ ଦିନ ଧରି ଚିକିତ୍ସା ଏବଂ ଯତ୍ନ ସତ୍ତ୍ୱେ ବାଘ ଛୁଆଟିକୁ ବଞ୍ଚାଇ ପାରିନାହାନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଗତ ୭ ଜୁନ୍‌ରେ ଧଳା ବାଘୁଣୀ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ ରାଜେଶଠାରୁ ୨ଟି ଛୁଆ ଜନ୍ମ ହୋଇଥିଲା। ସେଥିମଧ୍ୟରୁ ପୁରୁଷ ଛୁଆଟି ବହୁତ ଦୁର୍ବଳ ଓ କମ୍ ଓଜନ (୬୫୦ ଗ୍ରାମ୍‌ର ରହିଥିଲା। କୁକୁରମାନଙ୍କ ଭଳି ତା'ର ସ୍ୟୁଇମର ପପି ସିଣ୍ଡ୍ରୋମ ବିକୃତି ଦେଖାଦେଇଥିଲା। ଜୁନ୍ ୧୧ରେ ଶାବକଟି କ୍ଷୀରପାନ କରିପାରି ନଥିଲା। ତେଣୁ ତାକୁ ପ୍ରାଣୀ ଶିଶୁପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପରୀକ୍ଷା ପରେ ଶାବକର ନାଭିରେ ସଂକ୍ରମଣ, ଶରୀରର ତାପମାତ୍ରା କମ ଏବଂ ସାଧାରଣ ଦୁର୍ବଳତାରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ପରେ ଶାବକଟିକୁ ନେଇ ଏକ ଇନକ୍ୟୁବେଟର୍‌ରେ ରଖାଯାଇଥିଲା ଏବଂ ଅକ୍ସିଜେନ, ଇନଫ୍ରାରେଡ୍ ଥେରାପି ଦିଆଯାଇଥିଲା। ତା'ର ଶରୀରର ବିଭିନ୍ନ ଅଙ୍ଗକୁ ସୁଦୃଢ଼ କରିବା ପାଇଁ ପ୍ରତିଦିନ ଫିଜିଓଥେରାପିର ସହାୟତା ମଧ୍ୟ ନିଆଯାଉଥିଲା। ବିଶେଷଜ୍ଞ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଯତ୍ନ ଏବଂ ଯାଞ୍ଚ ସତ୍ତ୍ୱେ ଶାବକଟିର ସ୍ୱାସ୍ଥ୍ୟବସ୍ଥା ସୁଧୁରିନଥିଲା। ସବୁବେଳେ ପଡ଼ି ରହିବା ଯୋଗୁଁ ମଳରେ ରକ୍ତ, କାନ ସଂକ୍ରମଣ ଏବଂ ଶରୀରରେ କ୍ଷତ ଆରମ୍ଭ ହୋଇଥିଲା। ଫଳରେ ଶନିବାର ସକାଳେ ଛୁଆଟିର ମୃତ୍ୟୁ ହୋଇଯାଇଥିଲା।

ମୌସୁମୀର ଅନ୍ୟ ମାଈ ସାଧାରଣ ରଙ୍ଗର ବାଘ ଛୁଆଟିର ମଧ୍ୟ ଡାହାଣ ପଛ ଅଙ୍ଗରେ ଜନ୍ମଗତ ସମସ୍ୟା ଥିବାରୁ ଚିକିତ୍ସାଧୀନ ରହିଛି ବୋଲି



ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ କହିଛନ୍ତି। ବାଘ ଛୁଆଟିର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୮ରେ ପହଞ୍ଚିଛି। ସେଥିମଧ୍ୟରୁ ୧୭ଟି ଅଣ୍ଡିରା ଓ ୧୧ଟି ମାଈ ରହିଛନ୍ତି। ଯେଉଁଥିରେ ୧୯ଟି ସାଧାରଣ ରଙ୍ଗର ବାଘ (୧୧ ପୁରୁଷ, ୮ ମାଈ), ୫ ଧଳାବାଘ (୩ ପୁରୁଷ, ୨ ମାଈ) ଏବଂ ୪ଟି କଳାବାଘ (୩ ପୁରୁଷ,୧ମାଈ) ଅଛନ୍ତି।

ରାଜ୍ୟରେ 'ପିଏମ୍ ସୂର୍ଯ୍ୟଘର' ଯୋଜନା ମନ୍ଥର

# ୩ ଲକ୍ଷ ଟାର୍ଗେଟ୍; ମାତ୍ର ୨୦ ହଜାର ଘରକୁ ସଂଯୋଗ

ଭୁବନେଶ୍ୱର,୨୪।୮(ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏକ୍ଷେତ୍ରରେ ରିଆତି ବ୍ୟବସ୍ଥା କରିଥିଲେ ହେଁ ଓଡ଼ିଶାରେ ଏହା ଆଖିଦୃଶିଆ ସଫଳତା ହାସଲ କରିପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏହି ଯୋଜନାକୁ ଉପଭୋକ୍ତା ଉପଯୋଗୀ କରିବା ପାଇଁ ଯୋଜନା କରାଯାଉଛି। ସୂଚନା ଅନୁଯାୟୀ ଏଣିକି ଏକ କିଲୋୱାଟ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବା ପାଇଁ ଉପଭୋକ୍ତାଙ୍କୁ ମାତ୍ର ୫ ହଜାର ଟଙ୍କା ଦେବାକୁ ପଡ଼ିବ। ଅବଶିଷ୍ଟ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦେଉଥିବା ସବସିଡି ଅର୍ଥରୁ ଭରଣା କରାଯିବ। ଉପଯୋଗିତା ଆଧାରିତ ଏକତ୍ରୀକରଣ ମଡେଲ ଅଧିନରେ ଓଡ଼ିଶାର ବିତରକ କମ୍ପାନୀଙ୍କ ଏହି ପ୍ରସ୍ତାବକୁ କେନ୍ଦ୍ର ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରାଳୟ ଅନୁମୋଦନ ଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଓଡ଼ିଶାକୁ ୩ ଲକ୍ଷ ଟାର୍ଗେଟ୍ ଦିଆଯାଇଥିଲା। କିନ୍ତୁ ଓଡ଼ିଶାରେ ଏହା ଧିମେଇ ଯାଇଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୨୦ ହଜାର ସଂଯୋଗ ଦିଆଯାଇ ପାରିଛି। ରାଜ୍ୟରେ ବର୍ତ୍ତମାନ ଯୋଜନା ଅଧୀନରେ ପ୍ରାୟ ୧ ଲକ୍ଷ ୮୦ ହଜାର ଆବେଦନ ଥିବାବେଳେ ଏହାକୁ ରେଗୁଲାର ମନିଟରିଂ କରାଯିବ



ବୋଲି ବିଭାଗୀୟ ସ୍ତରରେ ନିଷ୍ପତ୍ତି ହୋଇଛି।

ପିଏମ ସୂର୍ଯ୍ୟଘର ଯୋଜନାରେ ଏକ କିଲୋୱାଟ କ୍ଷମତା ବିଶିଷ୍ଟ ରୁଫଟପ୍ ସୋଲାର ପ୍ୟାନେଲ ଲଗାଇବାକୁ ପ୍ରାୟ ୬୦ ହଜାର ଟଙ୍କା ପଡ଼ୁଛି। ତନ୍ମଧ୍ୟରୁ କେନ୍ଦ୍ରୀୟ ସବସିଡି ବାବଦରେ ୩୦ ହଜାର ଟଙ୍କା ମିଳୁଥିବା ବେଳେ ରାଜ୍ୟ ସବସିଡି ବାବଦରେ ୨୫ ହଜାର ଟଙ୍କା ପ୍ରଦାନ କରାଯାଉଛି। ଅବଶିଷ୍ଟ ୫ ହଜାର ଟଙ୍କା ଉପଭୋକ୍ତା ବହନ କରୁଛନ୍ତି। ତେବେ ପୂର୍ବରୁ ପ୍ରଥମେ ଉପଭୋକ୍ତାଙ୍କୁ ସମସ୍ତ ଅର୍ଥ ପ୍ରଦାନ କରିବାକୁ ପଡୁଥିଲା। ଘର ଛାତ ଉପରେ ପ୍ୟାନେଲ ଲଗାଯିବା ପରେ ସବସିଡି ଅର୍ଥ ହିତାଧିକାରୀଙ୍କ ଖାତାକୁ ଆସୁଥିଲା। ତେବେ ନୂଆ ଅନୁମୋଦନ ପରେ ୧ କିଲୋୱାଟ ପାଇଁ ଗ୍ରାହକ ମାତ୍ର ୫ ହଜାର ଟଙ୍କା ପ୍ରଦାନ କରିବେ। ଯାହାଫଳରେ ଆବେଦନକାରୀ ଅର୍ଥ ପୈଠ ବେଳେ ଆସ୍ୱସ୍ତି ପାଇବେ ବୋଲି

■ ଉପଭୋକ୍ତାଙ୍କୁ ଉପଯୋଗୀ ହେବ ସୌର ଶକ୍ତି ଯୋଜନା
■ ୫ ହଜାର ଟଙ୍କାରେ ମିଳିବ ୧ କିଲୋୱାଟର ରୁଫ୍‌ଟପ୍ ପ୍ୟାନେଲ

ଜଣାପଡ଼ିଛି। ଅପରପକ୍ଷେ ଏହି ଯୋଜନାରେ ଲାଭ ଉଠାଇବା ପାଇଁ ମଧ୍ୟ କେତେକ ସର୍ତ୍ତ ରଖାଯାଇଛି। ଏହି ପ୍ୟାନେଲ କେବଳ ଛାତ ଉପରେ ଲାଗି ପାରିବ। ଏହାବ୍ୟତୀତ ଅଣ ଛାତ ଉପରେ ଏହାର ବ୍ୟବହାର କରାଯାଇପାରିବ ନାହିଁ। ପ୍ୟାନେଲ ଲାଗି ସାରିବା ପରେ ୫ ବର୍ଷ ଯାଇଁ କମ୍ପାନୀ ଏହାର ରକ୍ଷଣାବେକ୍ଷଣ କରିବ ବୋଲି ଜଣାପଡ଼ିଛି।

ମୃତ୍ୟୁ ବି ଏମିତି ଆସେ...

# ଖେଳୁଖେଳୁ ଚାଲିଗଲା ଜୀବନ

ଶୋକରେ ଭିଜିଲା କାଉନସିଲର କପ୍ ଫୁଟ୍‌ବଲ୍

ପଡ଼ିଆରେ ନ ଥିଲା ଡାକ୍ତରୀ ଟିମ୍ କି ଆମ୍ବୁଲାନ୍ସ

ଚିକିତ୍ସାରେ ବିଳମ୍ବ ଯୋଗୁଁ ମୃତ୍ୟୁ ଅଭିଯୋଗ



ଦେବଗଡ଼, ୨୪।୮ (ସମିସ): ଏମିତି ବି ଆସେ ମୃତ୍ୟୁ। ଖେଳୁଖେଳୁ ପଡ଼ିଆ ମଝିରେ ଚାଲିଗଲା ଜୀବନ। ଦେବଗଡ଼ ଜିଲ୍ଲା ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ହେଲେ, ପୌରାଞ୍ଚଳର ୨ ନମ୍ବର ୱାର୍ଡ ଭୂୟାଁ ସାହିର ପ୍ରକାଶ ନାଏକ (୩୩)। ଦେବଗଡ଼ ଥାନା ପୁଲିସ ପ୍ରକାଶଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ୨୧ ତାରିଖରୁ କାଉନସିଲର କପ୍ ଫୁଟବଲ ପ୍ରତିଯୋଗିତା ଚାଲିଛି। ଏଥିରେ ଆଜି ୱାର୍ଡ ନଂ ୨ ଏବଂ ୱାର୍ଡ ନଂ ୭ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଚାଲିଥିବା ବେଳେ ପ୍ରକାଶ ହଠାତ ପଡ଼ିଆ ମଧ୍ୟରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରତିଯୋଗିତା ଆୟୋଜନ ପୂର୍ବରୁ ପଡ଼ିଆରେ ଡାକ୍ତରୀ ଟିମ୍ ଓ ଆମ୍ବୁଲାନ୍ସ ଯୋଗାଇବା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଥିଲା। ହେଲେ ପଡ଼ିଆରେ ଡାକ୍ତର କି ଆମ୍ବୁଲାନ୍ସ ପହଞ୍ଚି ନଥିଲା। ଫଳରେ ଗୁରୁତର ପ୍ରକାଶଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ସହରଠାରୁ ୬ କିମି ଦୂର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପଡ଼ିଥିଲା। ଚିକିତ୍ସା ପାଇଁ ନେବାରେ ବିଳମ୍ବ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ୍ ପକ୍ଷରୁ ୧୦ ହଜାର ଓ ପୌର ପରିଷଦ ପକ୍ଷରୁ ୧୦ ହଜାର ଟଙ୍କା ତତ୍କାଳ ସହାୟତା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଡବଲ ଇଞ୍ଜିନ ସରକାରଙ୍କ ଚାଷୀଙ୍କୁ ଡବଲ ପ୍ରତାରଣା: କଂଗ୍ରେସ

ଭୁବନେଶ୍ୱର,୨୪।୮(ସମିସ): ରାଜ୍ୟରେ ରୁଆ ବେଉଷଣ ସମୟରେ କଳାବଜାର ଓ ସରକାରୀ ବିଫଳତା ଯୋଗୁଁ ୟୁରିଆ ସଙ୍କଟ ସୃଷ୍ଟି ହୋଇଛି। ସରକାର କହିଥିଲେ ୨. ୯୪ ଲକ୍ଷ ଟନ୍ ୟୁରିଆ ପୂର୍ବରୁ ଷ୍ଟକ୍ ଥିଲା ଓ ୪.୫ ଲକ୍ଷ ଟନ୍ ଖରିଫ ପାଇଁ ମିଳିଥିବାରୁ ୭.୯୪ ଲକ୍ଷ ଟନ୍ ଉପଲବ୍ଧ

■ ରାଜ୍ୟରେ ଚରମ ସୀମାରେ ପହଞ୍ଚିଛି ୟୁରିଆ କଳାବଜାର
■ ଚାଷୀଙ୍କ ବିପଦ ସମୟରେ କୃଷିମନ୍ତ୍ରୀ ଦେଉଛନ୍ତି ନିର୍ଲଜ୍ଜ ବକ୍ତବ୍ୟ

ଅଛି। ସେଥିରୁ ୩.୬୫ ଲକ୍ଷ ଟନ୍ ବିକ୍ରି ହୋଇଛି ଓ ୪.୨୪ ଲକ୍ଷ ଟନ୍ ବିଭିନ୍ନ ଜିଲ୍ଲାରେ ବାକି ରହିଛି। କିନ୍ତୁ ସରକାରଙ୍କର କଥା ଯଦି ସତ, ତା ହେଲେ ଚାଷୀମାନେ କାହିଁକି ସାର ପାଉନାହାନ୍ତି ବୋଲି ରାଜ୍ୟ କଂଗ୍ରେସ ପ୍ରଶ୍ନ କରିଛି।

ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଛନ୍ତି ଯେ



ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ରତଟୀୟ ଅଞ୍ଚଳରେ ୨୬୬.୫୦ ଦରର ୟୁରିଆ ୫୦୦ ଟଙ୍କାରୁ ୬୦୦ ଟଙ୍କା ବିକ୍ରି ହେଉଛି। ଏପରିକି ନୂଆପଡାରେ ୟୁରିଆ ବ୍ୟାଗପିଛା ୯୦୦ ଟଙ୍କା ଦେବାକୁ ଚାଷୀ ବାଧ୍ୟ ହେଉଛି । ୧୩୫୦ ଟଙ୍କାର ଡିଏପି ୧୭୦୦ ଟଙ୍କାରେ ବିକ୍ରି ହେଉଛି। ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ପ୍ରାଇଭେଟ୍ ବେପାରୀଙ୍କୁ ବେପରୁଆ ଭାବେ ବାଣ୍ଟି ଦିଆଯାଉଥିବାରୁ ସେମାନେ କଳାବଜାରୀରେ ଦୁଇଗୁଣା ଦରରେ ବିକୁଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି।

ୟୁରିଆ ଅଭାବ କେମିତି ଚାଷୀମାନଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି ସେ ବିଷୟରେ ପିସିସି ମୁଖପାତ୍ର ଡ଼ ମନିଷା ଦାସ ପଟ୍ଟନାୟକ ଆଲୋକପାତ କରିବା ସହ କଳାବଜାରୀଙ୍କୁ ଜବତ କରି ଦୋଷୀ ଡିଲର ଓ କର୍ମଚାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସେହିପରି ଅନ୍ୟତମ ମୁଖପାତ୍ର ଅଶୋକ ସ୍ୱାଇଁ, ରୂପାଦୀପ୍ତା ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର କହିଥିଲେ ଯେ ଏହା କେବଳ ସରକାରଙ୍କ ବିଫଳତା ତାହା ନୁହେଁ, ଏହା କୃଷକଙ୍କ ସହିତ ବେଇମାନି । ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ନିଜେ କୃଷିମନ୍ତ୍ରୀ ହୋଇଥିବା ସତ୍ତ୍ୱେ କୃଷକ ମାନେ ସାର ପାଇଁ ଡହଳ ବିକଳ ହେବା ଦୁର୍ଭାଗ୍ୟଜନକ। ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ପ୍ରଦେଶ କଂଗ୍ରେସ ଅବେହେଳିତ ଚାଷୀ ମାନଙ୍କ ସହିତ ନିକଟସ୍ଥ ସମସ୍ତ କୃଷି କାର୍ଯ୍ୟାଳୟକୁ ଘେରାଉ କରିବାକୁ ବାଧ୍ୟ ହେବ ବୋଲି କଂଗ୍ରେସ କହିଛି।

ଉଚ୍ଚଶିକ୍ଷା ବିବାଗର ଅଜବ ନୀତି

# ତଦନ୍ତ ବଦଳରେ ଅଭିଯୋଗକାରୀଙ୍କୁ ଖୋଜୁଛି

ଭୁବନେଶ୍ୱର, ୨୪।୮(ସମିସ): ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟରେ ପ୍ରାୟ ୧କୋଟି ୪୪ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ସ୍ପେସାଲ୍ ଅଡିଟ୍‌ରେ ଧରାପଡ଼ିଛି। ଅନିୟମିତତା ଅର୍ଥ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କଠାରୁ ଭରଣା କରିବା ପାଇଁ ସ୍ୱତନ୍ତ୍ର ଅଡିଟ୍ ପ୍ରତିନିଧିଦଳ ସରକାରଙ୍କୁ ସୁପାରିସ୍ କରିଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ଅଧ୍ୟକ୍ଷଙ୍କୁ ଅପସାରଣ କରିଥିଲା। ଏପରିକି କୋଟିଏରୁ ଅଧିକ ଟଙ୍କା ତାଙ୍କଠାରୁ ଭରଣା କରିବାର ଥିବାରୁ ତାଙ୍କୁ ଅଧ୍ୟକ୍ଷ ଭାବେ ପୁନଃନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ ତତ୍କାଳୀନ ସ୍ୱତନ୍ତ୍ର ସଚିବ ପ୍ରମୋଦ କୁମାର ମିଶ୍ର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିଲେ। ହେଲେ ସରକାର ବଦଳିବା ପରେ ସବୁ ବଦଳି ଯାଇଛି। ଅର୍ଥ ଭରଣା କରିବା ବଦଳରେ ପୁନଃ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିଥିବା ସ୍ୱତନ୍ତ୍ର ସଚିବ ହିଁ ସମ୍ପୃକ୍ତ ଅଧ୍ୟକ୍ଷଙ୍କୁ ପୁନର୍ବାର ନିଯୁକ୍ତି କରିବାକୁ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଦୋମୁହାଁ ନୀତି ଅବଲମ୍ବନ କରି ଦୁର୍ନୀତିଗ୍ରସ୍ତଙ୍କୁ ପୁରସ୍କୃତ କରିଥିବା ଅଧିକାରୀ ଓ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟଧାରା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରୋଚକ କଥା ହେଲା, ଏହି ଦୁର୍ନୀତି ଅଭିଯୋଗର ତଦନ୍ତ କରିବା ବଦଳରେ ଅଭିଯୋଗକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ଖୋଜୁଛି ଉଚ୍ଚଶିକ୍ଷା

■ ବିଜୁ ପଟ୍ଟନାୟକ କଲେଜରେ ଟଙ୍କା ହେରଫେର୍ ଧରିଥିଲା ସ୍ୱତନ୍ତ୍ର ଅଡିଟ୍
■ ଅଧ୍ୟକ୍ଷଙ୍କଠାରୁ ଅର୍ଥ ଆଦାୟ ବଦଳରେ ଦିଆଯାଇଛି ପୁନଃ ନିଯୁକ୍ତି

ବିଭାଗ। ଶ୍ରୀ ମହାନ୍ତି ଗତ ଏପ୍ରିଲ ୯ ତାରିଖରେ ଉଚ୍ଚଶିକ୍ଷା ବିଭାଗକୁ ମେଲ୍ ଯୋଗେ ଅଭିଯୋଗ କରିଥିଲେ। ନିଜର ଆଧାରକାର୍ଡ ସହ ସମସ୍ତ ପ୍ରମାଣ ସଂଯୋଗ କରିଥିଲେ। ଏହାର ପ୍ରାୟ ଅଢ଼େଇ ମାସ ପରେ ଅର୍ଥାତ୍ ଜୁନ୍ ୨୫ରେ ଅଭିଯୋଗ ଆସିଥିବା ମେଲ୍ ଆଇଡି ଟି ଅଭିଯୋଗକାରୀଙ୍କ ନା ନାହିଁ, ସୁନିଶ୍ଚିତ କରିବାକୁ ବିଭାଗ ପକ୍ଷରୁ ଡାକ ଯୋଗେ ଚିଠି ପଠାଯାଇଥିଲା। ଏହାର ଉତ୍ତର ରଖିବା ସହ ସେ ହିଁ ଅଭିଯୋଗକାରୀ ବୋଲି ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ମେଲ୍ ଓ ଡାକ ଯୋଗେ ଅବଗତ କରିଥିଲେ। ହେଲେ ଏହାର ପ୍ରାୟ ଦୁଇ ମାସ ଅର୍ଥାତ ଗତ ୧୩ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପୁନଃ ଚିଠି କରି ସମାନ କଥା ଉଲ୍ଲେଖ କରିଛି।

ଅଭିଯୋଗକାରୀଙ୍କ କହିବା କଥା, ମେଲ୍ ମାଧ୍ୟମରେ ଅଭିଯୋଗ କରିବା ଏବଂ ସେହି ମେଲ୍ ଆଇଡି ତାଙ୍କର ବୋଲି ସୁନିଶ୍ଚିତ କରିବା ପରେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ବିଭାଗ ପକ୍ଷରୁ ଏପରି ଚିଠି କରାଯାଉଛି। ବିଭାଗ ନିକଟରେ ହେଉଥିବା ସମସ୍ତ ଅଭିଯୋଗର ମେଲ୍-ଆଇଡି ନିଶ୍ଚିତ କରିବାକୁ ଅଭିଯୋଗକାରୀଙ୍କୁ ଏପରି ଚିଠି କରାଯାଉଛି ନା ଏହା କେବଳ ତାଙ୍କ କ୍ଷେତ୍ରରେ ବୋଲି ପ୍ରଶ୍ନ କରିଛନ୍ତି। ଦୁର୍ନୀତି ଚେର ବହୁ ଦୂରକୁ ଲମ୍ବିଥିବାରୁ ଅଭିଯୋଗର ତଦନ୍ତ ବଦଳରେ ସମୟ ଗଡ଼ାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଘଟଣାର ତ୍ୱରିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନୋବାକୁ ସେ ଦାବି କରିଛନ୍ତି। ଅନ୍ୟଥା ସଚିବାଳୟ ସମ୍ମୁଖରେ ଆଧାରକାର୍ଡ ଧରି ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପୂର୍ବ ଶତ୍ରୁତା ନା ଡାହାଣୀ ସନ୍ଦେହ

# ଘରେ ପଶି ମହିଳାଙ୍କ ଗଣ୍ଡି-ମୁଣ୍ଡ ଅଲଗା କରିଦେଲା

ରାଇରଙ୍ଗପୁର/ବହଳଦା,୨୪।୮(ସମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ତିରିଂ ଥାନା ଅଧୀନ ଦେଓଗାଁରେ ଶନିବାର ରାତିରେ ଜଣେ ମହିଳାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ହେଲେ, ଗାଁର ମୋଠାଇ ଗୋଇପାଇଙ୍କ ସ୍ତ୍ରୀ ସୁହାଗି ଗୋଇପାଇ (୩୫)। କେହି ଦୁର୍ବୃତ୍ତ କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଯେନା, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ପ୍ରଶାନ୍ତ ଜେନା ପ୍ରମୁଖ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୁଲିସ୍ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତା କିମ୍ବା ଡାହାଣୀ ସନ୍ଦେହରେ ସୁହାଗିଙ୍କୁ କେହି ହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅପରପକ୍ଷେ,ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୂଚନାନୁସାରେ, ଶନିବାର ଅପରାହ୍ଣରେ ମୋଠାଇ ଗାଁ ପାଖ ପଡ଼ିଆରେ ଚାଲିଥିବା ଫୁଟବଲ୍ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୮ଟା ବେଳକୁ ସେ ଘରକୁ ଫେରି ଦେଖିବା ବେଳକୁ ଚୁଲି ପାଖରେ ସୁହାଗିଙ୍କ ରକ୍ତ ଜୁଡୁବୁଡୁ ଶବ ପଡ଼ିଛି ଏବଂ ମୁଣ୍ଡରୁ ପୂରା ଗଣ୍ଡି ଅଲଗା ହୋଇଯାଇଛି। ସୁହାଗି ରୋଷେଇ କରୁଥିବା ବେଳେ କେହି ଦୁର୍ବୃତ୍ତ ପଛରୁ ତାଙ୍କୁ ଏପରି ବୀଭତ୍ସ ହତ୍ୟା କରିଥାଇପାରେ ବୋଲି କୁହାଯାଉଛି।

୨୮ରେ ନୂଆଖାଇ

# ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଲା ନୂଆ ଧାନ

ସମ୍ବଲପୁର, ୨୪।୮ (ସମିସ): ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠରେ ନବାନ୍ନ ଲାଗି ପାଇଁ ରବିବାର ପୂର୍ବାହ୍ଣରେ ମନ୍ଦିରରେ ନୂଆଁ ଧାନ ଆସି ପହଞ୍ଚିଛି। ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ବଲବସପୁରର ଚାଷୀ ସୁବାସ ବେହେରା ସରିଆ ଧାନ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ଏହା ଅର୍ପଣ କରିଛନ୍ତି। ଆସନ୍ତା ୨୮ ତାରିଖ (ଗୁରୁବାର) ନିର୍ଦ୍ଧାରିତ ଶୁଭଲଗ୍ନରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ।

ବ୍ରହ୍ମପଣ୍ଡିତ ମହାସଭାରେ ଗଣନା ପରେ ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବାହ୍ଣ ୧୦ଟା ୩୩ ମିନିଟରୁ ୧୦ଟା ୫୫ ମିନିଟ ମଧ୍ୟରେ ଲଗ୍ନ ନିର୍ଣ୍ଣୟ କରାଯାଇଛି। ନୂତନ ଚାଉଳରୁ ନିର୍ମିତ ପିଠାପଣା, କ୍ଷୀରି ଆଦି ମା' ସମଲେଶ୍ୱରୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନରେ ଭୋଗ ଲାଗି ହୋଇଥାଏ। ମନ୍ଦିର ସକାଶେ ପ୍ରଦାନ କରାଯାଇଥିବା ନୂଆଁ ଧାନକୁ ପୂଜକ ପରିବାରର ମହିଳାମାନେ ଖରାରେ ଶୁଖାଇବା ସହ ଭାଜିବା ପରେ କୁଟି ପାରମ୍ପରିକ ପଦ୍ଧତିରେ ଚାଉଳ ପ୍ରସ୍ତୁତ କରିଥା'ନ୍ତି। ଆଜି ନୂଆଁ ଧାନ ପ୍ରଦାନ ସମୟରେ ଶ୍ରୀ ବେହେରାଙ୍କ ଝିଅ ପୂଜାରାଣୀ ଓ ପତ୍ନୀ ପଦ୍ମିନୀ ସାଙ୍ଗରେ ଆସିଥିଲେ।

ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀ ରାୟ କହିଛନ୍ତି ଯେ ନୂଆଁଖାଇ ପାଇଁ ସମଲେଶ୍ୱରୀ ମନ୍ଦିରରେ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ଭୋଗ ଲାଗି ପାଇଁ ଆବଶ୍ୟକ ନୂଆଁ ଧାନ



ପହଞ୍ଚି ଯାଇଛି। ବଲବସପୁରର ଚାଷୀ ସୁବାସ ବେହେରା ଗତ ୭ରୁ ୮ ବର୍ଷ ହେଲା ଧାନ ଚାଷ କରି ଆଣି ଦେଉଛନ୍ତି। ଧାନ ସହ କୁରେଇ ପତ୍ର ଓ ସାରୁ ଶାଗ ଆଣିଛନ୍ତି। କୁରେଇ ପତ୍ରରେ ଭୋଗ ଲଗାଯାଉଥିବା ବେଳେ ସାରୁପତ୍ର ମା'ଙ୍କଠାରେ ଭୋଗ ଲାଗିଥାଏ। ଏହି ଧାନ ପୂରା ନହୋଇ କ୍ଷୀର ଧରିଥାଏ। ଯେହେତୁ ଦେବୀଙ୍କଠାରେ ଏହା ନୂଆ ଲାଗିହେବ, ତେଣୁ ଏହା କ୍ଷୀର ଧରିଥିବା ବେଳେ ଅମଳ କରାଯାଏ। କାରଣ, ଧାନ ସମ୍ପୂର୍ଣ୍ଣ ପାକଳ ହେଲେ ତାହା ଚଢ଼େଇ, ଚିରିଗୁଣୀ ବା ପଶୁପକ୍ଷୀ ଅଇଁଠା କରିଦେବା ଆଶଙ୍କା ଥିବାରୁ ଅଧା ପାକଳ ଓ ଅଧା କ୍ଷୀର ଧରିଥିବା ଧାନକୁ ଅମଳ କରାଯାଏ।

# ମାସେ ହେଲା ସାର ନ ପାଇ ଚାଷୀ ହନ୍ତସନ୍ତ

## ରାଜ୍ୟରେ ସାର ଅଭାବକୁ ସ୍ୱୀକାର କଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୨୪।୮(ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ରହିଛି। ପୂର୍ବରୁ ରବି ଚାଷ ବେଳର ୪ ଲକ୍ଷ ମେଟ୍ରିକ୍ ଟନ୍ ସାର ବଳକା ରହିଛି। ଆହୁରି ୮ ଲକ୍ଷ ସାର କେନ୍ଦ୍ରରୁ ଅଣାଯାଉଛି। ତେଣୁ ଚାଷୀମାନେ ସାର ପାଇବାରେ କୌଣସି ସମସ୍ୟା ଭୋଗିବେନି। ଖରିଫ୍ ଚାଷ ଆରମ୍ଭରୁ ରାଜ୍ୟ ସରକାର ତଥା କୃଷି ବିଭାଗ ଚାଷୀମାନଙ୍କୁ ଏଭଳି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସାରର ଆବଶ୍ୟକତା ପଡ଼ିବାବେଳକୁ ସ୍ଥିତି ସଂପୂର୍ଣ୍ଣ ବଦଳିଗଲା। ବିଶେଷକରି ଚାଷୀମାନେ ରୁଆ ବେଉଷଣ ସାରି ୟୁରିଆ ସାର ପାଇଁ ସମବାୟ ଆଗରେ ଦିନ ଦିନ ଧରି ଅପେକ୍ଷା କଲେ ବି ସାର ମିଳିଲାନି। ଯେଉଁମାନଙ୍କ ପାଖରେ ଟଙ୍କା ଥିଲା, ସେମାନେ ୨୩୩ଟଙ୍କ କ୍ୱିଣ୍ଟାଲ୍ ଦରରେ ସରକାରୀ ଭାବେ ମିଳୁଥିବା ୟୁରିଆ ସାରକୁ ଖୋଲାବଜାରରୁ ୭ଶହ ଟଙ୍କା ଦେଇ କିଣିଲେ। ମାତ୍ର ଏହି ତିରୋଟାଭାବକୁ ଆଜି କୃଷି ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ୱୀକାର କରିଛନ୍ତି।

ସାର ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଚାଇନାରୁ ୟୁରିଆ ଆସିବେ ସମସ୍ୟା ଥିଲା; ଏବେ ସ୍ଥିତିରେ ସୁଧାର ଆସିଲାଣି। ଆମେ କେନ୍ଦ୍ର ସରକାରଙ୍କ ସହ କଥା ହେଉଛୁ। ସମସ୍ୟା ସମାଧାନ ଦିଗରେ କାମ କରୁଛୁ। ଖୁବଶୀଘ୍ର ସାର ଅଭାବ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଶ୍ରୀ ସିଂହଦେଓ ଆହୁରି କହିଛନ୍ତି, ସାର ବିହୀନ ଚାଷ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସାର ଦେଇ ଚାଷ କଲେ, ଉତ୍ପାଦିତ ଦ୍ରବ୍ୟକୁ ବାହାରକୁ ରପ୍ତାନୀ କରାଯାଇପାରିବନି। ପ୍ରାକୃତିକ ଉପାୟରେ ଅର୍ଥାତ୍ ଅର୍ଗାନିକ୍ ଚାଷ କଲେ, ବାହାରକୁ ରପ୍ତାନୀ ହେବ। ଏହାଦ୍ୱାରା ଚାଷୀମାନଙ୍କୁ ତାଙ୍କ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବ ଓ କୃଷି ଅର୍ଥନୀତି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ହୋଇଥିବାରୁ ଫସଲ ସଅଳ ହୋଇଛି। ତେଣୁ ଜୁଲାଇ ତୃତୀୟ ସପ୍ତାହ ବେଳକୁ ସାରର ଆବଶ୍ୟକତା ବଢ଼ିଯାଇଛି। ମାସେ ଭିତରେ କ୍ଷେତରେ ସାର ପକାଇବା ପାଇଁ ଚାଷୀ ଯୋଜନା କରୁଛି। ଏହି ସମୟ ଭିତରେ ସାର ନ ପକାଇଲେ, ସାର କିଣିବାକୁ ସକ୍ଷମ ହେଉଛନ୍ତି। ହେଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାର କିଣାରୁ ବଞ୍ଚିତ ହେଉଛନ୍ତି। ଗୋଟିଏପଟେ ସରକାର ଧାନର ଏମ୍‌ଏସପି ବୃଦ୍ଧି କରି ଅଧିକ ଚାଷ କରିବାକୁ



ଆଗାମୀ ଦିନରେ ଛୋଟ ଧାନ ପିଲ ମାରିବ ଓ ବଡ଼ ଧାନ ଗଣ୍ଡି ଧରିବ। ପରେ ପକାଇବାରେ କୌଣସି କାମରେ ଆସିବ ନାହିଁ। ଏବେ ସରକାରୀ ଭାବେ ଯେତିକି ସାର ବିକ୍ରି ହେଉଛି, ତା' ସମୁଦ୍ରକୁ ଶଙ୍ଖେ ଭଳି। ବଡ଼ ଚାଷୀ ସେମାନେ ବାହାର ଦୋକାନରୁ ପ୍ରୋତ୍ସାହନ ଦେଉଥିବା କଥା କହୁଛନ୍ତି। ମାତ୍ର ପଞ୍ଜିକରଣଠାରୁ ଆରମ୍ଭ କରି ସାର ବଣ୍ଟନ ଓ ଧାନ ବିକ୍ରି ନାନା ସମସ୍ୟାକୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି। ତୁରନ୍ତ ଏହାର ସମାଧାନ କରିବାକୁ ଚାଷୀ ମହଲରୁ ଦାବି ହେଉଛି।

### ମହିଳାଙ୍କୁ ହତ୍ୟା ଉଦ୍ୟମ; ୫ ଅଟକ

# ଥାନା ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଖମାର, ୨୪।୮ (ସମିସ)

ବାଇକ୍ ପୋଡ଼ି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ହୋ ସମ୍ପ୍ରଦାୟର ଲୋକେ ଥାନା ଘେରାଉ କରିଛନ୍ତି। ତିନି ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ସେମାନେ ନିଜ ଜିଦରୁ ଓହରିଥିଲେ। ପାଲଲହଡ଼ା ବ୍ଲକ ଖମାର ଥାନା ଇଞ୍ଜିଡି ପଞ୍ଚାୟତର ରଘୁନାଥପୁର ଗ୍ରାମର ବିଧବା ମହିଳାଙ୍କ ପରକ୍ରିୟା ପ୍ରୀତିକୁ ନେଇ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇ ଥିବାବେଳେ ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ଉକ୍ତ ଗ୍ରାମର କିଛି ବ୍ୟକ୍ତି। ଏହି ଘଟଣାରେ ୫ ଜଣ ବ୍ୟକ୍ତିଙ୍କୁ ଖମାର ପୁଲିସ ଅଟକ ରଖି ତଦନ୍ତ ଚଳାଇ ଥିବାବେଳେ ବାଇକ୍ ପୋଡି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବିରେ ରଘୁନାଥପୁର ଗ୍ରାମର ହୋ ସମାଜର ଲୋକମାନେ ଛଅ ଘଣ୍ଟା ଧରି ଥାନାରେ ଧାରଣାରେ ବସି




ରହିଥିଲେ। ତିନି ଦିନ ମଧ୍ୟରେ ବାଇକ୍ ପୋଡ଼ି ଘଟଣାରେ ସମ୍ପୃକ୍ତି ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଧାରଣାରୁ ଉଠିଥିଲେ। ତୁଳସୀ ହୋରେନଙ୍କ ଏତଲା ଅନୁଯାୟୀ ବାଇକ୍ ପୋଡ଼ି ଘଟଣାକୁ ନେଇ ଗତ ରବିବାର ତାଙ୍କୁ ନିସ୍ତୁକ ମାଡ ମାରିବା ପରେ ଜୀବନରେ ମାରିଦେବାକୁ ଏକ ଖଟରେ ବାନ୍ଧି କିଛି ଲୋକ ଜଙ୍ଗଲକୁ ନେଇ ଯାଇଥିଲେ। ଏହି ସମୟରେ ଇଞ୍ଜିଡ ଗ୍ରାମର କେହି ବ୍ୟକ୍ତି ତାଙ୍କ ଚାଷ ଜମିରେ ସାର ପକାଉଥିଲେ ଏବଂ ସେ ମନା କରିବାରୁ ତାଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିଲେ। ଉତ୍ସବ ସୋରେନ କହିଥିଲେ ଯେ ମୁଁ ମୋ ମୋବାଇଲରେ ରେକର୍ଡିଂ କରୁଛି ମୋ ବାଇକ୍ ପୋଡ଼ି ଘଟଣାରେ ସାଆନ୍ଦା ଗ୍ରାମର ସାନୁ ସମ୍ପୃକ୍ତି ଅଛି ବୋଲି କହିଦେ। ତୁଳସୀ କହିଥିଲା ଯେ ମୁଁ ତାକୁ ଦେଖିନାହିଁ। ତୁ ସତ କହିବୁ ନା ତୋ ଦେହରେ ପେଟ୍ରୋଲ ଢାଳି ତୋତେ ମାରି ଦେବୁ ବୋଲି ସେମାନେ ଧମକ ଦେଇଥିବା ଏତଲାରେ ଦର୍ଶାଇଯାଇଛି। ଧମକକୁ ଡରି ସେମାନଙ୍କ କଥାରେ ହଁ କରିବାରୁ ମୋତେ ଆଣି ଘରେ ଛାଡ଼ି ଦେଇଥିଲେ ବୋଲି ମହିଳା ଜଣଙ୍କ ଦର୍ଶାଇଛନ୍ତି। ଘରୁ କୌଶଳକ୍ରମେ ଖସି ଆସି ଥାନାରେ ଏତଲା ଦେଇଥିଲେ ବୋଲି ମହିଳା ଜଣଙ୍କ କହିଥିଲେ।

## ସୁନାଚେନ୍ ଓ ଟଙ୍କା ଲୁଟ୍, ୨ ଗିରଫ

ତାଳଚେର, ୨୪।୮ (ସମିସ): ଫୋନ୍ ହଜିଯାଇଥିବା ଆଳ ଦେଖାଇ ଜନୈକ ଯୁବକଙ୍କୁ ସାହାଯ୍ୟ ମାଗି ପରେ ତାଙ୍କ ଠାରୁ ସୁନାଚେନ ଓ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ କୋଲିୟାରୀ ପୁଲିସ ଜଣେ ଯୁବତୀ ଓ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ଗୋଟିଏ ସୁନା ଚେନ, ଦୁଇଟି ମୋବାଇଲ, ୧୦, ୨୦୦ଟଙ୍କା, ଗୋଟିଏ ସ୍କୁଟି ସହ ଗୋଟିଏ ଧାରୁଆ ଅସ୍ତ୍ର ଜବତ କରିଛି। ଡକାୟତିରେ ସମ୍ପୃକ୍ତ ଅନ୍ୟ ଜଣେ ଯୁବକ ଫେରାର ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଏକଡାଳ ଗ୍ରାମର ଅଭିଯୋଗକାରୀ ଯୁବକ ତାଙ୍କ ଭାଇଙ୍କ ସହ କଥା ହେଉଥିବାବେଳେ ଅଭିଯୁକ୍ତ ଯୁବକ ଓ ଯୁବତୀ ଏକ ସ୍କୁଟିରେ ଯାଉଥିଲେ। ଅଭିଯୋଗକାରୀ ଯୁବକ ଜଣଙ୍କ ତାଙ୍କ ବେକରେ ଏକ ସୁନା ଚେନ ଓ ହାତରେ ଡେଣ୍ଣୁ ଯୁବତୀ ଜଣଙ୍କ ଅଭିଯୋଗକାରୀ ଯୁବକଙ୍କ ପାଖକୁ ଆସି ତାଙ୍କ ମୋବାଇଲ ହଜି ଯାଇଥିବା କହିବା ସହିତ ସମ୍ପର୍କୀୟଙ୍କୁ ଫୋନ କରିବାକୁ ମୋବାଇଲ ଦେବାକୁ କହିଥିଲେ। ଯୁବକ ଜଣଙ୍କ ଉକ୍ତ ମୋବାଇଲକୁ ଫୋନ କରିଥିଲେ। ଏହି ସମୟରେ ଯୁବତୀଙ୍କର ଅନ୍ୟ ୨ଜଣ ସହଯୋଗୀ ସେଠାରେ ପହଞ୍ଚି ଅଭିଯୋଗକାରୀ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ସେ ପିନ୍ଧିଥିବା ସୁନାଚେନ, ବ୍ରେସଲେଟ,



ମୋବାଇଲ ଫୋନ ଓ ପର୍ସରେ ଥିବା ୧୦, ୨୦୦ ଟଙ୍କା, ଆଧାର କାର୍ଡ ଲୁଟି ନେଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ କୌଣସି ପ୍ରକାରରେ ଅଭିଯୋଗକାରୀ ଯୁବକ ଜଣଙ୍କ ଖସି ଆସି କୋଲିୟରୀ ଥାନାରେ ଏତଲା ଲା ଦେଇଥିଲେ। ଥାନା ତରଫରୁ ସଙ୍ଗେ ସଙ୍ଗେ ଏ ନେଇ ତଦନ୍ତ କରାଯାଇ ଅଭିଯୁକ୍ତ ଯୁବତୀ ଓ ଯୁବକଙ୍କୁ ଗିରଫ କରାଯାଇଥିଲା। ଉଭୟ ଅଭିଯୁକ୍ତ କଣିହାଁ ଅଞ୍ଚଳର ବୋଲି ଥାନାଧିକାରୀ ହରିକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି।

## କୋଲ୍ କରିଡର୍ ରାସ୍ତାରେ ଦୁର୍ଘଟଣା, ଜଣେ ମୃତ

ତାଳଚେର, ୨୪।୮ (ସମିସ): ରବିବାର ଅପରାହ୍ଣରେ ମଦନମୋହନପୁର ବାଲୁଙ୍ଗା କୋଲ କରିଡର୍ ରାସ୍ତାରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ବ୍ରିଜ୍ ଉପରେ ପିଟି ହୋଇ ରହିଯାଇଥିଲା। ତେବେ ବ୍ରିଜ ବାଡାରେ ବସି ଫୋନରେ କଥା ହେଉଥିବା ଅନ୍ୟଜଣେ ଡ୍ରାଇଭର ଉପରେ ଟ୍ରକଟି ମାଡ଼ି ଆସିବାରୁ ସେ ଜୀବନ ବିକଳରେ ତଳକୁ ଡେଇଁ ପଡ଼ିବାରୁ ପଥରରେ ମୁଣ୍ଡ ବାଡେଇ ହୋଇ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମାତ୍ର ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ମୃତ ଡ୍ରାଇଭରଙ୍କ ପରିଚୟ ମିଳି ପାରିନାହିଁ। ତାଳଚେର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ମଣ୍ଡାପାଳ ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଦୁର୍ଘଟଣା ଗ୍ରସ୍ଥ କୋଇଲା ବୋଝେଇ ଟ୍ରକଟି ଭୁବନେଶ୍ୱରୀ କୋଇଲା ଖଣିରୁ ବାହାରି ମଦନମୋହନପୁର ବାଲୁଙ୍ଗା କୋଲ କରିଡ଼ର ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ୍‌ଟି ଆସୁଥିବାବେଳେ ସେହି ସ୍ଥାନରେ ଭାରସାମ୍ୟ ହରାଇ ବ୍ରିଜ କଡ ଆଡ଼କୁ ପଳାଇଆସି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## କାନ୍ଥପଡ଼ି ମହିଳା ମୃତ

ଅନୁଗୋଳ, ୨୪।୮ (ସମିସ): ଅନୁଗୋଳ ଜିଲ୍ଲା ନିଶା ଥାନା ଅନ୍ତର୍ଗତ ସାନକେରଜାଙ୍ଗ, ଡାବରଧୁଆଁ ଗ୍ରାମରେ ଘଟିଛି ଏକ ଅଘଟଣ। ନଳକୂପକୁ ପାଣି ପାଇଁ ଯାଉଥିବାବେଳେ କାନ୍ଥ ପଡ଼ିଯିବାରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣଙ୍କ ହେଲେ ଡାବରଧୁଆଁ ଗ୍ରାମର କରୁଣା ମହାଳିକଙ୍କ ସ୍ତ୍ରୀ ପ୍ରମିଳା ମହାଳିକ (୬୦)। କିଛି ଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ସେହି ଗ୍ରାମର ବ୍ରଜ ମୋହନ ଦେବତାଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସେହି ବାଟ ଦେଇ ପ୍ରମିଳା ନଳକୂପକୁ ପାଣି ପାଇଁ ଯାଉଥିବା ବେଳେ ତାଙ୍କ ଉପରେ କାନ୍ଥ ମାଡ଼ି ବସିଥିଲା। ପରିବାର ଲୋକ ଦେଖି ସଙ୍ଗେ ସଙ୍ଗେ ପ୍ରମିଳାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରମିଳାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରମିଳାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାବେଳେ ଅବସ୍ଥା ସଂକଟାପନ୍ନ ରହିଥିଲା। ତେବେ କଟକ ନେବା ପାଇଁ ପ୍ରସ୍ତୁତି ବେଳେ ତାଙ୍କର ମୃତ୍ୟୁ ହୋଇଥିଲା

## ସ୍କୁଟି ସହ ବାଇକ୍ ଜବତ; ୨ ଗିରଫ

ବଇଣ୍ଡା, ୨୪।୮ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ପୁଲିସ ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍ ଯାଞ୍ଚ କରା ଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ କୃତ୍ତିବାସପୁର ଗ୍ରାମର ସୁରମଣି ନାୟକଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ସ୍କୁଟି ନମ୍ବର (ଓଡି ୦୨ ବିସି ୫୮୩୬)କୁ ଜବତ କରାଯାଇଛି। ସେହିପରି ଦାମଦରପୁର ଅଞ୍ଚଳର ଅମୂଲ୍ୟ ନାୟକଙ୍କୁ ଗିରଫ କରାଯାଇଛି। ସେ ମଦ୍ୟପାନ କରି ବାଇକ୍ ଚଳଉଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ବାଇକ ନମ୍ବର (ଓଡି ୧୯ ଏନ ୯୭୪୩) କୁ ଜବତ କରିଛି। ଏ ନେଇ ନମ୍ବର ୨୪୧ /୨୫ ଓ ୨୪୨ /୨୫ ରେ ଦୁଇଟି ମାମଲା ରୁଜୁ କରାଯାଇଛି।

## ରେଙ୍ଗାଳି ଡ୍ୟାମର ଦ୍ୱିତୀୟ ଗେଟ୍ ଖୋଲିଲା

କଣିହାଁ, ୨୪।୮ (ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମର ଦ୍ୱିତୀୟ ଗେଟ ଆଜି ଦିନ ୧୦ଟାରେ ଖୋଲାଯାଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ୍ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଚଳିତ ବର୍ଷ ତୃତୀୟ ଥର ପାଇଁ ଗତକାଲି ଗୋଟିଏ ଓ ଆଜି ଦ୍ୱିତୀୟ ଗେଟ୍ ଖୋଲାଯାଇଛି। ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଦିନ ୧୦ଟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୨.୧୧ ମିଟରରେ ପହଞ୍ଚିଥିଲା। ଫଳରେ ଦିନ ୧୦.୧୭ ମିନିଟ୍‌ରେ ଡ୍ୟାମ୍ କର୍ତ୍ତୃପକ୍ଷ ଦ୍ୱିତୀୟ ଗେଟ (ଗେଟ୍ ନଂ-୧୦)କୁ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ। ଅପରାହ୍ଣ ୪ଟା ସୁଦ୍ଧା ରେଙ୍ଗାଳି ଡ୍ୟାମ୍‌ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୨.୨୪ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫୮୬୩.୧୪ ଘନମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଦୁଇଟି ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୩୪୦୩.୭୮ ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଅଛି।

## ‘ଜାତୀୟ ଶିକ୍ଷା ନୀତି ନୁହେଁ, ଜନଶିକ୍ଷା ନୀତି ଲାଗୁ କର’

କିଶୋରନଗର ୨୪।୮ (ସମିସ): ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ଆଜି ଜଏରାଟ, କର୍ମଭୂମି ସଭା ଗୃହରେ ଜାତୀୟ ଶିକ୍ଷାନୀତି-୨୦୨୦ର ବିକଳ୍ପ ଭାବେ ଯେଉଁ ଜନ ଶିକ୍ଷା ନୀତି -୨୦୨୫ ପ୍ରସ୍ତୁତ କରାଯାଇଛି ତାହା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା

**● ଶିକ୍ଷା ବଞ୍ଚାଅ କମିଟିର ଆଲୋଚନା**




ବଞ୍ଚାଅ କମିଟି ଅନୁଗୁଳ ଜିଲ୍ଲାର ସଂଗଠକ ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, ଓଡ଼ିଶା ରଜ୍ୟ ଉପ ସଭାପତି ରାଜେନ୍ଦ୍ର ବର୍ମା ମୁଖ୍ୟ ବକ୍ତା ଓ କର୍ମଭୂମିର ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ପ୍ରଧାନ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ନୂଆ ଶିକ୍ଷାନୀତି-୨୦୨୦ରେ ଶିକ୍ଷାର ବ୍ୟବସାୟୀକରଣ, ସାମ୍ପ୍ରଦାୟିକରଣ ଓ କେନ୍ଦ୍ରୀକରଣ କରାଯାଉଥିବାର ଅଭିଯୋଗ କରିଛନ୍ତି। ଶିକ୍ଷା ବ୍ୟାପକ ଜନଗଣଙ୍କ ନିକଟରେ ପହଞ୍ଚିବା ବଦଳରେ ଅଳ୍ପ କେତେ ଜଣଙ୍କ ମଧ୍ୟରେ ସୀମାବଦ୍ଧ ହୋଇଯିବ ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସତୀଶ ସାହୁ ସଙ୍ଗୀତ ପରିବେଶଣ କରିଥିଲେ।

## ‘ପିଠା ନେଇଗଲା ଡାମରାକାଉ’ ଉନ୍ମୋଚିତ



କିଶୋରନଗର ୨୪।୮ (ସମିସ): ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଶିଶୁ ଗଳ୍ପ ପୁସ୍ତକ ‘ପିଠା ନେଇଗଲା ଡାମରାକାଉ’ ଉନ୍ମୋଚିତ ହୋଇଯାଇଛି। ରବିବାର ଭୁବନେଶ୍ୱର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକଦିବସୀୟ ଶିଶୁସାହିତ୍ୟ ସମ୍ମିଳନୀ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶିଶୁ - କିଶୋର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଡ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଦାଶ ବେନହୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଡ. ମହେଶ୍ୱର ମହାନ୍ତି, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା ଓ ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ ପ୍ରମୁଖ ଯୋଗଦେଇ ଶ୍ରୀ ପୃଷ୍ଟିଙ୍କ ଲିଖିତ ‘ପିଠା ନେଇଗଲା ଡାମରାକାଉ’ ପୁସ୍ତକ ଉନ୍ମୋଚିତ କରିଥିଲେ। କଟକ ବିଦ୍ୟା ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ ଏହି ପୁସ୍ତକ ପ୍ରକାଶ ପୂର୍ବରୁ ଲେଖକଙ୍କ ୩୦ ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶ ପାଇ ବିଶେଷ ପାଠକୀୟ ଆଦୃତି ଲାଭ କରିଛି।

**■ ହାବିଲଦାର, କନଷ୍ଟେବଲ ସଂଘର ନିର୍ବାଚନ**

## ଅଭୟ ସଭାପତି, ପୂର୍ଣ୍ଣଚନ୍ଦ୍ର ସମ୍ପାଦକ

ଅନୁଗୋଳ ୨୪ । ୮ (ସମିସ): ଅନୁଗୋଳ ଜିଲା ହାବିଲଦାର, କନେଷ୍ଟବଲ ସଂଘର ନିର୍ବାଚନ ଗତ ୨୩ତାରିଖରେ ଅନୁଷ୍ଠିତ ହୋଇଥିଲା। ୨୦୨୫ରୁ ୨୦୨୭ ପର୍ଯ୍ୟନ୍ତ ଏହି ସଂଘ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ୪ଟି ଦଳ ଏଥିରେ ପ୍ରତିଦ୍ୱନ୍ଦ୍ୱୀତ୍ୱ କରିଥିଲେ। ଗତ କାଲି ହୋଇଥିବା ଏହି ସଂଘ ନିର୍ବାଚନରେ ଅଭୟ କୁମାର ସାମଲ ସଭାପତି ହୋଇଥିବା ବେଳେ ରଞ୍ଜନ ପ୍ରଧାନ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପୂର୍ଣ୍ଣଚନ୍ଦ୍ର କିଷାନ ସମ୍ପାଦକ, ଗୁରୁଦେବ ସାହୁ, ଅଶୋକ କୁମାର ପଲେଇ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ଟୁକୁନା ସାହୁ ଏବଂ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ଅଲେଖ ସାହୁ, ଅଟଳ ବିହାରୀ ନାୟକ, ପ୍ରମିଳା ମାଝୀ, ମଞ୍ଜନ କୁମାର ନାୟକ, ରୋହିତ କୁମାର ମାଝୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

## ଦୁର୍ଘଟଣାରେ ପୁଲିସ ଏଏସ୍ଆଇଙ୍କ ମୃତ୍ୟୁ

କାମାକ୍ଷାନଗର, ୨୪।୮ (ସମିସ): କାମାକ୍ଷାନଗର ଥାନା ଭାଲୁମୁଣ୍ଡା ଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ପୁଲିସ ଏଏସ୍ଆଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଙ୍କଡ଼ାହାଡ଼ ଥାନା ପାଟବେଡ଼ା ଗ୍ରାମର ମାନସ ସିଂ। ମାନସ ଅନୁଗୁଳ ଜିଲ୍ଲାରେ ପୁଲିସ ବିଭାଗରେ କାର୍ଯ୍ୟରତ ଥିବାବେଳେ ଛୁଟିନେଇ ଗତକାଲି ବିଳମ୍ବିତ ରାତିରେ ଘରକୁ ଫେରୁଥିବା ସମୟରେ ଭାଲୁମୁଣ୍ଡା ଠାରେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାନସଙ୍କ ପରିବାର ଲୋକ ମେଡିକାଲରେ ପହଞ୍ଚିଥିବା ବେଳେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ମୃତ୍ୟୁ ଖବର ପାଇ କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଆଶିଷ ଜେନା, ବହୁ ପୁଲିସ କର୍ମଚାରୀ ମେଡିକାଲରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମାନସ ୨୦୦୮ ମସିହାରେ ଓଡ଼ିଶା ପୁଲିସରେ କନେଷ୍ଟବଳ ଭାବେ ଯୋଗ ଦେଇଥିଲେ। ସେ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଥାନାରେ କାର୍ଯ୍ୟ କରିଥିବାବେଳେ କିଛି ବର୍ଷ ପୂର୍ବରୁ ପଦୋନ୍ନତି ପାଇ ସେ ଅନଗୁଳ ସଦର ଥାନାରେ ଏଏସ୍ଆଇ ଭାବେ କାର୍ଯ୍ୟ କରୁଥିଲେ।

## ୧୩ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

କିଶୋରନଗର, ୨୪।୮ (ସମିସ): ଲୁହାମୁଣ୍ଡା ଉପ୍ରା ବିଦ୍ୟାଳୟ ରିଖ ହଣ୍ଡପା ସର୍କଲର ୧୩ ଜଣ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଶିକ୍ଷକ ସଂଘର ସଭାପତି ନବକିଶୋର ସାହୁ ସଭାପତିତ୍ୱ କରିଥିଲେ। ସଂଘର ଉପସଭାପତି ପ୍ରଦୋଷ ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅବସରର ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## କନକେଶ୍ୱରୀ ଠାକୁରାଣୀ ପୀଠରେ ପାଟବାରୀ ପୂଜା

ତାଳଚେର, ୨୪।/୮ (ସମିସ): ହିନ୍ଦୁ ପଞ୍ଚାଙ୍ଗ ଅନୁଯାୟୀ ଭଦ୍ର ପଦା ଶୁକ୍ଳ ପକ୍ଷ ପ୍ରତୀପଦାର ଶୁଭ ଦିନ, ତାଳଚେର ଶରଧାପୁର ମା’ କନକେଶ୍ୱରୀ ଠାକୁରାଣୀ ପୀଠରେ ପବିତ୍ର ପାଟବାରୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ସ୍ୱତନ୍ତ୍ର ଉତ୍ସବରେ, ତାଳଚେରର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ଏବଂ ରାଣୀ ପ୍ରିୟମ୍ବଦା କୁମାରୀ ଦେବୀ କନକେଶ୍ୱରୀଙ୍କୁ ପାଟ-ଶାଢ଼ି ଏବଂ ମୁକୁଟ ଅର୍ପଣ କରିଥିଲେ। ପରମ୍ପରା ଅନୁଯାୟୀ, ତାଳଚେରର ଜଣେ ରାଜାଙ୍କ ଜୀବନକାଳରେ ଦେବୀଙ୍କ ଆଲମ୍ (ଶାଢ଼ିରେ ଘୋଡ଼ାଇ ହୋଇଥିବା କାଠ ବାଡ଼ି ସମେତ ଶାରୀରିକ ପ୍ରତିନିଧିତ୍ୱ) କେବଳ ଥରେ ପରିବର୍ତ୍ତନ କରାଯାଏ। ଶେଷ ପାଟବାରୀ ପୂଜା ପ୍ରାୟ ୩୦ ବର୍ଷ ପୂର୍ବେ ସ୍ୱର୍ଗତ ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବଙ୍କ ଦ୍ୱାରା କରାଯାଇଥିଲା। ୨୧ ଏପ୍ରିଲ ୨୦୨୫ରେ ତାଙ୍କ ଦେହାନ୍ତ ପରେ, ତାଙ୍କ ପୁତ୍ର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ଆଜି ଏହି ରୀତି ପାଳନ କରିଥିଲେ। ଏହି ବିରଳ ଏବଂ ପବିତ୍ର ଅବସରକୁ ଦେଖିବା ପାଇଁ ଏକାଠି ହୋଇଥିବା ପରିବାର ସଦସ୍ୟ, ମନ୍ଦିର ପୂଜକ ଏବଂ ଗାଁର ଲୋକଙ୍କ ଉପସ୍ଥିତିରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲେ। ବଡ଼ମ୍ବା ରାଜ ପରିବାର, ହିନ୍ଦୋଳ ରାଜ ପରିବାର, ଆଠମଲ୍ଲିକ ରାଜ ପରିବାର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ରାଜ ପରିବାର ସଦସ୍ୟ ମାନେ ଆଜିର ଏହି ପଟବାରୀ ପୂଜାରେ ଯୋଗ ଦେଇଥିଲେ।



## କାମାକ୍ଷାନଗର ପୁଲିସ ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

କାମାକ୍ଷାନଗର, ୨୪।୮ (ସମିସ); କାମାକ୍ଷାନଗର ଆଦର୍ଶ ଥାନା ପକ୍ଷରୁ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଏକ ସାଇକଲ ରାଲିର ଆୟୋଜନ କରାଯାଇଥିଲା। ନିଜକୁ ଫିଟ୍ ରଖିବା ପାଇଁ ପ୍ରତ୍ୟେକଦିନ ଅଧଘଣ୍ଟା ସାଇକଲ ଚଳାଇବା ଉଦ୍ଦେଶ୍ୟ ରେ ଏହି ସଚେତନତା ରାଲି ଅନୁଷ୍ଠିତ ହୋଇଛି। କାମାକ୍ଷାନଗର ଥାନା ଅଧିକାରୀ ଆଶିଷ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ବହୁ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାମାକ୍ଷାନଗର ଥାନା ଠାରୁ ରାଲି ବାହାରି ସହର ପରିକ୍ରମା କରିବା ସହ ସ୍ଥାନୀୟ ଜିରିଡ଼ାମାଳି ଛକ ପର୍ଯ୍ୟନ୍ତ ଯାଇ ଲୋକଙ୍କୁ ସଚେତନ କରାଇଥିଲେ।

# ଅନୁଗୋଳକୁ ଆସିଲା ‘ଐରବତ’

ଅନୁଗୋଳ, ୨୪।୮ (ସମିସ)

ଅନୁଗୋଳ ଜଙ୍ଗଲ ବିଭାଗକୁ ଆସିଛି ଏକ ସ୍ୱତନ୍ତ୍ର ଟ୍ରକ୍ ‘ଐରାବତ’। ଏହାକୁ ଅନୁଗୋଳ ତଥା ରାଜ୍ୟର ଅନ୍ୟ ଜିଲ୍ଲାରେ ହାତୀ ସ୍ଥାନାନ୍ତର ପାଇଁ ବ୍ୟବହାର କରାଯିବ। ଟ୍ରକ୍‌ଟି ଝାଡ଼ଖଣ୍ଡରେ ସ୍ୱତନ୍ତ୍ର ଭାବେ ତଥା ରାଜ୍ୟର ଅନ୍ୟ ଜିଲ୍ଲାରେ ହାତୀ ସ୍ଥାନାନ୍ତର ପାଇଁ ନିର୍ମାଣ କରାଯାଇଛି। ହାତୀ ସ୍ଥାନାନ୍ତରବେଳେ ଆବଶ୍ୟକ ହେଉଥିବା ସବୁ ଯନ୍ତ୍ରପାତି ଏଥିରେ ଉପଲବ୍ଧ ଅଛି। ପୂର୍ବରୁ ହାତୀକୁ ଯେଉଁଭଳି ଭାବେ ନିଆଯାଉଥିଲା ସେଭଳି ସମସ୍ୟା ଆଉ ହେବ ନାହିଁ।

**● ହାତୀ ସ୍ଥାନାନ୍ତର ପାଇଁ ବ୍ୟବହାର ହେବ**




ସୂଚନା ଅନୁସାରେ, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ ଲାଗି ରହିଛି। ଅନୁଗୋଳରେ ସାତକୋଶିଆ ଭଳି ଅଭୟାରଣ୍ୟ ରହିଥିବାରୁ ବିଭିନ୍ନ ସମୟରେ ଅସୁସ୍ଥ ହାତୀଙ୍କ ଜୀବନ ଯାଉଛି। ଅଧିକ ଚିକିତ୍ସା ପାଇଁ ହାତୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରବେଳେ ବିଭିନ୍ନ ସମସ୍ୟା ଦେଖାଯାଉଥିଲା। ଏବେ ଅନୁଗୋଳ ବନଖଣ୍ଡକୁ ହାତୀ ସ୍ଥାନାନ୍ତର ପାଇଁ ଆବଶ୍ୟକ ହେଉଥିବା ‘ଐରାବତ’ ଟ୍ରକ୍ ଆସିଛି। ଏଥିରେ ହାତୀକୁ ଟ୍ରକ୍‌ରେ ଉଠିବାକୁ ସ୍ୱତନ୍ତ୍ର ଲିଫ୍ଟ ଲାଗିଛି। ଟ୍ରକ୍‌ରେ ୧୫ ଶହ ଲିଟର ଜଳଧାରଣ କରୁଥିବା ଟ୍ୟାଙ୍କ୍ ରହିଛି। ଦୂର ସ୍ଥାନକୁ ହାତୀ ସ୍ଥାନାନ୍ତର ସମୟରେ ହାତୀର ଗାଧୋଇବା ଓ ପିଇବା ପାଇଁ ଯେପରି ପାଣିର ଅଭାବ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସେହିପରି ଜଳାଶୟରୁ ପାଣି ଭର୍ତ୍ତି କରାଯିବାକୁ ଏକ ପାଣି ପମ୍ପ ରହିଛି। ହାତୀର ତାପମାତ୍ରା ମାପିବାକୁ ଅଟୋମେଟିକ୍ ମେସିନ୍ ଓ ଫାଷ୍ଟଏଡ୍ ବକ୍ସ ଖଞ୍ଜାଯାଇଛି। ସେଥିରେ ୨ ହଜାର ୱାଟ୍ର ଜେନେରେଟର ଲାଗିବା ସହିତ ଆଲୋକୀକରଣ ପାଇଁ ଉଜ୍ଜ୍ୱଳ ଲାଇଟ୍ ରହିଛି। ସୁରକ୍ଷାକୁ ଦୃଷ୍ଟି ଦୃଷ୍ଟିରେ ରଖି ୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଅସୁସ୍ଥ ହାତୀ ଖାଇବା ପାଇଁ ସେଥିରେ ସ୍ୱତନ୍ତ୍ର ପାତ୍ର ରଖାଯାଇଛି। ଗାଡ଼ିଟି ହାତୀକୁ ଅନ୍ୟ ସ୍ଥାନକୁ ନେଇ ଯାଉଥିବାବେଳେ ସାଇରନ୍ ବାଜି ଉଠିବ। ଫଳରେ ଟ୍ରାଫିକ୍ ସମସ୍ୟାରେ ଫସିବ ନାହିଁ। ଅନ୍ୟପକ୍ଷରେ ଏହା ରାଜ୍ୟର ଏକମାତ୍ର ସ୍ୱତନ୍ତ୍ର ଗାଡ଼ି, ଯାହାକି ହାତୀ ସ୍ଥାନାନ୍ତର ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। ଗାଡ଼ିର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା। ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ପାତ କରୁଥିବା ହାତୀମାନଙ୍କୁ ଟ୍ରାଙ୍କୁଲାଇଜ୍ କରାଯାଇ ଅନ୍ୟତ୍ର ସ୍ଥାନାନ୍ତରରେ ଏହା ବେଶ୍ ସହାୟକ ହେବା ସହ ଅସୁସ୍ଥ ହାତୀମାନଙ୍କୁ ମଧ୍ୟ ଏହି ଗାଡ଼ିରେ ଚିକିତ୍ସା ପାଇଁ ନିଆଯାଇ ପାରିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ଝରଣାରେ ନିଖୋଜ ଯୁବକଙ୍କ ମିଳିଲା ମୃତଦେହ



**ସୁକିନ୍ଦା, ୨୪।୮ (ସମିସ):** ସୁକିନ୍ଦା ଥାନା ଅଞ୍ଚଳର ଏକ ଝରଣାରେ ଗାଧୋଉଥିବା ସମୟରେ ପାଣିରେ ଦୁଇ ସାଙ୍ଗ ନିଖୋଜ ହୋଇଥିବା ବେଳେ ସୁକିନ୍ଦା ଅଗ୍ନିଶମ ବିଭାଗ ଗତ ଶନିବାର ଜଣେ ଯୁବକଙ୍କର ମୃତଦେହ ଉଦ୍ଧାର କରିଥିଲେ। ତେବେ ରବିବାର ଅନ୍ୟ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଏ ସଂକ୍ରାନ୍ତରେ ସୁକିନ୍ଦା ପୁଲିସ ୨୪/୨୫ ଓ ୨୫/୨୫ରେ ଦୁଇଟି ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଗତ ଶନିବାର ପୂର୍ବାହ୍ନରେ ୩ଜଣ ଯୁବକ ସାଙ୍ଗ ରାଙ୍କିଆ ପାହାଡ ନିକଟ ଝରଣାକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ସମୟରେ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଟୁରୁ ନାମକ ନାବାଳକ ଫୋନକରି ଗାଁକୁ ଖବର ଦେଇଥିଲେ। ଗାଁ ଲୋକେ ତୁରନ୍ତ ସୁକିନ୍ଦା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଅଗ୍ନିଶମ ବିଭାଗ ଅଧିକାରୀ ରଜନୀକାନ୍ତ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଦୀର୍ଘ ୬ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ କରିବା ପରେ ସନ୍ଧ୍ୟାରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିଲା। ରବିବାର ପୁଣି ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଅକ୍ଲାନ୍ତ ପରିଶ୍ରମ ପରେ ନିଖୋଜ ମାନସର ମୃତଦେହ ଉଦ୍ଧାର କରିଛି ଅଗ୍ନିଶମ ବିଭାଗ। ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ମହାନ୍ତ ଓ ମନମୋହନ ମହାନ୍ତଙ୍କ ପୁଅ ମାନସ ବିଟେକ୍ ପରେ ବେଙ୍ଗାଲୁରୁରେ ଚାକିରି କରୁଥିଲେ। ଶମ୍ଭୁ ଯୁକ୍ତ୨ ପାସ୍ କରି ଡିଗ୍ରୀ ପଢ଼ା ସହ ଚାକିରି ଯୋଜନାରେ ଥିଲେ। ସୁକିନ୍ଦା ରେଞ୍ଜ୍ ମହାଗିରି ପର୍ବତମାଳା ମଧ୍ୟସ୍ଥ ଏହି ସ୍ଥାନରେ ବର୍ଷାଦିନିଆ ଜଳପ୍ରପାତ ସୃଷ୍ଟି ହୋଇଥାଏ। ଭୂମି ପତନରୁ ପାଖାପାଖି ୩ ଶହ ଫୁଟ ଉଚ୍ଚରେ ଥିବା ଏହି ସୁଦୃଶ୍ୟ ଜଳପ୍ରପାତ ତଳେ ଥିବା ପାହାଡ଼ଖୋଲରେ ପ୍ରବାହିତ ଝରଣାରେ ବିପଜ୍ଜନକ ଭାବେ ଏକ ଗଭୀର ଗଣ୍ଡ ରହିଥିବା ଜଣାପଡ଼ିଛି। ଗତବର୍ଷ ଠାରୁ ରିଲ୍ ନିଶାରେ ବହୁ ଯୁବକ ଯୁବତୀ ଏଠାକୁ ଆସୁଥିବା କୁହାଯାଉଛି। ସୂଚନା ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଉଭୟ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଆଜି ଗାଁ ମଶାଣିରେ ଉଭୟଙ୍କ ଶବ ଦାହ କରାଯାଇଛି।

# ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ



**ବରୀ, ୨୪।୮ (ସମିସ):** ଜାତୀୟ କବି ତଥା ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ଦାସଙ୍କ ୧୦୨ତମ ଜୟନ୍ତୀ ଉପଲକ୍ଷେ ସନ୍ଥନ ମହାବିଦ୍ୟାଳୟଠାରେ ବରୀ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟ ତଥା କଳା ସାହିତ୍ୟ ସଂସ୍କୃତି ପରିଷଦ, ବରୀ ସହଯୋଗରେ ବାଞ୍ଛାନିଧି ଦାସଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ବିଶ୍ୱାଳ, ଗଗନ ବିହାରୀ ଜେନା, ସନ୍ଥନ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାସ, ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ପୂଜାରୀ ଥିଲେ ଜାତୀୟ କବି ବାଞ୍ଛାନିଧି ଦାସ ଓ ତାଙ୍କ କବିତାରେ ଥିଲା ପ୍ରତିଟି ଜାତୀୟ ପ୍ରେମି ମଣିଷ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପ୍ରାରମ୍ଭରୁ ସମାଜସେବୀ ସତ୍ୟରଞ୍ଜନ କର ନିଜର ସାରଗର୍ଭକ ବକ୍ତବ୍ୟ ମାଧ୍ୟମରେ କବିଙ୍କ କାର୍ଯ୍ୟ ଧାରାକୁ ମୂଲ୍ୟାୟନ କରିଥିଲେ। ପ୍ରଭଞ୍ଜନ ପତିଙ୍କୁ ବାଞ୍ଛାନିଧିଙ୍କ ଦାୟାଦ ଭାବରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ଗିରିଶ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୃସିଂହ ବେହେରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ବେହୁରା, ଲାଲବିହାରୀ କର, ଅନିରୁଦ୍ଧ ତ୍ରିପାଠୀ, ବ୍ରହ୍ମାନନ୍ଦ କର, ଖଗେଶ୍ୱର ନାୟକ, ଦେବାଶିଷ ଜେନା, ତାପସୀ ସାମଲ, ଜ୍ୟୋତିର୍ମୟ ନାୟକ, ବିଶ୍ୱଭୂଷଣ ଜେନା, କବି କୁମାର ସରୋଜ ଓ ବରୀ ସାମ୍ବାଦିକ ସଙ୍ଘ ସଭାପତି ପ୍ରଶାନ୍ତ ଦ୍ୱିବେଦୀ, ସ୍ନେହାଂଶୁ ମହାନ୍ତି, ଚୈତନ୍ୟ ଜେନା, ଦର୍ଶନୀ ବେହେରା ପ୍ରମୁଖ ଉପସ୍ଥିତ କବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ତାଙ୍କର କବିତା ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ପୂର୍ବତନ କୁଳପତି ଗୋକୁଳା ନନ୍ଦ ଦାସଙ୍କ ସ୍ମୃତି ଚାରଣ ଓ ଆରାର ସଦଗତି ଉପଲକ୍ଷେ ନିରବ ପ୍ରାର୍ଥନା ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା। ଶେଷରେ ବିଦଗଧାର ନିର୍ଦ୍ଦେଶକ ଶରତ ଜେନା ଧନ୍ୟବାଦ ଦେଇଥିଲା।

### ଗ୍ରାହକଙ୍କ ବିଶ୍ୱାସରେ ବିଷ

## ତ୍ରୁଟିପୂର୍ଣ୍ଣ ବିଲ୍ ଦେଇ ଲୁଟିଲେ ସୁନା ଦୋକାନୀ

**ଯାଜପୁର, ୨୪।୮ (ସମିସ):** ଆଜି କାଲି ପ୍ରତ୍ୟେକ ଦୋକାନରେ କମ୍ପ୍ୟୁଟର ଜନିତ ବିଲ ପ୍ରଦାନ କରାଯାଉଥିବାରୁ ଏହା ସମ୍ପୂର୍ଣ୍ଣ ନିର୍ଭୁଲ ବୋଲି ସାଧାରଣରେ ଏକ ଧାରଣା ରହିଛି। କିନ୍ତୁ ଗ୍ରାହକମାନଙ୍କର ଏଭଳି ବିଶ୍ୱାସରେ ବିଷ ମିଶାଇ ଦୋକାନୀ ମାନେ କିଭଳି ଠକୁଛନ୍ତି ତାହାର ଏକ ପ୍ରମାଣ ମିଳିଛି। ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ହାଟ ବଜାର ସ୍ଥିତ ପାତ୍ର ଅଳଙ୍କାର ଦୋକାନରୁ ସୁନା ଅଳଙ୍କାର କିଣି ଏଭଳି ଠକାମିର ଶିକାର ହୋଇଛନ୍ତି ଗ୍ରାହକ। ସୂଚନା ମୁତାବକ ଅଗଷ୍ଟ ୧୧ ତାରିଖରେ ଏହି ବ୍ଲକ ବ୍ରହ୍ମବରଦା ଗ୍ରାମର ଜଣେ ଗ୍ରାହକ ସୁନା ସାମଗ୍ରୀ କିଣିବାକୁ ହରିପୁର ବଜାରରେ ଥିବା ପାତ୍ର ଅଳଙ୍କାର ଦୋକାନକୁ ଆସିଥିଲେ। ତେବେ ସେ ନିଜର ଅଳଙ୍କାର କିଣିବା ପରେ ଦୋକାନୀ ଦେଇଥିବା ହିସାବ ଓ ବିଲ୍ ଅନୁଯାୟୀ ୧ ଲକ୍ଷ ୧୭ ହଜାର ୯୦୦ ଟଙ୍କା ଦେଇଥିଲେ। ଘରକୁ ଆସିବା ପରେ ଗ୍ରାହକ ଜଣକ ନିଜର ବିଲ୍‌କୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖାଇଥିଲେ। ତେବେ ଏହି ବିଲରେ ଭୁଲ ହିସାବ କରି ଅଧିକ ଟଙ୍କା ନିଆଯାଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ଗ୍ରାହକ ଜଣକ ପାତ୍ର ଅଳଙ୍କାରରେ ଅଭିଯୋଗ କରିବା ପରେ ଏଭଳି ଭୁଲ୍‌କୁ ସ୍ୱୀକାର କରିବା ସହିତ ପୁନଃର୍ବାର ହିସାବ କରି ପାଖାପାଖି ୧୩ ହଜାର ଟଙ୍କା ଫେରସ୍ତ କରିଥିଲେ। ତେବେ ହରିପୁର ଅଞ୍ଚଳରେ ଥିବା ଏହି ସୁନାଦୋକାନୀ ମାନେ ଏଭଳି ତ୍ରୁଟିପୂର୍ଣ୍ଣ କମ୍ପ୍ୟୁଟର ବିଲ୍ ଦେଇ ଗ୍ରାହକମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉକ୍ତ ବିଲ୍‌ରେ ଥିବା ପାତ୍ର ଅଳଙ୍କାରର ଫୋନ ନମ୍ବରରେ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନଥିଲା।

## ପୋଖରୀରେ ବୁଡ଼ି ଜଣେ ମୃତ

**କବାଟବନ୍ଧ, ୨୪।୮ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ପଦ୍ମ ଫୁଲ ଆଣିବାକୁ ଯାଇ ଜଣେ ଲୋକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ହେଲେ ଏହି ଥାନା ଅନ୍ତର୍ଗତ ଡାହାଣୀଡିଆ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ଗ୍ରାମର କହରା ରାଉତଙ୍କ ପୁଅ ସଞ୍ଜୟ ରାଉତ(୪୫)। ମିଳିଥିବା ସୂଚନା ଅନୁଯାୟୀ ସଞ୍ଜୟ ରବିବାର ଅପରାହ୍ନ ରେ ଗାଁ ପୋଖରୀକୁ ପଦ୍ମ ଫୁଲ ଆଣିବାକୁ ଯାଇଥିଲେ। ଅସାବଧାନତା କିମ୍ବା କୌଣସି କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କ ଗୋଡ଼ରେ ପଦ୍ମ ଫୁଲର ନାଡ଼ ଗୁଡ଼େଇ ହୋଇଯାଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକମାନେ ସଞ୍ଜୟ ପାଣିରେ ଭାସୁଥିବାର ଦେଖି ପରିବାର ଲୋକ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଧର୍ମଶାଳା ମେଡ଼ିକାଲକୁ ନିଆ ଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## ଘର କାନ୍ଥ ଭୁଶୁଡ଼ି ଜଣେ ଗୁରୁତର

**ସୁକିନ୍ଦା, ୨୪।୮ (ସମିସ):** ସୁକିନ୍ଦା ଥାନା ଅଞ୍ଚଳରେ ଏକ ରହିବା ଘର କାନ୍ଥ ଭୁଶୁଡ଼ି ପଡ଼ି ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ସୁକିନ୍ଦା ବ୍ଲକ ଓଳିଆ ଗ୍ରାମର ଦୀପକ ମହାପାତ୍ରଙ୍କ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଘଟଣାସ୍ଥଳରେ ଦୀପକ ଗୁରୁତର ଆହତ ହୋଇଯାଇଥିବା ବେଳେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ଦୀପକର ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଦୀପକ ଅବସ୍ଥା ଗୁରୁତ୍ୱର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ



**ବରୀ, ୨୪।୮ (ସମିସ):** ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବରୀ ପ୍ରଖଣ୍ଡ ପକ୍ଷରୁ ବିଶ୍ୱହିନ୍ଦୁ ପରିଷଦର ୬୧ ତମ ପ୍ରତିଷ୍ଠାଦିବସ ଓ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ବଳିଦାନ ଦିବସ ସାହୁପଡ଼ା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ବଜରଙ୍ଗଦଳ ସଂଯୋଜକ ଚନ୍ଦ୍ରକାନ୍ତ କର ଉଦ୍‌ଘାଟନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡ ସଭାପତି ଯୁବ ସମାଜସେବୀ ଡ. ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ସହିତ ମମଦୀକ୍ଷା ହିନ୍ଦୁ ରକ୍ଷା ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ସମରସତ୍ତା ପ୍ରମୁଖ ଚିତ୍ତରଞ୍ଜନ ପରିଡ଼ା ଯୋଗ ଦେଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ମାଧ୍ୟମରେ କେଉଁଭଳି ଭାବରେ ହିନ୍ଦୁତ୍ୱ ଜାଗ୍ରତ କରାଯାଇ ପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ଏବଂ ମୁଖ୍ୟ ଅତିଥି ଶ୍ରୀଯୁକ୍ତ କର ସତ୍‌ସଙ୍ଗ ମିଳନ କେନ୍ଦ୍ରଦ୍ୱାରା କିପରି ହିନ୍ଦୁ ସନାତନ ଧର୍ମ ରକ୍ଷା ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ପ୍ରତିଷ୍ଠା ଏବଂ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାତୃଶକ୍ତି ମା'ମାନେ ଦୁର୍ଗାବାହିନୀର ଭଉଣୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦ, ବରୀ ପ୍ରଖଣ୍ଡର ଉପସଭାପତି ଦଶରଥ ଜେନା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜକିଶୋର ମଲ୍ଲିକ, ଦିବ୍ୟରଞ୍ଜନ ମିଶ୍ର, ଲଳିତମାଧବ ଜେନା, ମଣ୍ଟୁ ମଲ୍ଲିକ, ଗୟାଧର ସାହୁ, କଳାକର ବାରିକ ପ୍ରଭୃତି ଉପସ୍ଥିତ ଥିଲେ। ସର୍ବଶେଷରେ ଶାନ୍ତିପାଠ କରାଯାଇ ସଭା ସମାପନ କରାଯାଇଥିଲା।

## ଗଣେଶ ପୂଜା ପାଇଁ ସଫେଇ

**ଯାଜପୁର, ୨୪।୮ (ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ଚଇନପୁର ପଞ୍ଚାୟତ ଗୋପନଗର ଯୁବକସଂଘ ତରଫରୁ ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଳୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୀପକ ସାହୁ, ଗୌତମ ସାହୁ ବ୍ରହ୍ମାନନ୍ଦ ସାହୁ, ପ୍ରଶାନ୍ତ ନାୟକ, ଅଜିତ ନାୟକ, ଅଭୟ ସାହୁ, ଅଜୟ ସାହୁ, ସାନିଆ ସାହୁ, ଲିପୁ ଦାସ, ସିପୁ ପୃଷ୍ଟି, ମାଧବ ସାହୁ, ବିଜୟ ସାହୁ, ସିଲୁ ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଗଣେଶପୂଜାକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଗାଁରେ ଏକ ସଫେଇ କାର୍ଯ୍ୟ କରାଯାଇଥିଲା।

# ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ




**ମଙ୍ଗଳପୁର, ୨୪।୮ (ସମିସ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ 'ସମସ୍ୟା ଘେରରେ ଗ୍ରାମାଞ୍ଚଳ ସାମ୍ବାଦିକତା' ଶୀର୍ଷକ ଆଲୋଚନାଚକ୍ର ଆଜି ମଙ୍ଗଳପୁର ବଜାରସ୍ତ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ବିଶିଷ୍ଟ ଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ, ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି, ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ପ୍ରଦାନ, ଅଧିସ୍ୱୀକୃତି କମିଟି ଗଠନ ପୂର୍ବକ ରାଜ୍ୟର ସାମ୍ବାଦିକମାନଙ୍କୁ ମାନ୍ୟତା ପ୍ରଦାନ କରିବାରେ ବିଳମ୍ବ ହେଲେ ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚରେ ସଂଘର ନେତା ମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ସଂଘର କୋଷାଧକ୍ଷ ରାକେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଭ୍ୟ ସୀତାଂଶୁ ଶେଖର ଯେନା ମାନପତ୍ର ପଠନ ଏବଂ ମନୋରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ସରପଞ୍ଚ ତଥା ସମାଜସେବୀ ଅଜୟ କୁମାର ମଲ୍ଲିକଙ୍କୁ ସମାଜସେବା ପାଇଁ, ସଫଳ ଓ ଉତ୍ତମ ଚାଷୀ ଭାବେ ଯୁବ ଚାଷୀ ସମରେନ୍ଦ୍ର ପରିଡ଼ା, ଗୀତିକାର ତଥା ଶିକ୍ଷାବିତ ପାଇଁ ଶିକ୍ଷକ ବିପିନ ବିହାରୀ ରାୟ ଓ ନୃତ୍ୟ ପାଇଁ ମିହିର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁର ବ୍ଲକର ବରିଷ୍ଠ ସଭ୍ୟ ସନ୍ଦୀପ ରାୟ, ସଞ୍ଜୟ ରାୟ, ବିଜୟ ରାଉତ, ସରୋଜ ପୃଷ୍ଟି, ସରୋଜ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।ବରିଷ୍ଠ ସମାଜସେବୀ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଦେବାଶିଷ ସାହୁ, ହିମାଂଶୁ ପାଢ଼ୀ, ବିଜୟ ସାହୁ, ଲିପୁ, ସୁବାଶିଷ ରାଉତ, ଦିବ୍ୟକାନ୍ତ କର, ଭରତ ନାୟକ, ବିଦ୍ୟାଧର ବେହେରା, ଚନ୍ଦ୍ରକାନ୍ତ ପତି, ଜିତେନ୍ଦ୍ର ବେହେରା, ଶଙ୍କର୍ଷଣ ସେଠି, ଲିଙ୍ଗରାଜ ସାହୁ, ତପନ ନାୟକ, ରଜତ ସାହା, ସରୋଜ ପଣ୍ଡା, ମନୋଜ କୁମାର ନାୟକ, ନିଶିକାନ୍ତ ସେନାପତି ପ୍ରମୁଖ ଜିଲ୍ଲାରୁ ସାମ୍ବାଦିକମାନେ ଯୋଗ ଦେଇଥିଲେ।

# ବିଜେଡି କର୍ମୀ ସମାବେଶ




**ବଡଚଣା, ୨୪।୮ (ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ବନ୍ଧା ପଦ୍ମଲାଭପୁର ସ୍ଥିତ ଶ୍ୟାମସୁନ୍ଦରଦେବଜୀଉ ମନ୍ଦିର ପରିସରରେ ବଡଚଣା ବିଜେଡିର ୧୮ ନମ୍ବର ଜୋନ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ବିଜେଡିର ପ୍ରାକ୍ତନ ଉପସଭାପତି ଅମର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟଅତିଥି ଭାବେ ବଡଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ପ୍ରତି ଗ୍ରାମପଞ୍ଚାୟତରେ ତୃଣମୂଳସ୍ତରରୁ ଦଳକୁ ମଜବୁତ କରିବା ସହିତ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଓ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବଡଚଣାରେ ଚାଲୁଥିବା ଅନ୍ୟାୟ, ଅନୀତି ଦୁର୍ନୀତି ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନେ ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ହରାଇବାରେ ମୁଖ୍ୟଭୂମିକା ନେଇଥିଲେ ସେମାନେ ଆଜି ଦଳରୁ ବାହାରି ଯାଇଛନ୍ତି। ଆଜିଠାରୁ ଦଳ ନବକଳେବର ହୋଇ ବଡଚଣାବାସୀଙ୍କ ପାଇଁ ସଂଗ୍ରାମ କରିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, ଯୁବନେତା ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ଜ୍ଞାନରଞ୍ଜନ ସାହୁ, ମାଧବା ନନ୍ଦ ମହାପାତ୍ର, ମିହିର ଖୁଣ୍ଟିଆ, ସରସ୍ୱତୀ ବେହେରା, ଦମୟନ୍ତୀ ସାମଲ, ଜୟନ୍ତୀ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ଦାସ, ମାନଗୋବିନ୍ଦ ସେଠୀ, ପ୍ରଦୀପ କୁମାର ମହାନ୍ତି, କୈଳାସ ରାଉତ, ଧନେଶ୍ୱର ବେହେରା, ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ କୁମାର ରାଉତ, ଦିଲ୍ଲୀପ କୁମାର ସାମଲ, ସୁଶାନ୍ତ କୁମାର ନାୟକ, ସୂର୍ଯ୍ୟକାନ୍ତ ପରିଡ଼ା, ତୁଷାର ପଣ୍ଡା, ରବୀନ୍ଦ୍ର ସାମଲ, ହୃଷୀକେଶ ସାମଲ, ତପନ କୁମାର ବେହେରା ତପନ କୁମାର ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମୀ ସମାବେଶରେ ୧୮ ନମ୍ବର ଜୋନ ୮ଟି ଗ୍ରାମ ପଞ୍ଚାୟତ ସହିତ ସୋଲର, ବୈରୀ ଗ୍ରାମପଞ୍ଚାୟତ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲ। ଏହି ଅବସରରେ ୭ଜଣ ୱାର୍ଡ଼ ସଭ୍ୟ ବିଜେଡିରେ ଯୋଗ ଦେଇଥିଲେ। ଧୁଳେଶ୍ୱର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଆରମ୍ଭରେ ମଣ୍ଡୁକା ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଦାସପୁର ଛକରୁ ଏକ ବାଇକ୍ ଶୋଭାଯାତ୍ରାରେ କର୍ମୀମାନେ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କୁ ପାଛୋଟି ଆଣିଥିଲେ।

# ଦାମୋଦରପୁର ଗ୍ରାମ ମୁଖ୍ୟରାସ୍ତା ଶୋଚନୀୟ



**ପାଣିକୋଇଲି, ୨୪।୮ (ସମିସ):** ଜାତୀୟ ରାଜପଥ ୧୬ରୁ ପାଣିକୋଇଲି ଓ ପଥରପଦା ପଞ୍ଚାୟତର ଦାମୋଦରପୁର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା କାମ ନିମନ୍ତେ ଠିକା ନେଇଥିବା ଠିକାସଂସ୍ଥା ରାସ୍ତା କାମ ଅଧାରୁ ବନ୍ଦ କରିଥବବା ବେଳେ କ୍ରମାଗତ ବର୍ଷାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାଟି ଗ୍ରାମକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଗ୍ରାମର ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯିବା ଆସିବା କରିବା ଲାଗି ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତାର ଅବସ୍ଥା ଯାହା ହୋଇଛି ଆକସ୍ମିକ ଭାବେ କେହି ରୋଗରେ ପଡ଼ିଲେ ଆମ୍ବୁଲାନ୍ସଟିଏ ମଧ୍ୟ ଗ୍ରାମକୁ ଯିବାଆସିବା କଷ୍ଟକର। ଗତ କିଛି ମାସ ତଳେ ଏ ସମ୍ପର୍କରେ ଗ୍ରାମବାସୀ ସ୍ଥାନୀୟ ରାସ୍ତା ଓ ଗୃହ ନିର୍ମାଣ କାର୍ଯ୍ୟାଳୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଭେଟି ସମସ୍ୟା ଉପସ୍ଥାପନ କରିଥିଲେ। ପରେ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମତେ ଠିକାଦାର କେବଳ ଡଷ୍ଟ ପକାଇ ଦେଇ କାମ ବନ୍ଦ କରି ଦେଇଥିଲା। ତେବେ ଲଗାଣ ବର୍ଷା ଯୋଗୁଁ ଉକ୍ତ ଡଷ୍ଟ ଗୁଡ଼ିକ କେଲୁଅ ମାଟି ସହିତ ମିଶି କାଦୁଅ ପଚପଚ ହୋଇଯାଇଛି। ଫଳରେ ବାଇକ୍‌ଟିଏ ଯିବା ତ ଦୂରରେ ଥାଉ ପାଦରେ ଚାଲି କରି ଯିବା କଷ୍ଟକର ହୋଇପଡ଼ିଛି। ଏ ଦିଗରେ ବିଭାଗୀୟ ଯନ୍ତ୍ରୀ ତୁରନ୍ତ ଦୃଷ୍ଟି ନିକ୍ଷେପ କରି ସମସ୍ୟାର ସମାଧାନ କରିବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି।

# ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ

**ପାଣିକୋଇଲି, ୨୪।୮ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଯାଜପୁର ଜିଲ୍ଲା କୋରାଇ ଖଣ୍ଡର ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ପାଣିକୋଇଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ମାନେ ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବାହାରି ବଜାର ପରିକ୍ରମା କରିବା ପରେ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପଛପଟେ ଥିବା ପଡ଼ିଆରେ ଶେଷ ହୋଇଥିଲା। ପରେ ସଂଘର ପତାକା ଉତ୍ତୋଳନ ପରେ କୋରାଇ ଖଣ୍ଡର କାର୍ଯ୍ୟବାହ ସନ୍ତୋଷ କୁମାର ଜେନାଙ୍କ ପରିଚାଳନାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲ। ଉକ୍ତ ସଭାରେ ସଂଘର ବାଲେଶ୍ୱର ଜିଲ୍ଲା ବିଭାଗ ସମ୍ପର୍କ ପ୍ରମୁଖ ସଞ୍ଜୟ କୁମାର ସାହୁ ଯୋଗ ଦେଇ ସଂଘର ଆବଶ୍ୟକତା ଓ ମୂଳ ଲକ୍ଷ୍ୟ ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ପ୍ରଚାର ପ୍ରମୁଖ ସନ୍ଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରାଇ ଖଣ୍ଡର ବିଭିନ୍ନ ପ୍ରଖଣ୍ଡର ବହୁ ସଦସ୍ୟ ଯୋଗ ଦେଇଥିଲେ।

## ବିପଦ ସଂକୁଳ ଛାତ୍ରୀ ନିବାସ: ସାମାନ୍ୟ ବର୍ଷାରେ ଛାତରୁ ଗଳୁଛି ପାଣି

**ଦାନଗଦି, ୨୪।୮ (ସମିସ) :** ଦାନଗଦି ବୁଦ୍ଧରାଜ ବିଦ୍ୟାପୀଠ ପରିସରରେ ଥିବା ଶହେ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜାତି ଓ ଉପଜାତି ଛାତ୍ରୀ ନିବାସଟି ଏବେ ବିପଦ ସଂକୁଳ ଅବସ୍ଥାରେ ଦେଖିବାକୁ ମିଳିଛି। ୨୦୧୨ ମସିହାରେ ଏହି ଛାତ୍ରୀନିବାସ ଉଦ୍‌ଘାଟନ ହୋଇଥିଲା। ମାତ୍ର ୧୩ ବର୍ଷ ହେଇଛି ହେଲେ ବିଲଡିଂର ଚତୁପାର୍ଶ୍ୱରେ ଥିବା ତାଜା ସବୁ ଭାଙ୍ଗି ରଡ୍ ଦେଖା ହେବା ସହ ଓହଳି ପଡ଼ିଲାଣି। କେତେବେଳେ ଏହି ଘର ଭୁଶୁଡି ପଡ଼ିବ ତାହା କହିହେବନାହିଁ। ସାମାନ୍ୟ ବର୍ଷା ଟିକେ ହେଲେ ଘରଛାତରୁ ପାଣି ଝରୁଛି। ଯାହାଫଳରେ ଏହି ଛାତ୍ରୀ ନିବାସରେ ରହି ପାଠ ପଢୁଥିବା ଶହେ ଜଣ ଛାତ୍ରୀଙ୍କ ଲୁଗାପଟା, ଆଶାବାବପତ୍ର ଓ ବହି ଖାତା ସବୁ ପାଣିରେ ଓଦା ହୋଉଯାଉଛି। ତୁରନ୍ତ ଏହି ନିବାସକୁ ନିର୍ବାହୀ ଯନ୍ତ୍ରୀ ତନଖି କରି ପରିତକ୍ତ ଗୃହ ବୋଲି ଘୋଷଣା କରିବା ସହ ନୂତନ ଗୃହ ନିର୍ମାଣ କରିବାପାଇଁ ଆବଶ୍ୟକ ଅର୍ଥ ସରକାର ତୁରନ୍ତ ଯୋଗାଇ ଦେବାକୁ ଅଭିଭାବକ ମାନେ ଦାବି କରିଛନ୍ତି। ନଚେତ ଅନୁସୂଚିତ ଜାତି ଓ ଉପଜାତି ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ଆଶଙ୍କା କରାଯାଉଛି।



### ଯୋର ପୋଲ ମୁହାଣ ବନ୍ଦ; ଚାଷ କାର୍ଯ୍ୟ ବାଧାପ୍ରାପ୍ତ

# ଜାତୀୟ ରାଜପଥରେ ରାସ୍ତାରୋକ କଲେ ଚାଷୀ

**ବାଲିଚନ୍ଦ୍ରପୁର, ୨୪।୮ (ସମିସ):** ୫୩ ନମ୍ବର ଜାତୀୟ ରାଜପଥର ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିପଲେଇ ଦେଇ ଯାଇଥିବା ସୁବଳୟାଧାର ଯୋର ପୋଲ ମୁହାଣ ବନ୍ଦ ହୋଇଯିବାରୁ ବଡ଼ଚଣା, ମାହାଙ୍ଗା ଓ ଡେରାବିଶ ଆଦି ତିନି ଗୋଟି ବ୍ଲକ ଅଞ୍ଚଳର ଶହ ଶହ ଏକର ଚାଷ ଜମିରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ରାଜପଥର ଆଠ ଲେନ୍ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଥିବା ବେଳେ ଠିକାଦାର ଏହି ଜୋରି ପୋଲକୁ ବନ୍ଦ କରିଦେବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ଏହି ଅଞ୍ଚଳର ଚାଷୀମାନେ ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଆଦି ତିନି ଗୋଟି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଏନେଇ କୌଣସି ପଦକ୍ଷେପ ନିଆଯାଉନଥିବାରୁ ଆଜି ସକାଳେ ଏହି ଜୋରି ପୋଲ ନିକଟସ୍ଥ ଜାତୀୟ ରାଜପଥରେ ଶତାଧିକ ଚାଷୀ ଏକାଠି ହୋଇ ଗାଡ଼ି ଚଳାଚଳ ବନ୍ଦ କରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଚଳଚଞ୍ଚଳ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ବହୁ ଗାଡ଼ି ଘୋଡ଼ା ଅଟକି ରହିଥିଲା।

ସୂଚନା ମୁତାବକ ଏହି ପାରିପଲେଇ ଠାରେ ଜାତୀୟ ରାଜପଥ ଆଠ ଲେନ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ତ୍ରୁଟି ପାଇଁ ଏଠାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଚାଷୀମାନେ କହିଛନ୍ତି। ଉପରୋକ୍ତ ଜିଲ୍ଲା ଅଞ୍ଚଳର ତଳିଆ ଅଞ୍ଚଳ ପାଣି ଓ ବର୍ଷା ପାଣି ଏହି ଜୋରୀ ଦେଇ ଗୋବରୀ ନଦୀରେ ମିଶିଥାଏ। ତେବେ ପାଣି ନିଷ୍କାସନ ସ୍ଥାନକୁ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ବନ୍ଦ କରି ଦେଇଥିବାରୁ ବହୁଳ ପରିମାଣର ପାଣି ଅଟକି ରହି ଚାଷ କାର୍ଯ୍ୟରେ ବାଧା ଉପୁଜାଉଛି। ବର୍ତ୍ତମାନ ଧାନ ଚାଷ ସମୟ ହୋଇଥିବାରୁ ଏହି ପାଣି ଜମି ରହିଥିବା ଚାଷ ଜମିରେ ଚାଷୀମାନେ କୌଣସି କାମ କରି ପାରୁ ନାହାଁନ୍ତି। ତେବେ ଚାଷୀ ମାନେ ଆନ୍ଦୋଳନକରି ଜାତୀୟ ରାଜପଥରେ ଅଚଳାବସ୍ଥା ସୃଷ୍ଟି କରିଥିବା ଖବର ପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀ ମାନଙ୍କୁ ବୁଝାଶୁଝା କରି ରାସ୍ତାରୋକକୁ ହଟାଇଥିଲେ। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚାଷୀ କୀର୍ତ୍ତିଚନ୍ଦ୍ର ପ୍ରଧାନ, ମାନଗୋବିନ୍ଦ ଓଝା, କହ୍ନେଇ ମହାପାତ୍ର, ପ୍ରମୋଦ ଓଝା, ବିଶ୍ୱନାଥ ପ୍ରଧାନ, କ୍ଷୀରୋଦ ପ୍ରଧାନ, ସନ୍ତୋଷ ନାୟକ, ସନାତନ ପରିଡ଼ା, କୃତିବାସ ପ୍ରଧାନ, ଜାନକୀ ବଳ, ପର୍ଶୁରାମ ପରିଡ଼ା, ତପନ ମହାନ୍ତି, ଅଭିରାମ ବଳ, ବ୍ରଜସୁନ୍ଦର ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ବିଜେଡିରୁ ବହିଷ୍କୃତ

**ଧର୍ମଶାଳା, ୨୪।୮ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ମଧୁସୂଦନପୁର ଗ୍ରାମପଞ୍ଚାୟତର ସଭାପତି ସଞ୍ଜୟ ସ୍ୱାଇଁ, କଣ୍ଟିଗଡ଼ିଆ ପଞ୍ଚାୟତର ସଭାପତି ଅରୁପାନନ୍ଦ ଜେନାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ସେହିଭଳି ରେଖିଦେଇପୁର ପଞ୍ଚାୟତର ସଭାପତି ଅଶୋକ ମଲ୍ଲ, ବୃନ୍ଦାଦେଇପୁର ପଞ୍ଚାୟତର ସଭାପତି ଦୀପକ କୁମାର ଦାସ ଏବଂ କୁମାରୀ ପଞ୍ଚାୟତର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥିଙ୍କୁ ବିଜେଡି ଦଳରୁ ଅବ୍ୟାହତ କରାଯାଇଥିବା ଦଳ ପକ୍ଷରୁ ପ୍ରେସ ବିବୃତ୍ତିରେ ଅବଗତ କରାଯାଇଛି। ଏ ସମ୍ପର୍କରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ସମ୍ପାଦକୀୟ



ଶାନ୍ତି ଅନ୍ତରାତ୍ମାରୁ ହିଁ ଜନ୍ମନିଏ। ତେଣୁ ନିଜକୁ ବାଦ୍ ଦେଇ ଶାନ୍ତି ଖୋଜିବା ଅସମ୍ଭବ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଏସନ ସାର ସମସ୍ୟା

ଓଡ଼ିଶାର ଚାଷ ଓ ଚାଷୀଙ୍କ ପାଇଁ ତିନିଟି ସମସ୍ୟା ଭାଗ୍ୟଲିଖନ। ରୁଆ ବେଳେ ବିହନ ଓ ସାର ଅଭାବ, ଅଦିନିଆ ବର୍ଷା କିମ୍ବା ଗଜା ମରୁଡ଼ି ଏବଂ ଅମଳରେ ମଣ୍ଡି ଜଞ୍ଜାଳ। ଏ ତିନି ସମସ୍ୟା ମଧ୍ୟରୁ ଦ୍ୱିତୀୟଟି ଦଇବ ହାତରେ ଥିବା ବେଳେ ପ୍ରଥମ ଓ ତୃତୀୟଟି ସମ୍ପୂର୍ଣ୍ଣ ଭାବେ ମଣିଷକୃତ। ବିଡ଼ମ୍ବନା ହେଉଛି ଗତାନୁଗତିକ ଭାବରେ ଏହାକୁ ସତେଯେମିତି ବ୍ୟବସ୍ଥାର ଏକ ଅଙ୍ଗ ଭାବେ ସ୍ୱୀକୃତି ଦିଆଯାଇଛି। ତେଣୁ ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାକୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏ ପର୍ଯ୍ୟନ୍ତ ମଣ୍ଡି ଜଞ୍ଜାଳରୁ ମୁକୁଳି ନଥିବା ଓଡ଼ିଶାର ଚାଷୀମାନେ ସାର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ରାଜ୍ୟର ଅନେକ ମଣ୍ଡିରେ ରବି ଧାନ ବିକ୍ରି ହୋଇ ନ ପାରି ପଡ଼ି ରହିଛି। 'ତଥାପି ସରକାର କିଣିବେ' ବୋଲି କେତେକ ଚାଷୀ ଆଶା ବାନ୍ଧି ବସିଥିବା ବେଳେ ଆଉ କେତେଜଣ ଭାଗ୍ୟକୁ ଆଦରି କମ୍‌ଦାମ୍‌ରେ ଦଲାଲ୍‌ଙ୍କୁ ବିକ୍ରି ପୁଣି ଖରିଫ୍ ଚାଷ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ସନ ଭଲ ବର୍ଷା ହୋଇଥିବାରୁ ଅମଳ ଭଲ ହେବ ବୋଲି ଚାଷୀ ଆଶା ବାନ୍ଧି ବସିଥିଲା। କିନ୍ତୁ ବର୍ତ୍ତମାନ ବେଉଷଣ ସରି ଧାନ କେଣ୍ଡା ବାହାରିବାକୁ ପ୍ରସ୍ତୁତ ହେଉଥିବା ବେଳେ ୟୁରିଆ ଅଭାବ ଦାଉ ସାଧିଛି। ପ୍ୟାକ୍ସ ଓ ସମବାୟ କେନ୍ଦ୍ରଗୁଡ଼ିକରେ ଆଧାର କାର୍ଡ ପିଛା ମାତ୍ର ଗୋଟିଏ ବସ୍ତା ୟୁରିଆ ମିଳୁଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତା' ମଧ୍ୟ ଚାହିଦା ତୁଳନାରେ ଯୋଗାଣ ବହୁତ କମ୍ ଥିବାରୁ ସମସ୍ତଙ୍କୁ ମିଳୁନାହିଁ। ବର୍ଷାରେ ରାତି ଅଧରୁ ଧାଡ଼ିରେ ରହି ମଧ୍ୟ ନ ପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅପରପକ୍ଷରେ ଖୋଲା ବଜାରରେ ସରକାରୀ ମୂଲ୍ୟଠାରୁ ତିନି/ଚାରିଗୁଣା ଉଚ୍ଚ ଦରରେ ୟୁରିଆ ସାର ବିକ୍ରି ହେଉଛି, ଯାହା ଚାଷୀ ଅସନ୍ତୋଷକୁ ଆହୁରି ତୀବ୍ର କରିଛି। ଖୋଲା ବଜାରରେ ଯାହାକୁ ଯେତେ ସାର ବିକ୍ରି ହେବା ଅର୍ଥ ରାଜ୍ୟରେ ସାରର ଅଭାବ ନାହିଁ। କିନ୍ତୁ ସରକାରୀ ବ୍ୟବସ୍ଥା ଭିତରକୁ ତାହା ଆସିପାରୁନାହିଁ। ଏହା ସରକାରୀ ବାବୁ ଓ କଳାବଜାରୀର ମଧୁଚନ୍ଦ୍ରିକା ଦିଗକୁ ଇଙ୍ଗିତ କରୁଛି। କୃଷି ଓ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବା ମଧ୍ୟ ସ୍ପଷ୍ଟ ହେଉଛି।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି। ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି। ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି। ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି। ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ। ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି। କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି। ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି। ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି, ଯାହାର ପ୍ରଭାବ ଓଡ଼ିଶା ଉପରେ ଏବେ ଏବେ ଅନୁଭୂତ ହୋଇଛି। ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍। ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା। ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ। ରାସାୟନିକ ସାର ଯୋଗାଣ ପାଇଁ ରାଜ୍ୟମାନେ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ। ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟୱାରୀ ମାସିକ କୋଟାର ବ୍ୟବସ୍ଥା କରାଯାଇଛି। ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ। ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ, ଯାହା ଏବେ ପ୍ରାୟତଃ ଦେଖିବାକୁ ମିଳୁଛି।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ। କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ। ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ। ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ। ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ। ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ। ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି। ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ। ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି।

ବିଶେଷକରି ଭାରତ ଭଳି କୃଷିପ୍ରଧାନ ଦେଶରେ ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ। ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି। ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ। ସେମିକଣ୍ଡକ୍ଟର ଭଳି ସାର ଶିଳ୍ପକୁ ମଧ୍ୟ ଆତ୍ମନିର୍ଭରଶୀଳ ଭାରତ ଅଧୀନ କରିବା ଆବଶ୍ୟକ।

# ପରିଚୟ ବନାମ ପୁରସ୍କାର

**ଡ. ବିମଳ ଷଡ଼ଙ୍ଗୀ**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୫ମସିହା ଜୁଲାଇ ୭ତାରିଖ ଦିନ ହ୍ୱାଇଟ୍ ହାଉସରେ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆତିଥ୍ୟ ଦେବା ସହିତ ଓଭାଲ୍ ଅଫିସରେ ଏକ ବ୍ୟକ୍ତିଗତ ରାତ୍ରିଭୋଜନର ଆୟୋଜନ କରିଥିଲେ। ବୈଠକ ପରେ ନେତାନ୍ୟାହୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରି ପତ୍ର ଲେଖିଲେ। କିଛିଦିନ ପୂର୍ବରୁ ଜୁନ ୧୮ ତାରିଖ ଦିନ ହ୍ୱାଇଟ୍ ହାଉସରେ ପାକିସ୍ତାନର ସେନାମୁଖ୍ୟ ଫିଲ୍ଡମାର୍ଶାଲ ସୟଦ ଅସିମ ମୁନିର ଆତିଥ୍ୟ ଲାଭ କରିଥିଲେ ଏବଂ ଓଭାଲ୍ ଅଫିସରେ ପ୍ରଥମ ଅଣରାଜନୈତିକ ପାକିସ୍ତାନୀ ଭାବରେ ଯୋଗ ଦେବାର ସୌଭାଗ୍ୟ ପାଇଥିଲେ। ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଓ ପରମାଣୁ ଯୁଦ୍ଧ ଉତ୍ତେଜନା ହ୍ରାସ କରିବାରେ ଟ୍ରମ୍ପଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ତାଙ୍କ ନାମକୁ ନୋବୋଲ୍ ଶାନ୍ତି ପୁରସ୍କାର ଲାଗି ମୁନିର ସୁପାରିସ କରିଥିଲେ।

ଅନେକ ସମୟରେ ଟ୍ରମ୍ପ ବିଭିନ୍ନ ଗଣମାଧ୍ୟମରେ ନୋବେଲ କମିଟି ବିରୁଦ୍ଧରେ କ୍ଷୋଭ ପ୍ରକାଶ କରିଛନ୍ତି। ନୋବେଲ୍ ପୁରସ୍କାର ପାଇବାକୁ ଯୋଗ୍ୟଥିଲେ ବି ତାଙ୍କୁ ତାହା ନ ମିଳିବାର କାରଣ ତାଙ୍କ ନାଁରେ ଓବାମା ସଂଜ୍ଞା ନାହିଁ ବୋଲି ପ୍ରକାଶ କରିଛନ୍ତି, ଯାହା ଆମେରିକା ଭଳି ରାଷ୍ଟ୍ରମୁଖ୍ୟଙ୍କ ମୁଖରେ ଶୋଭାପାଇବା ନିନ୍ଦନୀୟ। ଏହାସହିତ ତାଙ୍କ ପ୍ରଶାସନିକ ଅଧିକାରୀ, ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଏବଂ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲ୍ଟଜ୍ ଡୋନାଲ୍ଡ ଟ୍ରମ୍ପ ନୋବେଲ୍ ପୁରସ୍କାର ପାଇବାକୁ ହକଦାର ବୋଲି ପ୍ରଚାର କରିଛନ୍ତି। ଉପର ବର୍ଣ୍ଣିତ ଉଦାହରଣକୁ ତର୍ଜମା କଲେ ସ୍ପଷ୍ଟ ହୁଏ ଯେ ଟ୍ରମ୍ପଙ୍କ ପାଇଁ ବିଶ୍ୱ ଶାନ୍ତି ଅପେକ୍ଷା ନୋବେଲ ପୁରସ୍କାର ଗୁରୁତ୍ୱପୂର୍ଣ୍ଣ, ଯାହା ପାଇଁ ସେ ତାଙ୍କର ଲବି କରିବାରେ ବ୍ୟସ୍ତ।

ସାରାବିଶ୍ୱରେ ଏପରି ଅନେକ ମୁଖାପିନ୍ଧା ବ୍ୟକ୍ତି ବିଭିନ୍ନ ପୁରସ୍କାର ପାଇବାକୁ ବ୍ୟାକୁଳ। ପୁରସ୍କାର ସେମାନଙ୍କ ମନ୍ଦ କାର୍ଯ୍ୟକୁ ଲୁଚାଇବା ପାଇଁ ଗୋଟିଏ କବଚ। ଆଜିକାଲି ପୁରସ୍କାର ପାଇବାର ବାର୍ତ୍ତାଗୁଡ଼ିକ ଅତିଶୀଘ୍ର ସାରା ବିଶ୍ୱରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଓ ପ୍ରଚାରିତ ହୋଇଥାଏ, ଯାହା ସାଧାରଣ ଲୋକମାନଙ୍କୁ ସହଜରେ ଓ ଅଳ୍ପ ସମୟରେ ପ୍ରଭାବିତ କରିଥାଏ। ଏହାର ସୁଯୋଗରେ ଅନେକ ଅବାଞ୍ଛିତ ବ୍ୟକ୍ତି ଅର୍ଥବଳରେ ଗୁଡ଼ିଏ ଛଦ୍ମ ସଂସ୍ଥାଠାରୁ ତଞ୍ଚକତାପୂର୍ଣ୍ଣ ସମ୍ମାନ ଓ ପୁରସ୍କାର ଫୋଟୋ ସହିତ ଲେଖା ବା କେଉଁ ଅନୁଷ୍ଠାନ ପୁରସ୍କାର ଦେଲା ଏବଂ ବିନା ପାଠରେ କିଏ କେତେଟା ଅନୁଷ୍ଠାନରୁ ଡକ୍ଟରେଟ ବା ପିଏଚଡି ପାଇଲା, ତା'ର ଗଣନା କରି ବାରମ୍ବାର ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକମାନଙ୍କୁ ଭ୍ରମିତ କରନ୍ତି। ନିଜ ଅନୁଷ୍ଠାନ ବା ସଂଗଠନର କର୍ମଚାରୀଙ୍କୁ ଭୟ ଦେଖାଇ ସେଗୁଡ଼ିକୁ ସେମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯଥା ହ୍ୱାଟ୍ସଆପ ଓ ଫେସବୁକ ଇତ୍ୟାଦିରେ ସେୟାର କରାନ୍ତି। ଲୋକଙ୍କ ସମ୍ମୁଖରେ ସେମାନଙ୍କୁ ମହାନ ବୋଲି ଦର୍ଶାଇ ଥା'ନ୍ତି। ସାଧାରଣ ଅପାଠୁଆ ଓ ଅର୍ଦ୍ଧପାଠୁଆ ଓ କିଛି ପାଠୁଆମୂର୍ଖ ଭାବନ୍ତି ଲୋକଟା କରିତକର୍ମା ନ ହେଲେ କ'ଣ ମାଗଣାରେ ତାକୁ ଏତେ ପୁରସ୍କାର କିମ୍ବା ଉପାଧି ମିଳନ୍ତା?

ସମୟ ସମୟରେ କିଛି ଦେଶ, ଅନୁଷ୍ଠାନ, ବ୍ୟକ୍ତିବିଶେଷ ପ୍ରମୁଖ ବ୍ୟକ୍ତିର ଛଦ୍ମବେଶୀ କାମକୁ ସହଜରେ ନ ଜାଣିପାରି ତା'କୁ ପୁରସ୍କାର ଦେବାକୁ ସ୍ଥିର କରନ୍ତି। ଯାହା ସାହାଯ୍ୟରେ ଅନୁଷ୍ଠାନ ବା ବ୍ୟକ୍ତିଟି ସମସ୍ତ ପୁରସ୍କାର ନଥିକୁ ଏକାଠି କରି ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତିକସ୍ତରୀୟ ପୁରସ୍କାର ହାତେଇବା ପାଇଁ ପ୍ରୟାସ କରେ। ଦରକାର ପଡ଼ିଲେ ପୁରସ୍କାର ଦେଉଥିବା ଅନୁଷ୍ଠାନ ମୁଖ୍ୟଙ୍କୁ ପ୍ରଭାବିତ କରିବାର ସମସ୍ତ ପ୍ରୟାସ ମଧ୍ୟ ହାତଛଡ଼ା କରିନଥାଏ। ସେଥିରେ ସାଧାରଣ ଲୋକଙ୍କ କ୍ଷତିକୁ ଅଣଦେଖା କରିଥାଏ। ଠିକ ଯେପରି ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଏତେ ବ୍ୟାକୁଳ ଯେ ସେ ରାସ୍ତାରେ ଯେତେ ଲୋକଙ୍କ ମୃତ୍ୟୁ ଘଟିଲେ ବି ତାଙ୍କର ଯାଏ ଆସେ ନାହିଁ। ପ୍ରଥମେ ଦେଶ-ଦେଶ ମଧ୍ୟରେ ଯୁଦ୍ଧ କରାଇ ତା'ପରେ ମଧ୍ୟସ୍ଥି ହୋଇ ଯୁଦ୍ଧ ବନ୍ଦ କରାଇବା ପରେ ନୋବେଲ ପୁରସ୍କାର ପାଇବା ତାଙ୍କର ଲକ୍ଷ୍ୟ।

ବିଖ୍ୟାତ ବୈଜ୍ଞାନିକ ଆଲଫ୍ରେଡ ନୋବେଲ ବିଶ୍ୱ ଶାନ୍ତି ଓ ପ୍ରଗତିର ପ୍ରଚାର ଓ ପ୍ରସାର ପାଇଁ ନୋବେଲ ପୁରସ୍କାରର ସ୍ଥାପନ କରିଥିଲେ। ପ୍ରତିଷ୍ଠିତ ବୈଜ୍ଞାନିକ, ସମାଜ ସେବକ, ସାହିତିକ, ଐତିହାସିକ ଇତ୍ୟାଦି, ଯେଉଁମାନଙ୍କର ସମାଜପ୍ରତି ନିଃସ୍ୱାର୍ଥପର ଦାନ ଥାଏ, ସେମାନଙ୍କୁ ବିଭିନ୍ନ କଠିନ ଚୟନ ପଦ୍ଧତି ମାଧ୍ୟମରେ ସ୍ଥିର କରାଯାଏ।

ଭାରତରେ ମଧ୍ୟ ପୁରସ୍କାର ପାଇଁ ଅନେକ ବ୍ୟକ୍ତି ବ୍ୟାକୁଳ ଏବଂ ଏହାର ସୁଯୋଗରେ ଅନେକ ଠକ ଅନାମାଧେୟ ପୁରସ୍କାର ଏବଂ ପିଏଚଡି ପ୍ରଦାନକାରୀ ସଂସ୍ଥା ସେପରି ବ୍ୟକ୍ତିମାନଙ୍କୁ ସହାୟତା ଯୋଗାନ୍ତି। ବିଳାସପୂର୍ଣ୍ଣ ସ୍ଥାନରେ ଆତିଥ୍ୟ ପ୍ରଦାନ ସହିତ ଜାତୀୟ, ବିଶ୍ୱବ୍ୟାପୀ, ଉତ୍କର୍ଷତା ପରି ଶବ୍ଦ ବ୍ୟବହାର କରି ଅଜ୍ଞାତ ଆୟୋଜକ କିମ୍ବା ଯାଞ୍ଚ ନ କରିଥିବା ଜୁରୀଙ୍କ ମାଧ୍ୟମରେ ସେଗୁଡ଼ିକୁ ପ୍ରଦାନ କରନ୍ତି। ପରବର୍ତ୍ତୀ ସମୟରେ ସେପରି ପୁରସ୍କାର ସହାୟତାରେ ଲୋକଙ୍କ ସମ୍ମୁଖରେ ମହାନ ହୋଇ ସହଜରେ ଠକିବାର ସୁଯୋଗ ପାଆନ୍ତି। ଏହା ଏକ ବିଶ୍ୱସ୍ତରୀୟ ସମସ୍ୟା, ଯାହା ଅନେକ ଦେଶକୁ ପ୍ରଭାବିତ କରେ। ଆମେରିକା ଓ ୟୁରୋପ ଆଦି ଦେଶର ଅଣସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟର ନକଲି ସମ୍ମାନଜନକ ଡକ୍ଟରେଟ୍ କିମ୍ବା ପିଏଚଡି ପ୍ରାପ୍ତ ବ୍ୟକ୍ତି ଭାରତର ବହୁ ଅନୁଷ୍ଠାନରେ ଶିକ୍ଷାଦାନରେ ଲିପ୍ତ। ଭାରତର ପ୍ରସିଦ୍ଧ ବୃତ୍ତିଗତ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ କେତେକ ସମୟରେ ଯାଞ୍ଚ ନକରି କିମ୍ବା ଅର୍ଥ ବିନିମୟରେ କିଛି ଅର୍ବାଚୀନ ବ୍ୟକ୍ତିଙ୍କୁ ପୁରସ୍କାର କିମ୍ବା ଉପାଧି ପ୍ରଦାନ କରନ୍ତି, ଯାହା ପ୍ରକୃତ ସଫଳତାର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରେ ଏବଂ ଶିକ୍ଷାଗତ ଓ ବୃତ୍ତିଗତ ପରିବେଶକୁ ପ୍ରଦୂଷିତ କରେ। ଅନେକ ସମୟରେ ଦେଖାଯାଏ କେତେକ ବୃତ୍ତିଗତ ଅନୁଷ୍ଠାନର କର୍ମକର୍ତ୍ତା କୌଣସି କାର୍ମଶାଳାରେ ସନ୍ଦର୍ଭ ପ୍ରକାଶନ ଓ ପୁରସ୍କାର ପାଇଁ ପଞ୍ଜିକରଣ ଖର୍ଚ୍ଚ ନାମରେ ଟଙ୍କା ଆଦାୟ କରନ୍ତି। ଗବେଷଣା କରୁଥିବା ପ୍ରଫେସର, ଛାତ୍ରଛାତ୍ରୀ ନିଜ ନାମରେ ପୁରସ୍କାର ପାଇଁ ବାଧ୍ୟ ହୋଇ ପଞ୍ଜିକରଣ ଖର୍ଚ୍ଚ ଦେଇଥା'ନ୍ତି, ଯାହା ଏକ ବ୍ୟବସ୍ଥାରେ ପରିଣତ ହୋଇଯାଇଛି। ଅନେକ ଉଚ୍ଚ ଅନୁଷ୍ଠାନ ମଧ୍ୟ ପ୍ରିୟାପ୍ରୀତି ତୋଷଣ ନୀତିରେ ସେମାନଙ୍କ ପସନ୍ଦର ଅଯୋଗ୍ୟ ବ୍ୟକ୍ତିଙ୍କୁ ପୁରସ୍କାର ଦେଇଥାଆନ୍ତି, ଯାହା ଫଳରେ ବଣର ସୁବାସିତ ଫୁଲଟି ଶୁଖି ଝଡ଼ିଗଲେ ବି ଲୋକଲୋଚଙ୍କୁ ଆସି ନ ଥାଏ।

ସାଧାରଣତଃ ବୈଷୟିକ ଶିକ୍ଷା ଏବଂ ସାଧାରଣ ଶିକ୍ଷା ବ୍ୟବସାୟୀ, ରାଜନେତା, ଡାକ୍ତର କିମ୍ବା କ୍ଷୁଦ୍ର ବା ମଧ୍ୟମ ବା ବୃହତ ବ୍ୟବସାୟୀ, କିଛି ସେଲିବ୍ରିଟି, ଆଧ୍ୟାତ୍ମିକ ନେତା ଏବଂ ଲେଖକମାନେ ନିଜକୁ ସାଧାରଣଲୋକଙ୍କ ପାଖରେ ମହାନ ହେବା ପାଇଁ ଏହି ଉପାଧିଗୁଡ଼ିକୁ ଅର୍ଥ ବଦଳରେ ହାସଲ୍ କରି ସେମାନଙ୍କୁ ଶୋଷଣ କରିବା ଆରମ୍ଭ କରନ୍ତି। ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ପଦ୍ମ ପୁରସ୍କାର ପାଇଁ ଟଙ୍କା କିମ୍ବା ରାଜନୈତିକ ପ୍ରଭାବର ବ୍ୟବହାର କରାଯାଏ ବୋଲି ଅଭିଯୋଗ ରହିଛି, ଯଦିଓ ତାହା ପ୍ରମାଣ କରିବା କଷ୍ଟକର। ୨୦୧୯ରେ ଏକ ସାଧାରଣ ସଭାରେ ବାବା ରାମଦେବ କହିଥିଲେ ଯେ 'ଯଦି ମୁଁ ଅନ୍ୟମାନଙ୍କ ପରି ପଦ୍ମ ପୁରସ୍କାର ଲବି କରିଥା'ନ୍ତି, ତେବେ ମୁଁ ନିଜ ପାଇଁ ମଧ୍ୟ ଗୋଟିଏ ପୁରସ୍କାର ପାଇପାରିଥା'ନ୍ତି।' ପଦ୍ମ ପୁରସ୍କାର ପରି ଜାତୀୟ ପୁରସ୍କାର ପ୍ରତି ଏହା ସେତେବେଳେ ଏକ ପ୍ରଶ୍ନ ସୃଷ୍ଟି କରିଥିଲା।

ଯୋଗ୍ୟବ୍ୟକ୍ତି ବିନାକୌଣସି ପ୍ରତିଦାନରେ ଆନୁଷ୍ଠାନିକ ପୁରସ୍କାର ବା ବାହାବା ନେବାକୁ ଇଚ୍ଛା କରନ୍ତି ନାହିଁ। ବିନା ପୁରସ୍କାରରେ ସେମାନଙ୍କର କାମ୍ୟ ଜଗତର ସୁଖ ଓ ଶାନ୍ତି। ବିବେକାନନ୍ଦ, ମହାତ୍ମା ଗାନ୍ଧୀ, ମାର୍କ୍ସ, ଗୋପବନ୍ଧୁ, ଅବଦୁଲ କାଲାମ, ଗାଲିଲିଓ, ନିଉଟନ, ମାଡମ କ୍ୟୁରୀ ବା ଅନ୍ୟ କେହି ମନୀଷୀଙ୍କ ପରି ବ୍ୟକ୍ତିତ୍ୱଙ୍କର ନଥାଏ କୋଣସି ସମ୍ମାନ ପାଇବାର ପ୍ରଚେଷ୍ଟା ନା ଲୋଭ ନା ଅର୍ଥ ରୋଜଗାର ମୋହ। ସେମାନଙ୍କର ଥାଏ ଗୋଟିଏ ଲକ୍ଷ୍ୟ - ସେଥିପାଇଁ ତ ସେମାନେ ଅମର। ଯେଉଁମାନେ ଅର୍ଥ ବଦଳରେ ମିଛ ପୁରସ୍କାର ବା ଡିଗ୍ରୀ ବା ଉପାଧି ଧାରଣ କରନ୍ତି ସେମାନେ ସମାଜର କଳଙ୍କ; କୌଣସି ଅପରାଧୀଙ୍କ ଠାରୁ କମ ନୁହନ୍ତି। ଜନସାଧାରଣ ସେପରି ବ୍ୟକ୍ତିଙ୍କୁ ଚିହ୍ନି ସେମାନଙ୍କଠାରୁ ଦୂରରେ ରହି ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବାକୁ ପଡ଼ିବ। କାରଣ ବ୍ୟକ୍ତିତ୍ୱର ପରିଚୟ ଥାଏ ନିଷ୍କାମ କର୍ମରେ, ଛଦ୍ମ ପୁରସ୍କାରରେ ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ପଶୁ ଚିକିତ୍ସା ବିଜ୍ଞାନରେ କୃତ୍ରିମ ବୁଦ୍ଧିମତ୍ତା

**ପ୍ର. ସୁଶେନ କୁମାର ପଣ୍ଡା**

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ବର୍ତ୍ତମାନ ଯୁଗର ଏକଦିଗନ୍ତ ବିସ୍ତାରି ସମ୍ଭାବନାର ଅସୁମାରି ଆଶା, ଯାହା ଆଧୁନିକ ମାନବ ସମାଜର ବିଭିନ୍ନ କାର୍ଯ୍ୟଗୁଡ଼ିକୁ ଅଚିରେ ନିର୍ଭୁଲ ଭାବେ ସମ୍ପାଦନ କରିପାରୁଛି। ଉନ୍ନତ ଆଲଗୋରିଦମ୍‌ର ବ୍ୟବହାର ସହ ସବିଶେଷ ବିଶ୍ଳେଷଣ କ୍ଷମତା ଏବଂ ମେସିନ୍ ଲର୍ଣ୍ଣିଂକୁ ସମନ୍ୱିତ କରି ସ୍ୱୟଂକ୍ରିୟ ନିର୍ଭୁଲତା ଏବଂ ପୂର୍ବାନୁମାନ କ୍ଷମତାକୁ ସକ୍ଷମ କରି ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପଶୁ ଚିକିତ୍ସା ବିଜ୍ଞାନ ସମେତ ଏକାଧିକ କ୍ଷେତ୍ରରେ ଏହା ବ୍ୟାପକ ବୈପ୍ଳବିକ ପରିବର୍ତ୍ତନ ଆଣିପାରୁଛି। ବର୍ତ୍ତମାନ ଏଆଇର ଅପାର ସମ୍ଭାବନାକୁ ଆଖି ଆଗରେ ରଖି ଦେଶ-ବିଦେଶର ବୈଜ୍ଞାନିକ ଓ ସରକାରୀ କଳ ଏହାର ପୂର୍ଣ୍ଣଅବୟବ ବିକାଶ କରିବାରେ ଅପ୍ରାଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି।

ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ପାଳନ କ୍ଷେତ୍ରରେ ଏଆଇର ପ୍ରୟୋଗ ବ୍ୟାପକ। ପ୍ରାଣୀ ରୋଗ ନିର୍ଣ୍ଣୟ ସହିତ ରୋଗ ପରିଚଳନା, ନୂତନ ଔଷଧର ଆବିଷ୍କାର ଇତ୍ୟାଦିରେ ଏଆଇ ବେଶ ସହାୟକ ହୋଇପାରିବ ବୋଲି ବିଶ୍ୱାସ। ଏହା ପଶୁପକ୍ଷୀମାନଙ୍କ ଖାଦ୍ୟ ଗ୍ରହଣ, ଶରୀରର ଓଜନ ଏବଂ ଦୁଗ୍ଧ ଉତ୍ପାଦନର ଭିନ୍ନତା ଉପରେ ଆଧାରିତ ବିଭିନ୍ନ ପୂର୍ବାନୁମାନ ମଡେଲ ଜରିଆରେ ଥନହରା, ପରଜୀବୀ ସଂକ୍ରମଣ, ହରମୋନ୍ ଗତ ସମୟ ସାରଣୀ, ଅଂଶୁଘାତର ପୂର୍ବାନୁମାନ କିମ୍ବା ଅନ୍ୟାନ୍ୟ ରୋଗ ବ୍ୟାଧି ବିଷୟରେ ସଠିକ୍ ସଙ୍କେତ ଦେଇପାରେ। ପ୍ରାଣୀମାନଙ୍କ ଦେହରେ ଲଗାଯାଇଥିବା ବିଭିନ୍ନ ପରିଧାନଯୁକ୍ତ ଯନ୍ତ୍ର ଯଥା ସ୍ମାର୍ଟ ସେନ୍ସର ଏବଂ ଅନ୍ୟାନ୍ୟ ସ୍ୱୟଂଚାଳିତ ଯନ୍ତ୍ରର ବ୍ୟବହାରରେ ବ୍ୟାପକ ଡାଟାସେଟ୍‌ର ବିଶ୍ଳେଷଣ ସହ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ପ୍ରାଣୀ ପାଳକମାନେ ଖାଦ୍ୟ ରୂପାନ୍ତରଣ ଦକ୍ଷତା, ସନ୍ତୁଳିତ ପୁଷ୍ଟିକର ଯୋଜନା ଇତ୍ୟାଦି ବିଷୟରେ ସଠିକ୍ ପୂର୍ବାନୁମାନ କରି ବେଶ ଲାଭବାନ ହୋଇପାରିବେ।

ଏକ୍ସରେ, ଅଲଟ୍ରାସାଉଣ୍ଡ, ସି.ଟି. ସ୍କାନିଂ ଆଦି ପଶୁମାନଙ୍କର ହାଡ଼ଭାଙ୍ଗିବା, କର୍କଟ ରୋଗ କିମ୍ବା ଅଙ୍ଗ ଅସ୍ୱାଭାବିକତା ଆଦି ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଏବେ ଏଆଇ ଆଧାରିତ ମଡେଲ କେବଳ ପ୍ରତିଛବି ବିଶ୍ଳେଷଣ କରି ଏହାର ସଠିକ୍ ବ୍ୟାଖ୍ୟା କରିପାରୁଛି। ବିଭିନ୍ନ ସମୟରେ ପ୍ରାଣୀମାନଙ୍କଠାରୁ ମନୁଷ୍ୟମାନଙ୍କୁ ବ୍ୟାପୁଥିବା ସଂକ୍ରମଣ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ମହାମାରୀ ନିୟନ୍ତ୍ରଣ କରିବାରେ ଏଆଇର ପ୍ରୟୋଗ ଅତୁଳନୀୟ। ମେସିନ୍ ଲର୍ଣ୍ଣିଂ ମଡେଲ ଜଳବାୟୁ ତଥ୍ୟ ପଶୁମାନଙ୍କର ଗତିବିଧି ଏବଂ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଭିତ୍ତିଭୂମିର ସୂକ୍ଷ୍ମାତିସୂକ୍ଷ୍ମ ପରିବର୍ତ୍ତନକୁ ସବିଶେଷ ବିଶ୍ଳେଷଣ କରି ବାର୍ଡ ଫ୍ଲୁ, ବ୍ଲୁ ଟଙ୍ଗ, ରିଫ୍ଟଭ୍ୟାଲିଜର ଇତ୍ୟାଦି ରୋଗ ପ୍ରାଦୁର୍ଭାବ ବିଷୟରେ ସଠିକ୍ ପୂର୍ବାନୁମାନ କରିପାରେ।

ପ୍ରାଣୀସ୍ୱାସ୍ଥ୍ୟ ମାନବ ସମାଜର ସୁସ୍ଥତା ଏବଂ ପରିବେଶ ସମ୍ବନ୍ଧୀୟ ତଥ୍ୟକୁ ଏକାଠି ଯୋଡ଼ି ଏଆଇ ଏକକ ସ୍ୱାସ୍ଥ୍ୟ ଆଭିମୁଖ୍ୟକୁ କେବଳ ସୁଦୃଢ଼ କରିନଥାଏ ବରଂ ଏହା ସାମଗ୍ରିକ ରୋଗ ନିବାରଣ ରଣକୌଶଳକୁ ସକ୍ଷମ କରିଥାଏ। ଗୃହପାଳିତ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଉପରେ ତୀକ୍ଷଣ ନଜର ରଖିବା ପାଇଁ ଏଆଇ ଆଧାରିତ ଆପ୍ ଏବଂ ପରିଧାନଯୋଗ୍ୟ ଯନ୍ତ୍ର ପ୍ରାଣୀମାନଙ୍କର ଦ୍ରୁତ ସ୍ପନ୍ଦନ ହାର, ନିଦ୍ରାଚକ୍ର, ଖାଦ୍ୟ ଗ୍ରହଣ ଇତ୍ୟାଦି ଉପରେ ନଜର ରଖିଥାଏ, ଯାହାକି ପଶୁଚିକିତ୍ସକମାନଙ୍କୁ ବିଭିନ୍ନ ରିଅଲ୍ ଟାଇମ୍ ସ୍ୱାସ୍ଥ୍ୟ ଯଥା ହୃଦ୍‌ରୋଗ, ବାତ ଓ ମେଦବହୁଳତା ଇତ୍ୟାଦି ରୋଗଗୁଡ଼ିକର ଶୀଘ୍ର ଚିହ୍ନଟକୁ ସକ୍ଷମ କରିବାରେ ସହାୟକ ହୋଇଥାଏ। ଏଆଇ ପରିଚାଳିତ ଆଚରଣ ବିଶ୍ଳେଷଣ ଉପକରଣ କୁକୁର ଓ ବିଲେଇମାନଙ୍କ ମଧ୍ୟରେ ଚାପ, ଉଦ୍‌ବେଗ କିମ୍ବା ଆକ୍ରମଣକୁ ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରେ। ଅଧୁନା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଅନ୍ତର୍ଗତ ଗୋମହିଷାଦିମାନଙ୍କଠାରେ ପରୀକ୍ଷାମୂଳକ ଭାବେ ଓୟୁଏଟି ଷ୍ଟାର୍ଟ ଅପ୍ ଅନ୍ତର୍ଭୁକ୍ତ କାଓବିଟ୍ ଟେକ୍ନୋଲଜିସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ସହଜ ପରିଧାନଯୁକ୍ତ କିଛି ବାୟୋସେନ୍ସର ପରୀକ୍ଷା ଅବ୍ୟାହତି ଚାଲୁଛି।

ଏଆଇ ଓ ମେସିନ୍ ଲର୍ଣ୍ଣିଂର ବିଭିନ୍ନ ମଡେଲ ପଶୁ ଖାଦ୍ୟରେ ଜୀବାଣୁର ଉପସ୍ଥିତି, ରାସାୟନିକ ଅବଶିଷ୍ଟାଂଶ ଏବଂ ଅପମିଶ୍ରଣକୁ ଚିହ୍ନଟ କରିବାରେ ସହାୟକ ହୋଇଥାଏ। ଖାଦ୍ୟ ପ୍ରକ୍ରିୟାକରଣ କାରଖାନାଗୁଡ଼ିକରେ ଏଆଇ ପରିଚାଳିତ ରୋବୋଟିକ୍ସ ବର୍ଜ୍ୟବସ୍ତୁ ହ୍ରାସ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକର ଏବଂ ସ୍ୱଚ୍ଛ ପଶୁ ଉତ୍ପାଦ ବ୍ୟବସ୍ଥା ସୁନିଶ୍ଚିତ କରିଥାଏ। ଏଆଇ ଦ୍ୱାରା ବିଶ୍ଳେଷଣ କରାଯାଇଥିବା କ୍ୟାମେରା ଟ୍ରାପ, ଡ୍ରୋନ୍ ଓ ଉପଗ୍ରହ ଚିତ୍ରରୁ ଶିକାର କାର୍ଯ୍ୟକଳାପକୁ ଅତିଶୀଘ୍ର ଚିହ୍ନଟ କରିହୁଏ। ପ୍ରାଣୀ ଚିକିତ୍ସକମାନେ ଏଆଇ ମଡେଲ୍‌ରୁ ବିଭିନ୍ନ ବନ୍ୟଜନ୍ତୁଙ୍କଠାରେ ବିଭିନ୍ନ ରୋଗର ପ୍ରାଦୁର୍ଭାବ ବିଷୟରେ ପୂର୍ବାନୁମାନ କରିଥା'ନ୍ତି। ଯଥା, ବାଦୁଡିରେ ଧଳା ନାକ ରୋଗ କିମ୍ବା ବନ୍ୟ ପ୍ରାଣୀରେ ଡିସ୍ଟେମ୍ପର ଇତ୍ୟାଦି।

ପଶୁମାନଙ୍କ କ୍ଷେତ୍ରରେ ନୂତନ ଔଷଧ ଆବିଷ୍କାରରେ ଅର୍ଥ ବାଧକ ହୋଇଥାଏ। ଏବେ ଏଆଇ ମଡେଲ ମାଧ୍ୟମରେ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଭର୍ଚୁଆଲ ବିଚ୍ଛୁରଣ ଏବଂ ବିଭିନ୍ନ ପ୍ରାଣୀଶରୀରର ସଂରଚନା ମଡେଲ ଶିକ୍ଷାର୍ଥୀମାନଙ୍କ ପଶୁ ବ୍ୟବହାର ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଦକ୍ଷ କରେ। ଚାଟ୍ ବଟ୍ ଓ ଭର୍ଚୁଆଲ ସହାୟକମାନେ କ୍ଷେତ୍ରସ୍ତରୀୟ ପ୍ରାଣୀଚିକିତ୍ସକମାନଙ୍କ ପାଇଁ ନିରନ୍ତର ଶିକ୍ଷଣ ଓ ଅନୁସନ୍ଧାନ କାର୍ଯ୍ୟ ଜାରି ରଖିଥା'ନ୍ତି। ଏଆଇ ମଡେଲ ମାଧ୍ୟମରେ ବିଭିନ୍ନ ରୋଗନିଦାନ ଉପକରଣ ଯଥା ବାୟୋ ସେନ୍ସର ଏବେ ବାସ୍ତବ ସମୟରେ ଜଟିଳ ଡାଟା ପ୍ରକ୍ରିୟାକରଣ କରିପାରୁଛି, ଯାହା ତୁରନ୍ତ ରୋଗ ଜୀବାଣୁ ଚିହ୍ନଟ କରିବା ସହିତ ଉପଶମ ଆବଶ୍ୟକ ପରାମର୍ଶ ଦେଇପାରୁଛି।

ଏକବିଂଶ ଶତାବ୍ଦୀର ପ୍ରାଣୀଚିକିତ୍ସା କ୍ଷେତ୍ରରେ ଆଧାରଶୀଳା ଭାବେ ଏଆଇକୁ ସ୍ଥାନିତ କରି, ପାରମ୍ପରିକ ବିଶେଷଜ୍ଞତା ସହ ସୁସମନ୍ୱୟ ରକ୍ଷା କରି ପ୍ରାଣୀ ଚିକିତ୍ସାର ସୁନେଲି ଭବିଷ୍ୟତକୁ କିପରି ପରିଭାଷିତ ଓ ପରିମାର୍ଜିତ କରାଯାଇପାରିବ, ସେଥିପାଇଁ ସମସ୍ତେ ସଦାଚେଷ୍ଟିତ ହେବା ବର୍ତ୍ତମାନ ସମୟରେ ଏକ ଆହ୍ୱାନ।

ଅଧକ୍ଷ, ଓୟୁଏଟି, ଭୁବନେଶ୍ୱର

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ଇସବ୍‌ଗୁଲ

### ପ୍ରକୃତି-ପରିବେଶ

ଇସବଗୁଲ କେନ୍ଦ୍ରୀୟ ଏସିଆ, ବିଶେଷକରି ଭାରତ ଓ ଇରାନର ମୂଳ ଦେଶୀୟ ଉଦ୍ଭିଦ, ଯାହା ବର୍ତ୍ତମାନ ବିଶ୍ୱର ବିଭିନ୍ନ ସ୍ଥାନରେ ବିସ୍ତାରିତ। ଔଷଧୀୟ ଗୁରୁତ୍ୱ ହେତୁ ବିଶ୍ୱର ଅନେକ ଦେଶରେ ଇସବଗୁଲ୍ ଚାଷ କରାଯାଉଛି। ଏହା ଏକବାର୍ଷିକ କ୍ଷୁଦ୍ର ତୃଣଜାତୀୟ ଉଦ୍ଭିଦ, ଯାହା ସାଧାରଣତଃ ୨୦ ରୁ ୪୦ ସେମି ପର୍ଯ୍ୟନ୍ତ ସିଧା ବଢ଼ିଥାଏ। ଉଦ୍ଭିଦର ମୂଳରୁ ବାହାରୁଥିବା ପତ୍ରଗୁଡ଼ିକ ୭-୨୫ ସେମି ଲମ୍ବବିଶିଷ୍ଟ, ଗାଢ଼ ରଙ୍ଗର, ମୁଖ୍ୟ ଅକ୍ଷରେ ବଙ୍କା, ଧାର ଛୋଟ ଓ କଣ୍ଟା ଯୁକ୍ତ। ଫୁଲଗୁଡ଼ିକ ଉଭୟଲିଙ୍ଗୀ ଓ ଧଳା। ଫଳ ଗୁଡ଼ିକ ୭-୮ ମିମି ଲମ୍ବ ଓ ଅଣ୍ଡାକାର। ବିହନଗୁଡ଼ିକ ଡିମ୍ବାକାର ଡଙ୍ଗା କିମ୍ବା କାନ ଆକାରର, ୨ ମିମି ଲମ୍ବା, ଗୋଲାପୀ କିମ୍ବା ମାଟିଆ ରଙ୍ଗର।

ତୃଣଟି ଭାରତୀୟ ଆୟୁର୍ବେଦ ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ ଏବଂ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଡିମ୍ବାକାର ଭୁସି ଏକପ୍ରକାରର ଖାଦ୍ୟ ତନ୍ତୁ, ଯାହାକୁ ଜାତିଗତ ଔଷଧ ଭାବରେ ବିବେଚନା କରାଯାଏ। ପତ୍ର, ଭୁସି ଓ ବିହନର ଔଷଧୀୟ ଗୁଣ ଅଛି। ବିହନର ବାହ୍ୟ ସ୍ତର ଅର୍ଥାତ ଚୋପା ଭୁସି ଗଠନ କରେ, ଯାହା ଏକ ପ୍ରାକୃତିକ ପଲିମର। ଏହି ତୃଣଟି ଫାଇବର ବା ତନ୍ତୁ ଏବଂ ମ୍ୟୁସିଲେଜରେ ଭରପୂର। ମ୍ୟୁସିଲେଜ ଏକ ରଙ୍ଗହୀନ ତରଳ ଜେଲିଂ ଏଜେଣ୍ଟ, ଯାହା ଆୟତନରେ ବିସ୍ତାରିତ ହୋଇପାରେ। କାରଣ ଏହା ତା'ର ଓଜନ ଠାରୁ ୪୦ ଗୁଣ ଅଧିକ ପାଣି ଶୋଷଣ କରିଥାଏ। ଏହାର ପାଣି ଶୋଷଣ କରିବାର କ୍ଷମତା ଏହାକୁ ଏକ ପ୍ରଭାବଶାଳୀ ମଳ ସଫା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ସହଜ କରିଥାଏ। ଏହି ତୃଣ ରେଚକ୍ୟକାରୀ ଏଜେଣ୍ଟ ଭାବରେ ଏବଂ ଇରିଟେବ୍ଲ ବାୱେଲ ସିଣ୍ଡ୍ରୋମ, ଆଷ୍ଟ୍ରିଞ୍ଜେଣ୍ଟ, ଆଣ୍ଟି-ଇନ୍‌ଫ୍ଲେମାଟୋରୀ ଏଜେଣ୍ଟ ଇତ୍ୟାଦି ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହାବାଦ୍ ମୂତ୍ର ସଂକ୍ରମଣ, ଚର୍ମ ସଂକ୍ରମଣ, ପାଚନ ସମସ୍ୟା, ଜେନିଟୋୟୁରିନାରୀ ଟ୍ରାକ୍ଟ ବା ଜନେନ୍ଦ୍ରିୟ-ମୂତ୍ରମାର୍ଗ ସମ୍ବନ୍ଧିତ ସମସ୍ୟା, ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା ଓ କୋଲେଷ୍ଟ୍ରଲ ନିୟନ୍ତ୍ରଣ, ଇଷ୍ଟ ସଂକ୍ରମଣ, ପତଳା ଝାଡ଼ା, ଶରୀର ସ୍ଥୂଳତା ଓ ଓଜନ ହ୍ରାସ, ହେମୋରୋଏଡ୍ସର ଜ୍ୱଳନ ହ୍ରାସ, ଫୁଲା, କୋଲନ୍ ବା ବୃହଦନ୍ତ୍ର କର୍କଟ, ହେମୋରୋଏଡ, ଇତ୍ୟାଦି ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ।

ବିହନ ଗୁଣ୍ଡ ଅପଚୟଶୀଳ ଏବଂ ଦ୍ରବଣୀୟ ଉତ୍ସ। ଭୁଷିକୁ ପାଣିରେ ବୁଡ଼ାଇ ଦେଲେ ଉତ୍ପାଦିତ ଜେଲାଟିନସ୍ ମ୍ୟୁସିଲେଜ୍ ବୃହଦନ୍ତ୍ର ଭିତରେ ବିଷାକ୍ତ ପଦାର୍ଥକୁ ଶୋଷଣ କରିବାର କ୍ଷମତା ରଖେ। ତେଣୁ ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ବୀଜ ଭ୍ରୁଣରେ ଥିବା ତେଲରେ ୫୦% ଲିନୋଲିକ୍ ଏସିଡ୍ ଥାଏ ଏବଂ ଏଥେରୋସ୍କେଲାରୋସିସ୍‌ର ପ୍ରତିରୋଧକ ଭାବରେ ବ୍ୟବହାର କରାଯାଏ। ଏହି ତୃଣ ଶିଶୁ, ଗର୍ଭବତୀ ଓ ପ୍ରସୂତି ସେବନ କରିବା ସୁରକ୍ଷିତ ଅଟେ। ତଥାପି ଚିକିତ୍ସକଙ୍କ ବିନା ପରାମର୍ଶରେ ଏହା ଖାଇବା ଉଚିତ ନୁହେଁ। ଏହି ତୃଣ କାଇରୋର ପାରମ୍ପରିକ ଔଷଧୀୟ ଦୋକାନଗୁଡ଼ିକରେ ଗର୍ଭନିରୋଧକ ଭାବରେ ଉପଲବ୍ଧ। ଆମ ଭାରତୀୟ ବଜାରରେ ଲାକ୍ସୋହର୍ବ ପାଉଡର, ଗୋଲ୍ୟାକ୍ସ ପାଉଡର, ଲାକ୍ସୋଗୋଲ୍ଡ କ୍ୟାପସୁଲ ଇତ୍ୟାଦି ଆକାରରେ ଉପଲବ୍ଧ।

ଏହି ତୃଣର କଅଁଳିଆ ପତ୍ରକୁ କଞ୍ଚା କିମ୍ବା ରାନ୍ଧି ଖିଆ ଯାଇପାରେ। ବିହନ ଆବରଣକୁ ଆଇସ୍କ୍ରିମ୍ ସ୍ଥିରକାରୀ ଭାବରେ ବ୍ୟବହାର କରାଯାଏ। ଅଙ୍କୁରିତ ବିହନ ଏବଂ ତରୁଣ ବା କଅଳିଆ ପତ୍ରକୁ ସାଲାଡ ତିଆରି କରିବା ପାଇଁ ବ୍ୟବହାର କରାଯାଏ। ବିହନଗୁଡ଼ିକୁ ଦହିରେ ଏବଂ ଫାଇବର ପରିମାଣ ବୃଦ୍ଧି କରିବା ପାଇଁ ଭୁସିକୁ ସୁପ୍ ଏବଂ ସ୍ଟୁଦିରେ ମିଶାଯାଇପାରେ। ମ୍ୟୁସିଲେଜ୍ ଲୁଣକୁ କଠିନ କରିବା ପାଇଁ ଷ୍ଟର୍ଚ୍ଚ ଭାବରେ ବ୍ୟବହୃତ ହୁଏ। ଭୁସିରୁ ମିଳୁଥିବା ଖାଦ୍ୟ ତନ୍ତୁ ପ୍ରକ୍ରିୟାକୃତ ଖାଦ୍ୟରେ, ଖାଦ୍ୟର ଏକ ଉପାଦାନ ଭାବରେ ଏବଂ ସ୍ୱାସ୍ଥ୍ୟ ପରିପୂରକରେ ବ୍ୟବହାର କରାଯାଇପାରେ।

ଗ୍ରୀଷ୍ମ ଋତୁର ଆରମ୍ଭରେ ତୃଣଗୁଡ଼ିକ ରୁଆ ହୋଇଥାଏ। ରୋପଣର ୬୦ ଦିନ ପରେ ଫୁଲ ଫୁଟିଥାଏ। ଏହା ଏକ କ୍ଷଣସ୍ଥାୟୀ ଉଦ୍ଭିଦ, ୧୩୦ ଦିନ ପର୍ଯ୍ୟନ୍ତ ବଞ୍ଚି ରହିଥାଏ ଏବଂ ରକ୍ଷଣାବେକ୍ଷଣ କରିବା ସହଜ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କ୍ରିପ୍ଟୋ ଆଳରେ ୬କୋଟି ଠକେଇ

# ପଞ୍ଜାବରୁ ଠକ ଗିରଫ

କଟକ,୨୪।୮(ସମିସ): କୁଖ୍ୟାତ ସାଇବର୍ ଠକ ଗୋଷ୍ଠୀ କ୍ରିପ୍ଟୋ ମୁଦ୍ରା ନାଁରେ ଜଣେ ବ୍ୟବସାୟୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬ କୋଟି ଟଙ୍କା ଲୁଟି ନେଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ପଞ୍ଜାବର ଲୁଧିଆନାରୁ ବିଟ୍ଟୁ କୁମାର(୪୧)କୁ ଗିରଫ କରାଯାଇଛି। ବିଟ୍ଟୁ ନିକଟରୁ ସାଇବର୍ ପୁଲିସ ମୋବାଇଲ୍, ଫୋନ୍, ସିମ୍ କାର୍ଡ, ଡେବିଟ୍ କାର୍ଡ ଇତ୍ୟାଦି ଜବତ କରିଛି। ତାକୁ ଗିରଫ କରିବା ପରେ ଲୁଧିଆନାର ଏକ କୋର୍ଟରେ ହାଜର କରାଯାଇଥିଲା। ଏହା ପରେ ବ୍ରହ୍ମପୁର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇବା ଜଣାପଡ଼ିଛି।



କ୍ରାଇମବ୍ରାଞ୍ଚ ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ଜଣେ ଅଳଙ୍କାର ବ୍ୟବସାୟୀଙ୍କ ଫେସବୁକ୍ ମାଧ୍ୟମରେ ସଞ୍ଜନା ଶ୍ରୀନିବାସନଙ୍କ ସହ ପରିଚୟ ହୋଇଥିଲା। ସଞ୍ଜନା ନିଜକୁ ହଂକଂରେ ଥିବା ଆଇବିଏମର ସଫ୍ଟୱେର୍ ଡେଭେଲପର୍ ବୋଲି ପରିଚୟ ଦେଇ ଫେସ୍‌ବୁକ୍ ମେସେଞ୍ଜର୍‌ରେ ତାଙ୍କ ସହ ଚାଟ୍ କରିଥିଲା। ଜାପାନର ଏକ ଟ୍ରେଡିଂ କମ୍ପାନୀ କ୍ରିପ୍ଟୋ ମୁଦ୍ରାରେ ନିବେଶ କରିବାକୁ ସଞ୍ଜନା ବ୍ରହ୍ମପୁରର ଅଳଙ୍କାର ବ୍ୟବସାୟୀଙ୍କୁ ପ୍ରସ୍ତାବ ଦେଇଥିଲା। ନିବେଶ କଲେ ଭଲ ଲାଭ ଥିବାର ଲୋଭ ଦେଖାଇବାରୁ ଅଳଙ୍କାର ବ୍ୟବସାୟୀ ନିବେଶ କରିଥିଲେ। ଭାରତୀୟ ମୁଦ୍ରା ସିଧାସଳଖ ଜାପାନର ଏହି କମ୍ପାନିରେ ନିବେଶ କରିବା ସମ୍ଭବପର ହେଉ ନ ଥିବାରୁ ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିବାକୁ ସଞ୍ଜନା କହିଥିଲା। ୨୦୨୪ ମେ' ୨୩ରୁ ଜୁନ ୨୪ ଭିତରେ ୧୨ଟି ଭାରତୀୟ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୬କୋଟି ୧୬ଲକ୍ଷ ୩୭ହଜାର ୮୪ ଟଙ୍କା ଅଳଙ୍କାର ବ୍ୟବସାୟୀଜଣକ ଜମା କରି ଦେଇଥିଲେ। କିଛି ଦିନ ପରେ ତାଙ୍କୁ ଜାପାନର ଟ୍ରେଡିଂ କମ୍ପାନିର ୟୁଜର୍ ନେମ୍ ଓ ପାସ୍‌ୱାର୍ଡ ଦିଆଯାଇଥିଲା। ଅଳଙ୍କାର ବ୍ୟବସାୟୀ ଯେତେବେଳେ ଟଙ୍କା ଉଠାଣ କରିବାକୁ ଉଦ୍ୟମ କଲେ ବେଆଇନ ସଂସ୍ଥା ପକ୍ଷରୁ ତାଙ୍କୁ ଅତିରିକ୍ତ ୮୯ ଲକ୍ଷ ଟଙ୍କା ଜମା କରିବାକୁ ପରାମର୍ଶ ଦିଆଯାଇଥିଲା। ସାଇବର୍ ଠକେଇ ହୋଇଥିବା ସନ୍ଦେହ କରି ଅଳଙ୍କାର ବ୍ୟବସାୟୀ ଟଙ୍କା ଜମା କରିବାକୁ ମନା କରିଦେଇଥିଲେ। କ୍ରାଇମବ୍ରାଞ୍ଚ ସାଇବର୍ ଥାନାରେ ୨୦୨୪ ଜୁଲାଇ ୯ରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏକ ମାମଲା ରୁଜୁ କରିବା ପରେ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ମାର୍ଚ୍ଚ ୨୬ରେ ଗୁଜୁରାଟର ସୁରତରୁ ମୁଖ୍ୟ ଅଭିଯୁକ୍ତ ସଭାୟା ରବି କୁମନଭାଇଙ୍କ ସମେତ ସେଜଲ୍ ରବି କୁମାର ସଭାୟା, ସଭାୟା କୁମନ ଭାଇ, ପାରସ ଧୀରୁଭାଇ ଜେସାନୀ, ଧର୍ମେଶ ନାନୁଭାଇ ସାଭଲିୟାଙ୍କୁ ଗିରଫ କରିଥିଲା। ଗୁଜୁରାଟୀ କପଡ଼ା ବ୍ୟବସାୟୀ ସଭାୟା କୁମନ ଭାଇର ବ୍ୟାଙ୍କ ଆକାଉଣ୍ଟକୁ ୭୦ ଲକ୍ଷ ଟଙ୍କା ଯାଇଥିବା ଜଣାପଡ଼ିଥିଲା। ଏମାନଙ୍କ ମଧ୍ୟରେ ଜଣେ ମହିଳା ଠକ ମଧ୍ୟ ରହିଛି। ସଞ୍ଜନା ଶ୍ରୀନିବାସନ୍ ପରିଚୟ ଦେଉଥିବା ମହିଳାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ପରିସରଭୁକ୍ତ କରିଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଟ୍ଟୁ କୁମାରକୁ ଆଜି ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

## କୋଟିଏ ଟଙ୍କା ସାଇବର୍ ଠକେଇ ଘଟଣା

# କୁଖ୍ୟାତ ସାଇବର ଲୁଟେରା ଗିରଫ

କଟକ,୨୪।୮(ସମିସ): ୧କୋଟି ଟଙ୍କାର ସାଇବର୍ ଠକେଇ ମାମଲାରେ ଆଜି କ୍ରାଇମବ୍ରାଞ୍ଚ୍ ଜଣେ କୁଖ୍ୟାତ ସାଇବର ଲୁଟେରାକୁ ଗିରଫ କରିଛି। ଅଭିଯୁକ୍ତଜଣକ ହେଉଛି, ଆନ୍ଧ୍ରପ୍ରଦେଶ ଗୁଣ୍ଟୁରରେ ରହୁଥିବା ସୁଧିର କୁମାର(୩୩)। ତା' ପାଖରୁ ମୋବାଇଲ୍ ଫୋନ, ସିମ୍ କାର୍ଡ, ବ୍ୟାଙ୍କ ପାସବୁକ, ଚେକ୍ ବହି ଇତ୍ୟାଦି ଜବତ କରାଯାଇଛି। କ୍ରାଇମ୍‌ବ୍ରାଞ୍ଚ ସୂଚନା ଅନୁଯାୟୀ, ଆଇପିଓ ଓ ଓଟିସିରେ ନିବେଶ ନାଁରେ ଅନଲାଇନ୍‌ରେ ଜଣେ ଅଜଣା ବ୍ୟକ୍ତିକୁ ମୟୂରଭଞ୍ଜର ଜଣେ ବ୍ୟକ୍ତି ୧କୋଟି ୧ଲକ୍ଷ ୪୪ ହଜାର ୬୯୯ଟଙ୍କା ଦେଇଥିଲେ। ସୋସିଆଲ୍ ମିଡିଆରେ ଅଜଣା ବ୍ୟକ୍ତିର ଏଭଳି ପରାମର୍ଶରେ ଟଙ୍କା ଜମା କରିଥିଲେ। କିନ୍ତୁ ଯେତେବେଳେ ଟଙ୍କା ଉଠାଣ କରିବାକୁ ମୟୂରଭଞ୍ଜର ବ୍ୟକ୍ତିଜଣକ ଚେଷ୍ଟା କରିଥିଲେ, ଟଙ୍କା ଉଠିନଥିଲା।




ଅଧିକ ଟଙ୍କା ନିବେଶ କରିବାକୁ କହିଥିଲେ। ସାଇବର୍ ଠକେଇର ଶିକାର ହୋଇଥିବା ଜାଣିପାରି ସାଇବର୍ ଥାନାରେ ଚଳିତବର୍ଷ ମାର୍ଚ୍ଚ ୧୭ ତାରିଖରେ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏତଲା ଆଧାରରେ ଘଟଣାର ତଦନ୍ତ କରି ଅଭିଯୁକ୍ତ ସୁଧିରକୁ ଗିରଫ କରିଥିବା ସୂଚନା ମିଳିଛି।

# ସାରଳା ସାହିତ୍ୟ ସଂସଦ ମୁମ୍ବାଇ ଶାଖାର ସାରସ୍ୱତ ଉତ୍ସବ

କଟକ,୨୪।୮(ସମିସ): ମୁମ୍ବାଇ ବିଶ୍ୱବିଦ୍ୟାଳୟର ଭାଷା ସମ୍ମିଳନୀ କକ୍ଷରେ ସାରଳା ସାହିତ୍ୟ ସଂସଦ ମୁମ୍ବାଇ ଶାଖା ଆନୁକୂଲ୍ୟରେ ଏକ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ।

ସାହିତ୍ୟ ଏକାଡେମୀ ଓ ବ୍ୟାସ ସମ୍ମାନପ୍ରାପ୍ତ ପ୍ରଖ୍ୟାତ ହିନ୍ଦୀ ସାହିତ୍ୟିକ ଡକ୍ଟର ସୂର୍ଯ୍ୟବାଲା ଏହି ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଆ ସାହିତ୍ୟର ଉତ୍କର୍ଷତା ଓ ଓଡ଼ିଆ କବିତାର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେ ସାରଳା ସାହିତ୍ୟ ଉପରେ ଆଲୋଚନା କରି ଓଡ଼ିଆ ସାହିତ୍ୟର ଜନକ ଆଦିକବି ସାରଳା ଦାସ ଆଞ୍ଚଳିକ ଭାଷାରେ ପ୍ରଥମ ପୂର୍ଣ୍ଣାଙ୍ଗ ମହାଭାରତ ରଚନା କରିଥିଲେ ବୋଲି କହିଥିଲେ। ସାରଳା ମହାଭାରତ ପଞ୍ଚଦଶ ଶତାବ୍ଦୀର ଓଡ଼ିଶାର ଜନ ଜୀବନର ପ୍ରତିଛବି ବୋଲି କହିଥିଲେ।

ସମ୍ମାନିତ ଅତିଥି ମରାଠୀ ସାହିତ୍ୟିକ ଓ ପ୍ରଶାସକ ଉମେଶ କାଶୀକର ଓଡ଼ିଶା ଓ ମହାରାଷ୍ଟ୍ରର ସାଂସ୍କୃତିକ ଓ ସାହିତ୍ୟିକ ସଂପର୍କ ଉପରେ ଆଲୋକପାତ କରିଥିଲେ। ବମ୍ବେ ଓଡ଼ିଆ ସମାଜର ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ଏଭଳି ସାରସ୍ୱତ ଆଲୋଚନାଚକ୍ରର ଗୁରୁତ୍ୱ ଉପରେ ଆଲୋଚନା କରି ଏହା ଜାତୀୟ ସଂହତି ଓ ମୈତ୍ରୀ ଭାବ ରଖିବାରେ ପ୍ରଭାବ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂସଦର ମୁମ୍ବାଇ ଶାଖାର ଆବାହକ ପ୍ରଫେସର ଡକ୍ଟର ରାଜେଶ କରଙ୍କର ସ୍ୱାଗତ ଭାଷଣ ଦେବା ସହିତ ଅତୀତ କଳିଙ୍ଗର ଇତିହାସ ଉପରେ ଆଲୋଚନା କରିଥିଲେ।



ସହାୟକ ହେବ ବୋଲି କହିଥିଲେ। ସଭାପତି ଡ. ସ୍ୱାଇଁ ତାଙ୍କ ଅଭିଭାଷଣରେ ସାରଳା ସାହିତ୍ୟ ସଂସଦ ସଂସଦର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହିତ ଏଭଳି ସାରସ୍ୱତ କାର୍ଯ୍ୟକ୍ରମ ମରାଠୀ ଓ ଓଡ଼ିଆ ସାହିତ୍ୟ ମଧ୍ୟରେ ବନ୍ଧୁତାର ସେତୁ ସ୍ଥାପନ କରିବ ବୋଲି କହିଥିଲେ। ପାଲି ବିଭାଗର ମୁଖ୍ୟ ପ୍ରଫେସର ଡ. ଯୋଜନା ଭଗତ କଳିଙ୍ଗା ବୌଦ୍ଧଧର୍ମର ପରମ୍ପରା ଏବଂ ଓଡ଼ିଆ କବିତାରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ପ୍ରଭାକର ସ୍ୱାଇଁଙ୍କର ରଚିତ ଓଡ଼ିଆ ଗଳ୍ପ ସଂକଳନ ପ୍ରଫେସର ସତ୍ୟ ନାରାୟଣ ପଣ୍ଡାଙ୍କ ଦ୍ୱାରା ହିନ୍ଦୀ ଅନୁଦିତ ଗ୍ରନ୍ଥ "ଆଠରି ମୁସ୍କାନ"କୁ ମୁଖ୍ୟ ଅତିଥି ସୂର୍ଯ୍ୟବାଲା ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଆଶୁତୋଷ କଦମ, ମିତା ଖରାଶ ପ୍ରମୁଖ ପାଲି ବିଶେଷଜ୍ଞମାନେ ଓଡ଼ିଆ କବିତା ଉପରେ ବୌଦ୍ଧ ଧାରିଣୀଙ୍କ ପ୍ରଭାବ ଉପରେ ଆଲୋଚନା କରିଥିଲେ।

# ଆଜି ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ

ଭୁବନେଶ୍ୱର, ୨୪।୮(ସମିସ): ଆସନ୍ତାକାଲି (ସୋମବାର) ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସମ୍ମିଳନୀ ଭୁବନେଶ୍ୱରର ମେ' ଫେୟାର କନଭେନସନ୍‌ଠାରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଏକତ୍ରିତ ହୋଇ ପୂର୍ବଭାରତରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ସୁଯୋଗ ଏବଂ ଆହ୍ୱାନ ସଂପର୍କରେ ଆଲୋଚନା କରିବେ। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରାପୁଙ୍କ ଉପସ୍ଥିତିରେ ସମ୍ମିଳନୀ ଉଦ୍‌ଘାଟନ ହେବାକୁ ଥିବା ବେଳେ ସେ ସ୍ୱାଗତ ଅଭିଭାଷଣ ରଖିବେ। ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ବିମାନବନ୍ଦର ଓ ହେଲିପୋର୍ଟ ବିକାଶ ମଡେଲ, ଉଡାନ ଯୋଜନା ଏବଂ ଆଞ୍ଚଳିକ ସଂଯୋଗ, ବିମାନ ଚଳାଚଳରେ ଦକ୍ଷତା ବିକାଶ, ଡ୍ରୋନ୍ ଇକୋସିଷ୍ଟମ୍‌ର ସମ୍ପ୍ରସାରଣ, ଏବଂ ହେଲିକପ୍ଟର୍ ଜରୁରୀକାଳୀନ ମେଡିକାଲ ସେବାର ଭବିଷ୍ୟତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସଂପର୍କରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତରେ ସ୍କୁଲ ଫି'...

ସ୍ଥାନରେ ରହିଛି। ସେହିପରି ବଜେଟ କୈନ୍ଦ୍ରିକ ଘରୋଇ ସ୍କୁଲଗୁଡିକରେ ବର୍ଷକୁ ୨୦ରୁ ୪୦ ହଜାର ଟଙ୍କା ଦେବାକୁ ପଡୁଛି। ଏହା ପ୍ରଥମ ପିଢ଼ିର ପିଲାଙ୍କୁ ଶିକ୍ଷା ଯୋଗାଉଛି। ଅନ୍ୟପକ୍ଷରେ ସରକାରୀ ସ୍କୁଲ୍‌ରେ ଶିକ୍ଷା ମାଗଣା ଥିବାବେଳେ ବ୍ୟବସ୍ଥା ଦୁର୍ବଳ ଥିବାରୁ ଲୋକେ ଘରୋଇ ଶିକ୍ଷାନୁଷ୍ଠାନକୁ ପସନ୍ଦ କରୁଛନ୍ତି। ଏହି ତ୍ରିସ୍ତରୀୟ ସ୍କୁଲ ବ୍ୟବସ୍ଥା ଶିକ୍ଷାର ମଡେଲ ଭାବେ ନୁହେଁ, ବରଂ ଷ୍ଟାଟସ ଭାବେ ଦେଖାଯାଉଛି।

ଦିଲ୍ଲୀରେ ପରିବାର ହାରାହାରି ବାର୍ଷିକ ଆୟ ୧୨ରୁ ୧୫ ଲକ୍ଷ ଟଙ୍କା ଥିବାବେଳେ ଘରୋଇ ସ୍କୁଲର ଦେୟ ୧୨ରୁ ୨୦ ଲକ୍ଷ ଟଙ୍କା ରହିଛି। ଗୋଟିଏ ପରିବାର ନିଜ ଆୟର ୮୦ରୁ ୧୩୦ ପ୍ରତିଶତ ପିଲାଙ୍କ ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି। ସେହିପରି ମୁମ୍ବଇରେ ଆୟ ୧୫ରୁ ୧୮ ଲକ୍ଷ ଥିବାବେଳେ ସ୍କୁଲ ଦେୟ ୯-୧୫ ଲକ୍ଷ ରହିଛି। ୫୦-୮୫ ପ୍ରତିଶତ ଅର୍ଥ ଏହି ଦେୟ ଦେବାରେ ଖର୍ଚ୍ଚ ହେଉଛି। ଅନ୍ୟପକ୍ଷରେ ଦୁବାଇରେ ବାର୍ଷିକ ଆୟ ୬୭ ଲକ୍ଷ ଥିବା ବେଳେ ସ୍କୁଲ ଫି' ରହିଛି ୨୪ ଲକ୍ଷ।। ପରିବାର ନିଜ ଆୟର ମାତ୍ର ୩୩ ପ୍ରତିଶତ ପାଠପଢ଼ାରେ ଖର୍ଚ୍ଚ କରୁଛନ୍ତି। ଲଣ୍ଡନ ଏବଂ ନ୍ୟୁୟର୍କରେ ପରିବାରର ହାରାହାରି ବାର୍ଷିକ ଆୟ ୬୦ ଲକ୍ଷ ଏବଂ ୭୫ ଲକ୍ଷ ରହିଛି। କିନ୍ତୁ ଏଠାରେ ସ୍କୁଲ ଦେୟ ଯଥାକ୍ରମେ ୩୫ ଲକ୍ଷ ଓ ୩୭ ଲକ୍ଷ ରହିଛି। ଏହି ଦୁଇ ସହରର ଲୋକେ ନିଜ ଆୟର ୫୮ ଏବଂ ୫୦ ପ୍ରତିଶତ ଦେୟ ବାବଦକୁ ପୈଠ କରୁଛନ୍ତି।

## ପତ୍ନୀଙ୍କୁ ଜିଅନ୍ତା ଜାଳିଥିବା...

ବିପିନ ଓ ରୋହିତଙ୍କୁ ବିବାହ କରିଥିଲେ। ନିଜକୁ ବଞ୍ଚାଇବାକୁ ନିକ୍କି ଛଟପଟ ହୋଇ ତଳକୁ ଦୌଡ଼ିଥିଲେ। ଏହା ଦେଖି ପାଖରେ ରହୁଥିବା ଲୋ।।କେ ପହଞ୍ଚିଥିଲେ ଓ ମହିଳାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ଦିଲ୍ଲୀର ସଫଦରଗଞ୍ଜ ହସ୍ପିଟାଲ ଅଗଷ୍ଟ ୨୨ରେ ମହିଳା ପ୍ରାଣତ୍ୟାଗ କରିଥିଲେ।

ମହିଳାଙ୍କ ଭଉଣୀଙ୍କ ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରିଥିଲା ଓ ୨୩ ତାରିଖରେ ମହିଳାଙ୍କ ସ୍ୱାମୀକୁ ଗିରଫ କରାଯାଇଥିଲା। ରବିବାର ଅଭିଯୁକ୍ତ ସ୍ୱାମୀ ବିପିନର ମେଡିକାଲ ପରୀକ୍ଷା ପାଇଁ ଜିଲ୍ଲା ହସ୍ପିଟାଲକୁ ପୁଲିସ ନେଇଥିଲା। କିନ୍ତୁ ଅଭିଯୁକ୍ତ ପୁଲିସଠାରୁ ପିସ୍ତଲ ନେଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା।। ପୁଲିସ ସିରସା ଛକ ନିକଟରେ ଅଭିଯୁକ୍ତକୁ ଗୁଳି ମାରି ଧରିଥିଲା। ଆହତ ବିପିନ ଏହି ଘଟଣା ନେଇ କୌଣସି ପଶ୍ଚାତାପ କରିନାହିଁ। ମୁଁ ନିକ୍କିଙ୍କୁ ମାରିନାହିଁ ଓ କୌଣସି ଭୁଲ କରିନାହିଁ ବୋଲି ।।କହିଛି। ତେବେ ବିପିନ ମାଙ୍କୁ ଜଳାଇ ମାରିଛନ୍ତି ବୋଲି ତାଙ୍କ ପୁଅ କହିଛି। ବିପିନ ଗିରଫ ହୋଇଥିବା ବେଳେ ତାର ମାଆକୁ ଆଜି ଗିରଫ କରାଯାଇଛି।

## ବଡ଼ ବନ୍ୟା...

ଯେହେତୁ ବର୍ତ୍ତମାନ ରାଜ୍ୟର ପ୍ରାୟ ସମସ୍ତ ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ଅଧିକ ରହିଛି, ତେଣୁ ଆଗକୁ ହେବାକୁ ଥିବା ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଲଘୁଚାପ ପ୍ରଭାବରେ ବର୍ତ୍ତମାନ ବଙ୍ଗୋପସାଗର ବିଶେଷକରି ଉତ୍ତର ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ୪୦ରୁ ୫୦ ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପଟେ ଉତ୍ତର ଓଡ଼ିଶାରେ ବର୍ତ୍ତମାନ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗଲା ଲଘୁଚାପ ପ୍ରଭାବରେ ଉପମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବିଭିନ୍ନ ନଦୀ ବୈତରଣୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏଥିମଧ୍ୟରୁ ବୈତରଣୀ ଏବଂ ସୁବର୍ଣ୍ଣରେଖାରେ ବିପଦ ସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ଏହାର ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚଳିତ ବର୍ଷ ସୁବର୍ଣ୍ଣରେଖାରେ ଏହା ପଞ୍ଚମ ବନ୍ୟା। ସୁବର୍ଣ୍ଣରେଖାରେ ଛୋଟରୁ ମଧ୍ୟମ ଓ ବୈତରଣୀରେ ଛୋଟ ଧରଣରେ ବନ୍ୟା ହୋଇଛି। ବିଗତ କିଛି ଦିନରୁ ଲଗାଣ ବର୍ଷା ହେଉଛି। ଗତ ୨୪ ଘଣ୍ଟାରେ ବୈତରଣୀ, ବେସିନ, କେନ୍ଦୁଝର ଓ ଝାଡ଼ଖଣ୍ଡରେ ୪୨.୫୭ ମିମି ବର୍ଷା ହୋଇଛି। ଉପର ବ୍ରାହ୍ମଣୀରେ ୩୫ ମିମି ବର୍ଷା ହୋଇଛି ଏବଂ ଉପର ମହାନଦୀରେ ୩୧ ମିମି ବର୍ଷା ହୋଇଛି। ଯାହା ପ୍ରଭାବରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବଂଶଧରା ଓ ବୁଢାବଳଙ୍ଗରେ ପାଣି ଅଧିକ ଥିଲେ ବି କମିଯିବ। ମାତ୍ର ବୈତରଣୀରେ ଗତକାଲି ଠାରୁ ବନ୍ୟା ହୋଇଛି। ଅପରପକ୍ଷେ ହୀରାକୁଦରେ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ବଢୁଛି। ହୀରାକୁଦ ଜଳଭଣ୍ଡାରରେ ୬୨୧.୬୫ ଫୁଟ ପାଣି ଅଛି। ଗତକାଲି ଉପର ମହାନଦୀରେ ୩୧.୩୩ ମିମି ବଡ଼ ବର୍ଷା ହୋଇଛି, ତେଣୁ ହୀରାକୁଦର ୧୨ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସିତ ହେଉଛି। ସେହିପରି ରେଙ୍ଗାଲି ଡ୍ୟାମରେ ଦୁଇଟି ଗେଟ ଦେଇ ୩,୪୦୦ କ୍ୟୁସେକ ବ୍ରାହ୍ମଣୀ ଜଳ ନିଷ୍କାସନ ହେବ। ଜେନାପୁରରେ ନଦୀଜଳ ବିପଦ ସଙ୍କେତ ତଳେ ଅଛି। ବନ୍ୟା ସ୍ଥିତି ଯୋଗୁଁ ବର୍ତ୍ତମାନ ଯାଜପୁରରେ ମୁଖ୍ୟଯନ୍ତ୍ରୀ ଓ ଧାମନଗରରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ କ୍ୟାମ୍ପ କରିଛନ୍ତି। ଯାହା କ୍ଷୟକ୍ଷତି ହେଉଛି ତୁରନ୍ତ ମରାମତି କରାଯାଉଛି ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧ ମହଲାରୁ ଖସିପଡ଼ିଲା...

ଅଧିକ ହେବ ଏହା କାର୍ଯ୍ୟକ୍ଷମ ହେଲାଣି। ସେହିପରି ପାର୍କିଂ ଜାଗାର ବାଡ଼ା ଫାଙ୍କା ରହିଥିବା ବେଳେ କୌଣସି ପ୍ରକାର ସୁରକ୍ଷା ପ୍ରାଚୀର ନ ରହିବା ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ରବିବାର ସକାଳେ ଭଦ୍ରକରୁ ଯାତ୍ରୀଙ୍କୁ ଆଣି ବୋଲେରୋ ଗାଡ଼ିଟି ବହୁତଳ ପାର୍କିଂରେ ପହଞ୍ଚିଥିଲା। ସେଠାରେ ଯାତ୍ରୀଙ୍କୁ ଓହ୍ଲାଇ ପ୍ରଥମ ମହଲାରେ ଚାଳକ ଗାଡ଼ିକୁ ପାର୍କିଂରେ ରଖିବା ପାଇଁ ବ୍ୟାକ୍ କରୁଥିଲେ। ପଛପାର୍ଶ୍ୱ ଫାଙ୍କା ଥିବା ବେଳେ କୌଣସି ଗାର୍ଡୱାଲ୍ ବା ସୁରକ୍ଷା ପ୍ରାଚୀର ନଥିଲା। ଫଳରେ ଚାଳକ ଗାଡ଼ିକୁ ପଛକୁ ନେଉଥିବା ବେଳେ ଗାଡ଼ିଟି ତଳକୁ ଖସିପଡ଼ିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗାଡ଼ି ଭିତରେ କୌଣସି ଯାତ୍ରୀ ନଥିଲେ। ନଚେତ୍ ଏକ ବଡ଼ ଅଘଟଣ ଘଟିଥା'ନ୍ତା। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ବେଳେ କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ସିଧା କରାଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ପାର୍କିଂ ଫି' ବାବଦକୁ ୫୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ଦାୟିତ୍ୱରେ ଏହା ରହିଥିବା ବେଳେ ଓବିସିସି ନିର୍ମାଣ ଶେଷ କରିନାହିଁ। ଦେଢ଼ବର୍ଷ ହୋଇଗଲାଣି ପୁରୀର ପ୍ରକଳ୍ପଗୁଡ଼ିକ ସେମିତି ପଡ଼ିରହିଥିବା ବେଳେ ବହୁତଳ କାର୍ ପାର୍କିଂ ଅବସ୍ଥା ବି ସେମିତି ରହିଛି। ଫଳରେ ଏହି ପାର୍କିଂ କାମ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। କିନ୍ତୁ ଦିନକୁ ହଜାର ହଜାର ଗାଡ଼ି ଏଠାରେ ରଖାଯାଉଛି। ବହୁତଳ ପାର୍କିଂର ଛାତ ଚାରିପଟେ ସୁରକ୍ଷା ପ୍ରାଚୀର ରହିବା ଦରକାର। ହେଲେ ଏଠାରେ ତାହା ନାହିଁ। କାମ ସରି ନ ଥିବାବେଳେ କାହିଁକି ପ୍ରଥମ ମହଲାରେ ଗାଡ଼ି ପାର୍କିଂ କରାଯାଉଛି ତାହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି।

ଅନ୍ୟପକ୍ଷରେ ଗାଡ଼ିର ଜଣେ ଯାତ୍ରୀ କିଶୋର ବେହେରା କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆମେ ସମସ୍ତେ ବଞ୍ଚିଗଲୁ। ପାର୍କିଂରେ ଆମେ ଓହ୍ଲାଇ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ଫେରିବା ପରେ ଏଭଳି ଦୁର୍ଘଟଣା ଘଟିଛି ଜାଣିବାକୁ ପାଇଲୁ। ଯଦି ଆମେ ଗାଡ଼ିରେ ଥାଆନ୍ତୁ, କେତେବଡ଼ ଅଘଟଣ ଘଟିଥା'ନ୍ତା? ଆମେ ଛୁଆ ପିଲା ହୋଇ ଧାମରା କୁଆଁଳରୁ ଆସିଥିଲୁ। ଗାଡ଼ି ଭିତରୁ ବ୍ୟାଗ୍ ସହ ଚପଲ ଧରି ଇଆଡ଼େ ସିଆଡ଼େ ବୁଲୁଥିଲା ବେଳେ କିଶୋର କହିଥିଲେ ମହାପ୍ରଭୁ ଆମକୁ ବଡ଼ ଦୁର୍ଘଟଣାରୁ ବଞ୍ଚାଇଦେଲେ। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବାସ୍ତବିକ ଏହା ଦୁଃଖଦାୟକ ଘଟଣା। ପାର୍କିଂସ୍ଥଳର ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଗାର୍ଡୱାଲ୍ ନିର୍ମାଣ କରିବା ପାଇଁ ଓବିସିସିକୁ ନିର୍ଦ୍ଦେଶ ଦିଆଯିବ। କ'ଣ ପାଇଁ ଏମିତି ଏକ ଦୁଃଖଦ ଘଟଣା ଘଟିଲା, ତାହାର ତଦନ୍ତ ହେବ।

## ଚିନ୍ତା ବଢ଼ାଇଲାଣି ମାରିଜୁଆନା...

ଗତକାଲି ଧରାପଡ଼ିଥିବା ପ୍ରେମୀ ଯୁଗଳଙ୍କ ଠାରୁ ଜବତ ୪କୋଟି ମାରିଜୁଆନା ପାଇଁ ମଧ୍ୟ ଦୁବାଇରୁ ଡିଲ ହୋଇଥିଲା। ଏଜେଣ୍ଟମାନଙ୍କୁ କାମ ପୂର୍ବରୁ ୬୦ ଲକ୍ଷ ଅଗ୍ରିମ ଆକାରରେ ଦିଆଯାଇଥାଏ। ଭୁବନେଶ୍ୱରରେ ପହଞ୍ଚିବା ପରେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କଲେ ଏଠାରେ ଥିବା ଏଜେଣ୍ଟ ବିମାନବନ୍ଦରରୁ ବ୍ୟାଗ୍ ନେଇଥାନ୍ତି। ଫ୍ଲାଇଟ ଟିକେଟ ସହିତ ହୋଟେଲ ରହଣି ବି ଏଜେଣ୍ଟଙ୍କୁ ମାଗଣାରେ ଯୋଗାଇ ଦିଆଯାଏ ବୋଲି କଷ୍ଟମ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଯେଉଁମାନେ ଧରାପଡୁଛନ୍ତି ସେମାନେ ଏହି ରାକେଟ ସମ୍ପର୍କରେ କିଛିବି ଜାଣିନଥାନ୍ତି। ସେମାନେ କେବଳ ବିମାନରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଚାଲାଣ କରିଥାନ୍ତି। କଷ୍ଟମ ବିଭାଗ ଧରି ପଚରାଉଚରା କଲେ ସେମାନେ କିଛି ପାଟି ଖୋଲନ୍ତି ନାହିଁ। ତେବେ ଗତକାଲି ଭୁବନେଶ୍ୱର ବିମାନବନ୍ଦରରେ ମାରିଜୁଆନା ଜବତ ପରେ ହୋଇଛି ବଡ ଖୁଲାସା। ତାକୁ ନେଇ ଏସଟିଏଫ ଆରମ୍ଭ କରିଛି ଜୋରଦାର ତନାଘନା। ଚାଲାଣ କରୁଥିବା ଯୁବତୀ ଆରତୀ ଶର୍ମା ଓ ତାଙ୍କ ପୁରୁଷ ବନ୍ଧୁ କରନଙ୍କୁ ରିମାଣ୍ଡରେ ଆଣିବ କଷ୍ଟମ ଓ ଏସ୍‌ଟିଏଫ। ବ୍ୟାଙ୍କକରୁ ଭୁବନେଶ୍ୱର ଆସିବା ପରେ ଏହାକୁ ବସରେ ବୋଙ୍ଗାଲୁରୁକୁ ନେବାକୁ ଯୋଜନା ହୋଇଥିଲା। ସେମାନଙ୍କ ପାଖରୁ ମିଳିଥିବା ତଥ୍ୟ ଅନୁଯାୟୀ ପଞ୍ଜାବର ଜଣେ ଦଲାଲ ସାଇମନ୍ ପିଟର ଥାଇଲାଣ୍ଡରେ ବସି ଭାରତକୁ ମାଲ୍ ପଠାଉଛି। କେବଳ ଓଡ଼ିଶା ନୁହେଁ ହାଇଦ୍ରାବାଦ, କଲିକତା, ଦିଲ୍ଲୀ, ବିହାର, ୟୁପିକୁ ମଧ୍ୟ ସେ ଚାଲାଣ କରେ। ଯେଉଁ ରାଜ୍ୟର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥାଏ ଉକ୍ତ ରାଜ୍ୟର ବିମାନ ବନ୍ଦର ଦେଇ ଚାଲାଣ କରିବା ପାଇଁ ନକ୍ସା ପ୍ରସ୍ତୁତ କରେ। ସେଠାରେ ପହଞ୍ଚିବା ପରେ କାର ବା ବସ ଯୋଗେ ଅନ୍ୟ ରାଜ୍ୟକୁ ଚାଲାଣ ହୁଏ। ଏହି ରାକେଟ୍ ପଛରେ ବିଭିନ୍ନ ରାଜ୍ୟରେ ଏକାଧିକ ଏଜେଣ୍ଟ କାମ କରୁଥିବା କଷ୍ଟମ ବିଭାଗ ଜାଣିବାକୁ ପାଇଛି। ତେଣୁ ମାଷ୍ଟରମାଇଣ୍ଡକୁ ଧରିବାକୁ କଷ୍ଟମ ବିଭାଗ ଯୋଜନା ପ୍ରସ୍ତୁତ କରୁଛି। ଦେଶ ବାହାରେ ରହୁଥିବାରୁ ଇଣ୍ଟରପୋଲର ସହାୟତା ନେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ୬ମାସରେ ୮୦କୋଟିର ମାରିଜୁଆନା ଜବତ ହେଲାଣି। ଗତ ଜାନୁୟାରୀ ୬ରେ ୯କୋଟି ମାରିଜୁଆନା ଜବତ ହୋଇଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ିଥିଲେ। ସେହିପରି ଗତଲାଇ ୨୯ରେ ୩୦ କୋଟି ମାରିଜୁଆନା ଧରାପଡ଼ଇଥିବା ବେଳେ ୨ଜଣ ବ୍ୟବସାୟୀ ଧରାପଡ଼ି ଗିରଫ ହୋଇଥିଲେ। ଅଗଷ୍ଟ ୨ରେ ୧୦କୋଟିର ଜବତ ସହ ଜଣେ ଏଜେଣ୍ଟ ଗିରଫ ହୋଇଥିଲା।

ଏହି ମାରିଜୁଆନା ଥାଇଲାଣ୍ଡ, ମାଲେସିଆ ଆଦି ଦେଶରେ ଚାଷ କରାଯାଏ। ଓଡ଼ିଶା ଗଞ୍ଜେଇ ସିଧା ଜଟ ପରି ହୋଇଥିବା ବେଳେ ମାରିଜୁଆନା ଗୋଲୋଇ ଆକାରର ହୋଇଥାଏ। ଓଡ଼ିଶା ଗଞ୍ଜେଇ ତୁଳନାରେ ମାରିଜୁଆନାର ସ୍ୱାଦ ଭଲ ରହିବା ସହ ନିଶା ଅଧିକ ହେଉଥିବାରୁ ଏହାର ଚାହିଦା ଅଧିକ ରହିଛି। ବିଶେଷ କରି ଅନେକ ଇଂଜିନିୟରି, ଆଇଟି ଛାତ୍ର ଏବଂ ବଡ଼ ବଡ଼ କ୍ଲବ୍‌କୁ ଏହି ମାରିଜୁଆନା ଚାଲାଣ କରାଯାଉଥିବା କଷ୍ଟମ ବିଭାଗ ଅଧିକାରୀ କହିଛନ୍ତି।

## ଲୁଟିନେଲେ ୧ କୋଟିର...

ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରାଇ ଏକ ବସ୍ତାରେ ସମସ୍ତ ଗହଣା ଭର୍ତ୍ତି କରିଥିଲେ। ଏହି ସମୟରେ ଜଣେ ମହିଳା ସେଲ୍ସମ୍ୟାନ୍ କୌଶଳକ୍ରମେ ପଛ ପାଖ ଦ୍ୱାରରେ ବାହାରକୁ ଆସି ଗହଳି କରି ଲୋକଙ୍କୁ ଜଣାଇବାକୁ ଚେଷ୍ଟା କରୁଥିବା ବେଳେ ବାହାରେ ଜଗି ରହିଥିବା ଅନ୍ୟ ଦୁଇ ଜଣ ଡକାୟତ ତାଙ୍କୁ ବନ୍ଧୁକ ଦେଖାଇ ଗହଳି ନ କରିବାକୁ ତାଗିଦ୍ କରିବା ସହ ମାରପିଟ୍ କରିଥିଲେ। ପାଖରେ ଥିବା ଏଟିଏମ୍‌ରୁ ସରପାରୀ ଗ୍ରାମର ରାଜା ପ୍ରଧାନ ଟଙ୍କା ଉଠାଉଥିବା ବେଳେ ଯୁବତୀଙ୍କୁ ମାଡ଼ ମାରୁଥିବା ଦେଖି ସେ ବିରୋଧ କରିବାରୁ ତାଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଥିଲେ। ସେଠାରୁ ସମସ୍ତ ସୁନା ଗହଣା ନେଇ ଡକାୟତମାନେ ଯିବା ବେଳେ ଦୁଇ ତିନୋଟି ବୋମା ଫୁଟାଇଥିଲେ। ସେମାନେ ପୂର୍ବ ପ୍ରସ୍ତୁତି ମୁତାବକ ଜଙ୍କିଆ କିମ୍ବା ସିକୋ ପରେ ଥାନା, ଫାଣ୍ଡି ଥିବାରୁ ହଜଠାରୁ ଟାଙ୍ଗୋଳ ଦେଇ ଖସି ପଳାଇବା ବେଳେ ସେଠାରେ ଲୁଟ୍ ଅଳଙ୍କାର ବ୍ୟାଗ୍ ଖସି ପଡ଼ିଥିଲା। ସେଠାରେ ଲୋକେ ଜଗିବାକୁ ଚେଷ୍ଟା କରୁଥିବାରୁ ଏକ ବୋମା ଫୁଟାଇ ଲୋକଙ୍କୁ ଭୟଭୀତ କରି ଫେରାର୍ ହେବାରେ ସଫଳ ହୋଇଥିଲେ। ଦୋକାନ ମାଲିକ ଏହି ସମୟରେ ସେଠାରେ ଅନୁପସ୍ଥିତ ଥିବା ସୂଚନା ମିଳୁଛି।

ଆଜି ରବିବାର ହୋଇଥିବାରୁ ପାଖରେ ସବୁବେଳେ ଗହଳି ରହୁଥିବା ଷ୍ଟେଟ୍‌ବ୍ୟାଙ୍କ ଛୁଟି ଥିଲା। ଅନ୍ୟାନ୍ୟ ସମସ୍ତ ଘଟଣାକୁ ଲକ୍ଷ୍ୟ କରି ଡକାୟତମାନେ ସ୍ଥାନୀୟ କିଛି ଦୁର୍ବୃତ୍ତଙ୍କ ସହ ସାମିଲ ହୋଇ ପୂର୍ବ ପ୍ରସ୍ତୁତି ମୁତାବକ ଏହି ଘଟଣା ଘଟାଇଥିବା ଆଲୋଚନା ହେଉଛି।

# ୯ ଫେବୃଆରୀରେ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ପାଳନ ହେଉ

ଭୁବନେଶ୍ୱର,୨୪।୮(ସମିସ): ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର କହିଛନ୍ତି ଯେ ରାଜ୍ୟ ସରକାର ଫେବୃଆରୀ ୯ ତାରିଖକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବେ ଘୋଷଣା କରିବା ପାଇଁ ନାଗରିକ ସମାଜ ପ୍ରସ୍ତାବ ଉପରେ ବିଚାର କରିବେ। ଏହି ଦିନଟି ଦେଶରେ ବନ୍ଧକ ଶ୍ରମିକ ପ୍ରଣାଳୀ (ଉଚ୍ଛେଦ) ଆଇନ, ୧୯୭୬ ପ୍ରଣୟନ ହୋଇଛି। ଦାଦନ ଶ୍ରମିକଙ୍କ ପାଇଁ କାର୍ଯ୍ୟରତ ସାମାଜିକ ସଂଗଠନ ମାନଙ୍କର ମିଳିତ ମଞ୍ଚ (ସୁରକ୍ଷା) ରାଜ୍ୟ ସରକାରଙ୍କୁ ଅନ୍ୟ ରାଜ୍ୟଗୁଡ଼ିକର ଉଦାହରଣ ଦେଇ ଏକ ସ୍ମାରକପତ୍ର ପ୍ରଦାନ କରିଛି, ଯେଉଁଠି



ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଦ୍ୱାରା ଏହି ଦିବସ ଘୋଷଣା କରାଯାଇଛି। ମାନବ ଚାଲାଣ ଏବଂ ବନ୍ଧକ ଶ୍ରମିକ ସମ୍ପର୍କରେ ସମ୍ବୋଧିତ କରି ଶ୍ରୀ ନାଏକ ଶ୍ରମକାର୍ଡର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଆଲୋଚନାରେ ବନ୍ଧକ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାପକ ରାଜ୍ୟ କାର୍ଯ୍ୟ ଯୋଜନା ପ୍ରଣୟନ, ନିବାରଣ, ଚିହ୍ନଟ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଦ୍ଧାର, ପୁନର୍ବାସ ଏବଂ ଚାଲାଣକାରୀ ଦଲାଲମାନଙ୍କୁ ଦଣ୍ଡବିଧାନ ପାଇଁ ବିକାଶ ଏବଂ କାର୍ଯ୍ୟାନ୍ୱୟନ, ଆନୁଷ୍ଠାନିକ ଘୋଷଣା ଏବଂ ୯ ଫେବୃଆରୀକୁ ବନ୍ଧକ ଶ୍ରମିକ ଉଚ୍ଛେଦ ଦିବସ ଭାବରେ ରାଜ୍ୟବ୍ୟାପୀ ପାଳନ ପାଇଁ ସଂକଳ୍ପ ଗ୍ରହଣ କରାଯାଇଥିଲା। ଆବାହକ ତଥା ଉତ୍କଳ ସେବକ ସମାଜର ସମ୍ପାଦକ ଡ. ଅମିୟ ଭୂଷଣ ବିଶାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସକ ଅରବିନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ରାଜ୍ୟ ମାନବାଧିକାର କମିସନ୍ ସଦସ୍ୟ ଅସୀମ ଅମିତାଭ ଦାଶ, ଦିଲୀପ କୁମାର ଦାସ, ଲୋକନାଥ ମିଶ୍ର, ପୋସସ ଓଡ଼ିଶା ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ସୁଦର୍ଶନ ଛୋଟରାୟ ଏବଂ ବନିତା ମହାରାଣା, ମନ୍ଦାକିନୀ ଜେନା, ଅଶିଷ ରାଜହଂସ, ଉଦୟନାଥ ବେହେରା, ସିଡବ୍ଲ୍ୟୁସି କଟକ, ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଆଇଜେଏମ୍ ରାଜ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଜୟନ୍ତ କୁମାର ନାଗ, ବିକାଶ ରଞ୍ଜନ ପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।


**NOTICE**

By virtue of an affidavit sworn before Executive Magistrate, Panposh, Rourkela dated 21.08.2025, I, Abhimanyu Swain, Address- Near Lion's Eye Hospital, Civil Township, PO-Rourkela-4, PS- Raghunathpalli, Dist.- Sundargarh, Odisha, Pin-769004 declare that I have changed my name from Abhimanu Swain to Abhimanyu Swain. Henceforth, I shall be known as Abhimanyu Swain for all purposes.

Abhimanyu Swain

**Notice (for Minor)**

By virtue of an affidavit sworn before the Executive Magistrate, Bhubaneswar on dtd.29.04.2025. I, Jagadish Digal, At- Dugudi-B, Po- Talarimaha, Dist.- Kandhamal, Pin - 762022 have changed my minor son's name from Lucky Digal to Prabhudatta Digal. Henceforth he shall be known as **Prabhudatta Digal** for all purposes.

Sd/- Jagadish Digal

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT-Dubulabeda, PO- Kuabuda, PS-Chandua, Dist- Mayurbhanj, PIN-757014 declare that I have changed the name of my Son from Shankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

By virtue of an affidavit no-268 sworn before the Executive magistrate , Khordha on dt 19/08/25 , I Rina Baliarsingh, W/o-Shekhar Baliarsingh, resident of At-Gopinathpur, Po-Olasingh, Ps-Jankia, Dist-Khordha, Pin-752020. I have changed my name from Bimala Maetha (old name) to Rina Baliarsingh (New name ). Henceforth both name Bimala Maetha and Rina Baliarsingh is one & same person she will be known as **Rina Baliarsingh** for all future purposes.

**SOCIETY FOR ENVIRONMENTAL DEVELOPMENT AND VOLUNTARY ACTION (SEVA)**

Ph : 9437827981, 9438296254

**APPOINTMENT**

DISTRICT DISABILITY REHABILITATION CENTRE (DDRC) NAYAGARH

Applications are invited from the interested Professional/Personals for engagement at District Disability Rehabilitation Centre (DDRC), Nayagarh on contractual basis for the post of (1) Clinical Psychologist/Rehabilitation Psychologist (2)Prosthetist/Orthotist Technician (3)Audiologist & Sr. Speech Therapist (4)Hearing Assistance/ Jr. Seech Therapist (5)Mobility Instructor (6)Multi-Purpose Rehabilitation Worker (7)Accountant cum Clerk cum storekeeper (8)Vocational Counsellor cum Computer Assistant(9)Early Intervention Therapist( 10)Caregiver. The details eligibility criteria qualification, Terms and Conditions etc. are available in the website : www.sevaorga.org. The complete application in the prescribed format should be reached to the Nodal Officer, District Disability Rehabilitation Centre (DDRC), Nayagarh , C/O-SEVA, At-Seva Complex, Old Town, Near New Bus Stand, Po/Dist-Nayagarh, Pin752070, Odisha by Regd. Post/Speed in Email. Sevaorga@gmail.com on or before 08.09.2025. Shortlisted candidates will be called for Interview.Application received thereafter shall not be entertained.

Nodal Officer, DDRC, Nayagarh

## ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଦାବି



**ମହାକାଳପଡ଼ା, ୨୪।୮ (ସମିସ):** ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତିରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଆଶାୟୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହେଉଛି। ମହାକାଳପଡ଼ା ବ୍ଲକ ଅଞ୍ଚଳର ନିଯୁକ୍ତି ଆଶାୟୀ ଅକ୍ଷୟ ସୂତାର, ମଳୟ ଜେନା ଓ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଭେଟି ଉଚ୍ଚନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇଁ ୨୦୦୪ରେ ସରକାର ବିଜ୍ଞାପନ ଦେଇଥିବାବେଳେ ବହୁ ବେକାର ଯୁବକ/ଯୁବତୀ ଆବେଦନ କରିଥିଲେ। ସରକାରଙ୍କ ଜିଓ ନମ୍ବର ୬୬୭୪/ଏଫ ଆଣ୍ଡ ଏଆରଡି, ୨୦।୫।୨୦୦୬ ଅନୁଯାୟୀ ୪୬ଟି ପଦବୀ ସଂରକ୍ଷଣ ରଖାଯାଇଥିଲା। ଏବେବି ଆହୁରି ୪ଟି ପଦବୀ ସଂରକ୍ଷିତ ରହିଥିବା ଏହି ଆଶାୟୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ୨୦୨୨ରେ ମଧ୍ୟ ଏହି ବିଜ୍ଞାପନରେ ଆବେଦନ କରିଥିବା କିଛି ଆଶାୟୀଙ୍କୁ ନିଯୁକ୍ତି ଦିଆଯାଇସାରିଛି। ତେଣୁ ଅନ୍ୟ ଚାରିଜଣଙ୍କୁ ସେହି ଆଦେଶନାମା ବଳରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହୋଇଛି।

# ବର୍ଷାରେ ଭୁଶୁଡ଼ିଲା ବ୍ରିଜ୍ ସଂଯୋଗୀକରଣ ରାସ୍ତା ବାଡ଼





**ପଞ୍ଚୁପାଣ୍ଡବ, ୨୪।୮ (ସମିସ)**

ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକରେ ଚାଲିଛି ରାସ୍ତା କାମ। ବର୍ଷାରେ ଭୁଶୁଡ଼ିପଡ଼ିଛି ବ୍ରିଜ୍ ସଂଯୋଗୀକରଣ ରାସ୍ତା ବାଡ଼। ବାନ ଭୁଶୁଡ଼ିପଡ଼ିବା ଫଳରେ ଏଥିରେ ପଡ଼ିଥିବା ଡଷ୍ଟ ଧୋଇହୋଇ ନିକଟରେ ଥିବା ଦୋକାନ ଭିତରେ ପଶିଯାଇଥିବା ଦେଖିବାକୁ ମିଳିଛି। ବାଡ଼ ଭୁଶୁଡ଼ିବା ସମୟରେ ଯାତାୟାତ କରୁଥିବା ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏଥିସହିତ ରାସ୍ତା ସାରା ଡଷ୍ଟ ପଡ଼ି କାଦୁଅ ପଚ୍ ପଚ୍ ହୋଇଥିବାରୁ ଯାତାୟାତ କରୁଥିବା ଲୋକେ ବିଭିନ୍ନ ପ୍ରକାର ସମସ୍ୟା ଭୋଗିବାକୁ ପଡୁଥିବା ଅଭିଯୋଗ ହୋଇଛି।

ଲଗାତର ବର୍ଷା ହେଉଥିବାରୁ ପଞ୍ଚୁପାଣ୍ଡବ ଛକରେ ହେଉଥିବା ବ୍ରିଜ ନିକଟରେ ଡଷ୍ଟଗୁଡ଼ିକ ଧୋଇ ହୋଇ ପିଚୁ ରାସ୍ତା ଉପରେ ଜମିଥିବା ଦେଖିବାକୁ ମିଳୁଛି। ଛକରେ ଡଷ୍ଟ ପିଚୁ ରାସ୍ତା ଉପରେ ଜମି ରହିଥିବାରୁ ଯାତ୍ରୀ ଯାତାୟାତ କରିବାପାଇଁ ବିଭିନ୍ନ ପ୍ରକାର ସମସ୍ୟା ଭୋଗୁଛନ୍ତି। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରୁଥିବା ଲୋକଙ୍କ ଉପରେ ଡଷ୍ଟ ପଡୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଛକଠାରେ ବ୍ରିଜ ନିର୍ମାଣ କାମ ସରିଥିଲେ ସୁଦ୍ଧା ବ୍ରିଜ୍‌କୁ ସଂଯୋଗ କରୁଥିବା ରାସ୍ତାରେ ଡଷ୍ଟ ପକାଇ ଉଚ୍ଚ କରାଯାଉଛି। କିନ୍ତୁ ନିମ୍ନମାନର କାମ କରାଯାଇଥିବାରୁ ବ୍ରିଜ ତଳେ ପାଣି ନିଷ୍କାସନ ହେଉ ନ ଥିବାବେଳେ ଶେଷରେ ବାଡ଼ ଭୁଶୁଡ଼ିଯାଇଥିବା ଦେଖିବାକୁ ମିଳିଛି। ରାସ୍ତା କାମ ଚାଲୁ ରହିଥିବାବେଳେ ଗୋଟେ ପଟରୁ ଆରପଟକୁ କୌଣସି ରାସ୍ତା ନ ଥିବାରୁ ଏକମାତ୍ର ପୋଲ ତଳେ ଯିବାଆସିବା କରାଯାଉଛି। କାମ କରୁଥିବା ଠିକାଦାରଙ୍କ ମନମୁଖୀ ଶାସନରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ରାସ୍ତା କଡ଼ର କେତେକ ଜାଗାରେ ମାଟି ଓ ଡଷ୍ଟ ଷ୍ଟକ୍ ରଖାଯାଇଥିବାରୁ ପବନ ହେଲେ ଲୋକେ ଯିବାଆସିବା କରିବାକୁ ଭୟ କରୁଥିବାବେଳେ କେତେକ ସ୍ଥାନରେ ମାଟି ଓ ଡଷ୍ଟ ଧୋଇ ହୋଇ ପିଚୁ ରାସ୍ତା ଉପରେ ଜମି ରହିଥିବା ଦେଖିବାକୁ ମିଳୁଛି। କେତେକ ଜାଗାରେ ପୋଲ ଢଳାଇ ପଡ଼ିଥିଲେ ମଧ୍ୟ ପୋଲ ଉପରେ ରଡ୍ ଦେଖାଯାଉଛି। ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଠିକାଦାର ନିମ୍ନମାନର କାମ କରୁଥିବା ଓ ଦାୟିତ୍ୱହୀନତା ଭଳି କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଞ୍ଚୁପାଣ୍ଡବ ଛକରେ ଶହ ଶହ ଲୋକ ଯାତାୟାତ କରୁଥିବାବେଳେ ଖରା ଓ ବର୍ଷା ହେଲେ ଲୋକଙ୍କ ଠିଆ ହେବାକୁ ଜାଗାଟିଏ ବି ବ୍ୟବସ୍ଥା ନାହିଁ। ଏହାର ତଦନ୍ତ କରାଯାଇ ଯାତ୍ରୀଙ୍କ ପାଇଁ ସୁବିଧା କରିବା ସହ ରାସ୍ତାକୁ ସଫା ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

- ଡଷ୍ଟ ଧୋଇହୋଇ ଦୋକାନରେ ପଶିଲା
- ଅଳ୍ପକେ ବର୍ତ୍ତିଲେ ଗାଡ଼ିଚାଳକ
- ପଞ୍ଚୁପାଣ୍ଡବ ଛକରେ ଯାତାୟାତରେ ସମସ୍ୟା

### ଜମ୍ମୁ ନଦୀବନ୍ଧରେ ଘଳିଆ

## ବାଲିବସ୍ତା ଦେଇ ପୋତିଲେ ସ୍ଥାନୀୟ ଲୋକେ



**ମହାକାଳପଡ଼ା, ୨୪।୮ (ସମିସ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ମୁ ପଞ୍ଚାୟତର ଦକ୍ଷିଣ ଜମ୍ମୁ ପୁରୁଣା ଘାଟ ନିକଟ ନଦୀବନ୍ଧ ରାସ୍ତାରେ ଘଳିଆ ପଡ଼ି ୧୫ ମିଟର ଲମ୍ବାର ବଡ଼ ଘାଇ ହୋଇଥିଲା। ଏଥିଯୋଗୁଁ ଉକ୍ତ ରାସ୍ତାରେ ଯାତାୟାତ ସମ୍ଭବ ହୋଇପାରୁ ନ ଥିଲା। ଘଳିଆ ଦେଇ ନଦୀ ଜୁଆରର ଲୁଣାପାଣି ଚାଷଜମିକୁ ମାଡ଼ିଯିବା ଆଶଙ୍କା ଦେଖାଦେଇଥିଲା। ସ୍ଥାନୀୟ ବରିଷ୍ଠ ମୁରବି ଅର୍ଜୁନ ବୈଦ ଓ ସ୍ଥାନୀୟ ଯୁବକ ଏକତ୍ରିତ ହୋଇ ଘଳିଆ ମରାମତି କରିବାକୁ ଉଦ୍ୟମ କରିବା ସହିତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକଙ୍କୁ ଅବଗତ କରାଇଥିଲେ। ସାଲାଇନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା ଓ କନିଷ୍ଠ ଯନ୍ତ୍ରୀ ପ୍ରକାଶ ମଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ ବି ସେତେବେଳକୁ ସ୍ଥାନୀୟ ଯୁବକ ବାଉଁଶରେ ବାଡ଼ଦେଇ ବାଲି ବସ୍ତା ପକାଇ ଘଳିଆ ମରାମତି କରିସାରିଥିଲେ। ଜମ୍ମୁ ପଞ୍ଚାୟତର ସୁବ୍ରତ ମଣ୍ଡଳ, ଉଦୟ ଘଡ଼ାଇ, ସୁଶାନ୍ତ ଦାସ, ରାମ ମଣ୍ଡଳ, ରତନ ମଣ୍ଡଳଙ୍କ ସମେତ ଦୁର୍ଗାପୂଜା କମିଟି ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ବାଲି ବସ୍ତା ପକାଇ ମରାମତି କରିଥିଲେ। ସାଲାଇନ ବିଭାଗର ନିମ୍ନମାନର କାମ ଓ ତଦାରଖରେ ଅବହେଳା ଯୋଗୁଁ ଘଳିଆ ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ନିକିରାଇ ଥାନାରେ ଫେରାର ଓ ଅପହରଣ, ଗଣଦୁଷ୍କର୍ମ ନେଇ ୨ ଅଭିଯୋଗ

**ପଞ୍ଚୁପାଣ୍ଡବ, ୨୪।୮ (ସମିସ):** ନିକିରାଇ ଥାନାରେ ଫେରାର ଓ ଅପହରଣ, ଗଣଦୁଷ୍କର୍ମ ନେଇ ଦୁଇଟି ଅଭିଯୋଗ ହୋଇଛି। ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଗ୍ରାମର ନବବଧୂ ବିବାହର ୨୫ ଦିନ ପରେ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଗତ ଜୁନ୍ ୨୧ ଜୁନ ମାସରେ ବିଭାଘର ହୋଇଥିବାବେଳେ ନବବଧୂ କୌଣସି କାରଣରୁ ଜୁଲାଇ ୧୫ ତାରିଖରେ ଫେରାର ହୋଇଯାଇଥିଲେ। ପରିବାର ଲୋକ ବହୁତ ଖୋଜାଖୋଜି କରି ଶେଷରେ ନିରାଶ ହୋଇ ନିକିରାଇ ଥାନାରେ ୧୬ ତାରିଖରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କିଛିଦିନ ପରେ ନବବଧୂ ସ୍ଥାନୀୟ ଥାନାରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି। ମୋତେ ବେଣୀପୁର ଓ ରାଜନଗରର କେତେକ ଯୁବକ ନିଶାଦ୍ରବ୍ୟ ଶୁଙ୍ଘାଇ ହାଇଦ୍ରାବାଦ ନେଇଯାଇଥିଲେ। ସେଠାରେ ୬ ଜଣ ମିଶି ଗଣଦୁଷ୍କର୍ମ କରିଥିଲେ। ଏହାର ପ୍ରତିବାଦ କରିବାରୁ ମୋତେ ମାଡ଼ ମାରିବା ସହ ଚେଙ୍କ ଦେଇଛନ୍ତି। ସୁନା ଗହଣା ଲୁଟି ନେଇଥିବା ପୀଡ଼ିତା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଯାଇଥିବା ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି। ପୀଡ଼ିତା ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବାବେଳେ ପୁଅଘର ଲୋକ ବି ନ୍ୟାୟ ଦାବି କରିଛନ୍ତି। ଏହାର ତଦନ୍ତ କରାଯାଇ ଦୁଇ ଅଭିଯୋଗର କେତେ ସତ୍ୟାସତ୍ୟ ରହିଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ଧର୍ମରକ୍ଷା ଦିବସ ସମାରୋହ ଉଦ୍‌ଯାପିତ



**ତିର୍ତ୍ତୋଲ, ୨୪।୮ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶାଗବାରିଆସ୍ଥ ଉତ୍କଳ ବିପନ୍ନ ସହାୟତା ସମିତି ସଭାଗୃହରେ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଉପଲକ୍ଷେ ଦୀର୍ଘ ଏକ ସପ୍ତାହ ବ୍ୟାପି ଚାଲିଥିବା ଧର୍ମରକ୍ଷା ଦିବସ ସମାରୋହ ଉଦ୍‌ଯାପିତା ହୋଇଯାଇଛି। ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା)ଙ୍କ ସଂଯୋଜନା ଓ ପ୍ରଦୀପ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶିକ୍ଷାବିତ ଶରତ ଚନ୍ଦ୍ର ତାରିଣିଆ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ମାଳିକା ପ୍ରଚାରକ ବାବା ଦିବାକର ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଜ୍ୟୋତିର୍ବିଦ ଡଃ ଅରୁଣ କୁମାର ପାଣି, ଅଧିକାରୀ ରମାକାନ୍ତ ଦାସ, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସମ୍ପାଦକ ନଳିନୀ ବାବା, ସଂସ୍କୃତି ସହପ୍ରମୁଖ ବଳଦେବ ମହାପାତ୍ର, ସାରଦା ମଲ୍ଲ, ସାହିତ୍ୟିକା ଡଃ ବସନ୍ତ ମଞ୍ଜରୀ ଦାସ, କବି ହେମନ୍ତ କୁମାର ନାୟକ ପ୍ରମୁଖ ଯୋଗଦାନ କରି ପ୍ରାଚୀନ ଭାରତୀୟ ସଂସ୍କୃତି ଓ ସନାତନ ଧର୍ମକୁ ରକ୍ଷା କରିବାରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଅବଦାନର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରମାକାନ୍ତ ସାହୁ, ରାଜକିଶୋର ସ୍ୱାଇଁ, ନିମାଇଁ ଚରଣ ବିଶ୍ୱାଳ, ଦେବୀପ୍ରସାଦ ତ୍ରିପାଠୀ, ଯଶୋବନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ ଆର୍ଯ୍ୟ ସମାଜ ପକ୍ଷରୁ ସପ୍ତାହ ବ୍ୟାପି ଅନୁଷ୍ଠିତ ବୈଦିକ ଯଜ୍ଞ କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତିର୍ତ୍ତୋଲ ପ୍ରଖଣ୍ଡ ସଂଘ ଚାଳକ ରଞ୍ଜନ କୁମାର ସାମଲ ପରିଚାଳନା କରିଥିଲେ। ଏକ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସାଧୁସନ୍ଥ, ଶିକ୍ଷକ, ସୈନିକ, ବରିଷ୍ଠ ନାଗରିକ, ଲୋକନୃତ୍ୟ ଶିଳ୍ପୀ, ସାହିତ୍ୟିକ, ସାମାଜିକ କର୍ମୀ, ବୁଦ୍ଧିଜୀବୀଙ୍କୁ ନେଇ କର୍ମଶାଳା କରଯାଇ ଭାରତୀୟ ସଂସ୍କୃତି, ପରମ୍ପରା, ସନାତନ ଧର୍ମର ମହତ୍ତ୍ୱ, ଗୋସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

## ଡେରାବିଶ ବ୍ଲକ୍ ଯାତ୍ରା କମିଟି ବୈଠକ



**ଡେରାବିଶ, ୨୪।୮ (ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ ଆଜି ଅପରାହ୍ନରେ ଡେରାବିଶ ବ୍ଲକ ଯାତ୍ରା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ। ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳରେ ଯାତ୍ରା କରିବା କଷ୍ଟକର ବ୍ୟାପାର ହୋଇଥିବାବେଳେ ଯାତ୍ରାମାନଙ୍କରେ ଅଶ୍ଳୀଳ ନୃତ୍ୟକୁ ଏହି ବୈଠକରେ ତୀବ୍ର ବିରୋଧ କରାଯାଇଥିଲା। ଏଥିସହିତ କିପରି ଗ୍ରାମାଞ୍ଚଳରେ ସୁଲଭ ମୂଲ୍ୟରେ ଯାତ୍ରା ପାର୍ଟି ସେମାନଙ୍କ ଯାତ୍ରା କରିବେ ଓ ଗ୍ରାମାଞ୍ଚଳର ଲୋକମାନେ ଏହି ସାଂସ୍କୃତିକ କାର୍ଯ୍ୟକମକୁ କିପରି ଶାନ୍ତିଶୃଙ୍ଖଳାର ସହ ଉପଭୋଗ କରିବେ, ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ବ୍ଲକ କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୟ କୁମାର ସାମଲଙ୍କୁ ଡେରାବିଶ ବ୍ଲକ ଯାତ୍ରା କମିଟି ସଭାପତି ଭାବେ ମନୋନୟନ କରାଯାଇଥିବାବେଳେ ସମ୍ପାଦକ ଭାବେ ଲକ୍ଷ୍ମୀକାନ୍ତ ମହାନ୍ତି, ଉପସଭାପତି ଭାବେ ପ୍ରଶାନ୍ତ ସାମନ୍ତରାୟ, ସହସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଭାବେ କୈଳାସ ଚନ୍ଦ୍ର ସାହାଣୀଙ୍କୁ ମନୋନୀତ କରାଯାଇଥିଲା।

### ଠାକୁରହାଟ ବଜାରରୁ ସିରିଜ୍ ଚୋରି

## ୪ ଦୋକାନରୁ ତାଲା ଭାଙ୍ଗି ଲୁଟ୍

**କେନ୍ଦ୍ରାପଡ଼ା, ୨୪।୮ (ସମିସ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଠାକୁରପାଟଣାରେ ଶନିବାର ରାତିରେ ସିରିଜ ଚୋରି ହୋଇଛି। ଦୁର୍ବୃତ୍ତ ଗୋଟିଏ ରାତିରେ ୪ଟି ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ଲୁଟି ନେଇଛନ୍ତି। ଏ ନେଇ ବ୍ୟବସାୟୀ ରବିବାର କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି। ପ୍ରହ୍ଲାଦ ଗେରୁଙ୍କ ମେସିନ ସାମଗ୍ରୀ ଦୋକାନ, ଲକ୍ଷ୍ମୀଧର ବେହେରାଙ୍କ ପାନ ଦୋକାନ, ଗୋବିନ୍ଦ ଚନ୍ଦ୍ର ଗେରୁଙ୍କ ରାସନ ଦୋକାନ, ଦାମୋଦର ବାରିକଙ୍କ ଜଳଖିଆ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୁଲିସ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଶନିବାର ରାତିରେ ପ୍ରବଳ ବର୍ଷା ହୋଇଥିବାରୁ ବ୍ୟବସାୟୀ ଶୀଘ୍ର ଦୋକାନ ବନ୍ଦ କରିଥିଲେ। ଫଳରେ ଚୋରଙ୍କୁ ଦୋକାନ ତାଲା ଭାଙ୍ଗି ଲୁଟ୍ କରିବାକୁ ସୁଯୋଗ ମିଳିଥିଲା। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ଖୁବଶୀଘ୍ର ଚୋରମାନେ ଗିରଫ ହେବ ବୋଲି ସଦର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଆଇକ୍ୟୁଏସି ବୈଠକ

**କେନ୍ଦ୍ରାପଡ଼ା, ୨୪।୮ (ସମିସ)**



କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇକ୍ୟୁଏସିର ଚଳିତ ଶିକ୍ଷାବର୍ଷର ପ୍ରଥମ ତ୍ରୈମାସିକ ବୈଠକ ଶନିବାର କଲେଜ ମିନି କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଯୋଜକ ଡ. ଦୀପ୍ତି ରାୟ ବିଗତ ଶିକ୍ଷାବର୍ଷର ସ୍ଥିରୀକୃତ କାର୍ଯ୍ୟପନ୍ଥା ଓ କାର୍ଯ୍ୟନିର୍ବାହ ବିବରଣୀ, ଚଳିତବର୍ଷ ନିମନ୍ତେ ସ୍ଥିରୀକୃତ କାର୍ଯ୍ୟପନ୍ଥାର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ବୈଠକରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା ମହାବିଦ୍ୟାଳୟର ଭିତ୍ତିଭୂମି, ବିକାଶ ଓ ଶୈକ୍ଷିକ ବାତାବରଣର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା ମହାବିଦ୍ୟାଳୟରେ କିଭଳି ଭାବେ ମୌଳିକ ଶ୍ରେଣୀଗୃହର ଆବଶ୍ୟକତା ଓ ନୂତନ ପିଢି ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇପାରିବ, ସେ ସମ୍ପର୍କରେ ଆଭିମୁଖ୍ୟ ରଖିଥିଲେ। ନୂଆ ଶିକ୍ଷାନୀତିର ଆବଶ୍ୟକତା ଓ ତତ୍‌ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ କଲେଜର ସମ୍ବଳକୁ କିଭଳି ଭାବେ ସୁବିନିଯୋଗ କରାଯାଇପାରିବ, ସେ ସମ୍ପର୍କରେ ପ୍ରାକ୍ତନ ରାଜନୀତି ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ପ୍ରଦୀପ୍ତ କିଶୋର ଦାଶ ନିଜର ମତପୋଷଣ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ଦାସ ନାକ୍ ସମ୍ବନ୍ଧୀୟ କର୍ମଶାଳା ତଥା ବିଭିନ୍ନ ଆଲୋଚନାଚକ୍ର ବିଷୟରେ ପ୍ରସ୍ତାବ ଆଗତ କରିଥିଲେ।

କଲେଜର ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ମିଶ୍ର ଶ୍ରେଣୀ ସୁଚାରୁରୂପେ ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ ମହାବିଦ୍ୟାଳୟର ଜମିଜମା ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଗୌରପ୍ରସାଦ ଷଡଙ୍ଗୀ ପରୀକ୍ଷା ସୁପରିଚାଳନା, ଗଣିତ ବିଭାଗ ଅଧ୍ୟାପକ ଡଃ ହାରାଚାନ୍ଦ ମହାନ୍ତି ସହପାଠ୍ୟ କାର୍ଯ୍ୟକଳାପ ପାଇଁ ଆବଶ୍ୟକ ପାଣ୍ଠି ନିର୍ଦ୍ଧାରଣ, କମ୍ପ୍ୟୁଟର ବିଜ୍ଞାନ ବିଭାଗ ଅଧ୍ୟାପକ ଡଃ ଆନନ୍ଦ ଚନ୍ଦ୍ର ନାୟକ କଲେଜ ୱେବସାଇଟ୍ ସମ୍ପର୍କରେ ନିଜର ମତବ୍ୟକ୍ତ କରିଥିଲେ। ଆଇକ୍ୟୁଏସିର ସହସଂଯୋଜକ ହିମାଂଶୁ ଶେଖର ମହାପାତ୍ର ନାକ୍ ମାନ୍ୟତା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ଛାତ୍ରୀ ଅର୍ଚ୍ଚିତା ସ୍ୱାଇଁ ମୌଳିକ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ କିରାଣି ଦେବାଶିଷ ପ୍ରସାଦ ସିଂ ଅନୁଷ୍ଠାନର ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ମତ ରଖିଥିଲେ। ୟୁଜିସି ସଂଯୋଜକ ଡଃ ଦେବେନ୍ଦ୍ର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ଦୁଇଟି ମଇଁଷି ମୃତ



**ମହାକାଳପଡ଼ା, ୨୪।୮ (ସମିସ):** ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତର ଗୋଖାଖଟି ଗ୍ରାମରେ ବଜ୍ରପାତରେ ଦୁଇଟି ମଇଁଷିଙ୍କ ମୃତ୍ୟୁ ହୋଇଛି। ଗୋଖାଖଟି ଗ୍ରାମର ମଇଁଷି ପାଳକ ଅବନ୍ତୀ ସ୍ୱାଇଁଙ୍କ ଗୋଠରେ ମଇଁଷି ବନ୍ଧା ହୋଇଥିବା ସମୟରେ ଶନିବାର ଅପରାହ୍ନରେ ମେଘ ସହିତ ବଜ୍ରପାତ ଘଟିଥିଲା। ବଜ୍ରପାତରେ ଗୋଠରେ ବନ୍ଧା ହୋଇଥିବା ମଇଁଷି ମଧ୍ୟରୁ ଦୁଇଟି ମଇଁଷିଙ୍କ ମୃତ୍ୟୁ ଘଟିଥିଲା। ମଇଁଷି ପାଳକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର କାର୍ଯ୍ୟକାରିଣୀ




ଢେଙ୍କାନାଳ, ୨୪।୮ (ସମିସ): ସ୍ଥାନୀୟ ମହିଷାପାଟ କଲ୍ୟାଣ ମଣ୍ଡପଠାରେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ, ଢେଙ୍କାନାଳ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସତ୍ୟବଦୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାର କୋଣ ଅନୁକୋଣରୁ ଗ୍ରାମୀଣ ଡାକ ସେବକମାନେ ଯୋଗ ଦେଇଥିଲେ। ମଣ୍ଡଳ ସମ୍ପାଦକ ହରେଶ ଚନ୍ଦ୍ର ମିଶ୍ର ସଂଘର କାର୍ଯ୍ୟକଳାପ ଏବଂ ଗ୍ରାମୀଣ ଡାକ ସେବକମାନଙ୍କର ସମସ୍ତ ପ୍ରକାରର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗୀୟ ସଂଘ ରାଜ୍ୟ ସଭାପତି ଚନ୍ଦ୍ରଶେଖର ସିଂ ଏବଂ ମୁଖ୍ୟବକ୍ତା ଭାବେ ବିଭାଗୀୟ ମଣ୍ଡଳ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁ ଏବଂ ଅନ୍ୟତମ ବକ୍ତା ଭାବେ ପୋଷ୍ଟମ୍ୟାନ ସମ୍ପାଦକ ଅଭିଲାଷ ମହାପାତ୍ର ଯୋଗଦେଇଥିଲେ। ଉପସଭାପତି ପ୍ରଭାକର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏଚ୍ ୫୩ରେ ପୃଥକ ଦୁର୍ଘଟଣା: ୨ ମୃତ, ୨ ଗୁରୁତର

ଭୁବନ, ୨୪।୮ (ସମିସ)

ଭୁବନ ଥାନା ୫୩ ନଂ ଜାତୀୟପଥରେ ୨ ଟି ସ୍ଥାନରେ ପୃଥକ୍ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଡେଙ୍ଗା ବାହାଲି ଗ୍ରାମର ସର୍ବେଶ୍ୱର ଦାସ (୭୦) ନିଜ ନାତି କୁକୁଲ (୭)କୁ ଧରି ଏକ ଲୁନା ସାହାଯ୍ୟରେ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା ଗଡ଼ନୃସିଂହ ପ୍ରସାଦ ଗ୍ରାମର ଅମିନ ମଲ୍ଲିକଙ୍କ ପୁଅ ସୁନୀଲ ବାଇକ୍ ଯୋଗେ ଆସି ଦୁର୍ଘଟଣା ଘଟାଇଥିଲେ। ଭୁବନ ପୁଲିସ ଏସ୍‌ଆଇ ମାନସ ନାୟକ ପୁଲିସ ଗାଡ଼ିରେ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ଚିକିତ୍ସା ପରେ ଢେଙ୍କାନାଳ ରେଫର କରିଥିଲେ। ସେଠାରେ ସର୍ବେଶ୍ୱରଙ୍କର ମୃତ ହୋଇଛି। ନାତି ର ଡାହାଣ ଗୋଡ ଭାଙ୍ଗିଯାଇଛି। ଅପରାହ୍ନରେ ଗଁଦିଆ ଥାନା ଦିଗମ୍ବରପୁର ଗ୍ରାମର ପୀତବାସ ତରେଇଙ୍କ ପୁଅ ବିଜୟ (୨୭) ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ନଟାକଟା କଲୋନୀ ନିକଟରେ ଠିଆ ହୋଇଥିବା ଏକ ଟ୍ରକ ପଛରେ ପିଟି ହୋଇ ଛିଟିକି ପଡ଼ିଥିଲେ। ଦମକଳବାହିନୀ ସହାୟତାରେ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଡାକ୍ତରଖାନାକୁ ଆଣିଥିଲେ। ଭୁବନ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ସୋମବାର ୨ଟି ଯାକ ଶବ ବ୍ୟବଚ୍ଛେଦ ହେବ।



# ବିଶ୍ୱ ପ୍ରସିଦ୍ଧ ମହିମାପୀଠରେ ଆଜି ନବାନ୍ନ ଲାଗି



ଗଁଦିଆ, ୨୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦାଠାରେ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପବିତ୍ର ପୀଠ ମହିମାଗାଦିରେ ନବାନ୍ନ ଉତ୍ସବ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଏହି ପର୍ବ ପାଳନ ହେଉଛି। ମହିମାଗାଦିରେ ନବାନ୍ନ ଉତ୍ସବ ପାଳନ କରିବା ଓ ନବାନ୍ନ ପ୍ରସାଦ ସେବନ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସାଧୁ ଭକ୍ତମାନେ ମହିମା ଗାଦିରେ ପହଞ୍ଚିବା ପରେ ମହିମାଗାଦି ଚଳଚଞ୍ଚଳ ହୋଇଉଠିଛି। ମହିମାଗାଦି ଇତିହାସରୁ ଜଣାଯାଏ, ୧୯୪୭ମସିହା ଠାରୁ ମହିମା ଗାଦିରେ ନବାନ୍ନ ଉତ୍ସବ ପାଳିତ ହୋଇଆସୁଛି। ପୂର୍ବରୁ ଭକ୍ତମାନେ ଘରେ ନବାନ୍ନ ପ୍ରସାଦ କରୁଥିଲେ। ଆଠଗଡ଼ ଅଞ୍ଚଳର ମହିମା ଭକ୍ତ ଭୋଇ ପରିବାର ନୂଆଧାନରେ ତିଆରି ଚୁଡା ପ୍ରଭୁଙ୍କ ପ୍ରସାଦ ପାଇଁ ପ୍ରଦାନ କରିଆସୁଛନ୍ତି। ସେତେବେଳର ବରିଷ୍ଠ ସନ୍ନ୍ୟାସୀ ରାମଚନ୍ଦ୍ର ବାବା ଓ ଦୀନବନ୍ଧୁ ବାବା ନବାନ୍ନ ଉତ୍ସବ ଆରମ୍ଭ କରିଥିଲେ। ନବାନ୍ନ ଦିନ ପ୍ରାତଃ ବ୍ରାହ୍ମମୁହୂର୍ତ୍ତରେ ସାଧୁମାନେ ଅହ୍ନଣିଆ ମଣ୍ଡପରେ ନୂତନ ଧାନ ଶସ୍ୟରୁ ପ୍ରସ୍ତୁତ ଚୁଡ଼ାରେ ଗୁଡ଼, କଦଳୀ, ସେଓ, ନଡ଼ିଆ, ଅଙ୍ଗୁର ଆଦି ସୁସ୍ୱାଦୁ ଫଳ, ଛେନା, ବୁନ୍ଦିଆ, ଗୁଲୁରାତି, ଅଳେଇଚ, ଅଦା, ଲବଙ୍ଗ ମିଶାଯାଇ ୭ଟି ନୂଆ ମାଟି ହାଣ୍ଡିରେ ୭ ଜଣ ତ୍ୟାଗୀ ବରିଷ୍ଠ ବଲ୍କଳଧାରୀ ସନ୍ନ୍ୟାସୀଙ୍କ ଉପସ୍ଥିତିରେ ଅଲେଖ ମହିମା ଡାକ ଦେଇ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବେ। ହଜାର ହଜାର ସାଧୁ, ଭକ୍ତଙ୍କ ଗହଳି ମଧ୍ୟରେ ସାଧୁସନ୍ଥମାନେ ମହିମା ସ୍ୱାମୀଙ୍କୁ ପ୍ରାର୍ଥନା କରି ଜଗତବାସୀଙ୍କର ମଙ୍ଗଳ କାମନା କରି ପୃଥିବୀ ଶସ୍ୟ ଶ୍ୟାମଳା ହେବା ପାଇଁ ଜଣାଇଥାନ୍ତି। ଖଞ୍ଜଣି ଭଜନ ଗାଇ ମହିମା ସ୍ୱାମୀଙ୍କ ବାଲ୍ୟଲୀଳା ଗୀତ ବୋଲିଥାନ୍ତି। ପ୍ରାତଃ ୭ଟା ସମୟରେ ଭୋଗ ବଣ୍ଟନ କରାଯାଏ ଓ ପୂର୍ବାହ୍ନ ୯ଟା ସମୟରେ ଭିକ୍ଷାଭଣ୍ଡାର ଠାରେ ପ୍ରସ୍ତୁତ ନବାନ୍ନ ସତସଙ୍ଗ ବିଧିରେ ସନ୍ନ୍ୟାସୀ ମାନେ ପରସ୍ପର ଆଦାନ ପ୍ରଦାନ କରି ପ୍ରସାଦ ସେବନ କରିଥାନ୍ତି। ଶେଷରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ସାଧୁ ଭକ୍ତ, ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ପ୍ରସାଦ ସେବନ କରିଥାନ୍ତି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବର୍ଷାକାଳୀନ ବୈଠକ



ଗଁଦିଆ, ୨୪।୮ (ସମିସ): ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକର ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟ ବିଧାରପୁର ଶ୍ରେଣୀ କକ୍ଷରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଗଁଦିଆ ଶାଖାର ବର୍ଷାକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କବିତା ଆସର ରାଜ୍ୟ, ପ୍ରକୃତି ବନ୍ଧୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ହରିହର ସାହୁଙ୍କ ଅଧକ୍ଷତାରେ ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟ ବିଧାରପୁର ରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲ୍ଲାର ସମ୍ପାଦକ କବି ବାହାଦୂର ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରଫେସର ଡଃ ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ଶାଖାର ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଭାପତି ତଥା ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟ ବିଧାରପୁରର ପ୍ରାଣ ପ୍ରତିଷ୍ଠାତା ତଥା ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧକ୍ଷ ଡଃ ସମୀର କୁମାର ସାହୁ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲ୍ଲାର ଉପ ସଭାପତି ପ୍ରଭାତୀ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ବିଦ୍ୟାଧର ଖଟୁଆ ସାହିତ୍ୟ ସମାଜ ହିତରେ ସମର୍ପିତ ବୋଲି ମତବ୍ୟକ୍ତ କରିବା ସହିତ ସମାଜ ସେବାରେ ସାହିତ୍ୟର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ କବି ବିଦ୍ୟାଧର ଖଟୁଆ, ରାଜୀବ ଷଡ଼ଙ୍ଗୀ, ରଘୁ ସାହୁଙ୍କୁ ସେମାନଙ୍କ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜ ସେବୀ, ଡମ୍ବରୁଧର ସେଠୀ, ବିଦ୍ୟାଧର ସାହୁ, ସଲିଳ କୁମାର ବେହେରା ଙ୍କ ସହିତ ଅନେକ ସାହିତ୍ୟିକ ସଭାର ବକ୍ତବ୍ୟ ରଖିଥିଲେ। ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟ ବିଧାରପୁରର ଗ୍ରନ୍ଥାଗାରିକ ଅମର କୁମାର ପ୍ରଧାନ, କାର୍ଯ୍ୟାଳୟ ସହାୟକ ବିଶ୍ୱ ଭୂଷଣ ମହାନ୍ତିଙ୍କ ସକ୍ରିୟ ସହଯୋଗ ରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି କବିତା ଆସର ର କବି ହରିହର ସାହୁ, ବାହାଦୂର ପାଟ୍ଟଶାଣୀ, ଡଃ ସମୀର କୁମାର ସାହୁ, ଡଃ ପ୍ରମୋଦ କୁମାର ନାୟକ, ମଧୁସୂଦନ ବେହେରା, ଶ୍ୟାମ ସୁନ୍ଦର ସ୍ୱାଇଁ, ନିବେଦିତା ରଥ, ପ୍ରଭାତୀ ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ନାୟକ, ସାବିତ୍ରୀ ସାହୁ, ସଞ୍ଜୁକ୍ତା ଶରଣ, ସୁରେନ୍ଦ୍ର କୁମାର ପୃଷ୍ଟି ଅଧ୍ୟାପକ ବିକାଶ ଚନ୍ଦ୍ର ମିଶ୍ର ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସଞ୍ଜୁକ୍ତା ଶରଣ, ନିବେଦିତା ରଥ ସଞ୍ଚୋଳନା କରିଥିଲେ। ଡଃ ସମୀର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼ ପ୍ରମୋଦ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ମାୟାଧର ସ୍ମୃତି ସ୍ନାତକ ମହାବିଦ୍ୟାଳୟ ବିଧାରପୁରର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

# ଟାଟା ପାୱାର କମ୍ପାନୀର ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ

ପରଜଙ୍ଗ, ୨୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ ଟାଟା ପାୱାର କମ୍ପାନୀର ଚାଲିଛି ମନମୁଖୀ କାର୍ଯ୍ୟ ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଦିନକୁ ଦିନ ଅସନ୍ତୋଷର ନିଆଁ ଜଳୁଛି। ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଆରମ୍ଭ କରି ସମସ୍ତ ଜନସାଧାରଣ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଗୁଡିକ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତାଳଚେର ଚାଇଁପାଳରୁ ଆସିଥିବା ୩୩ କେଭି ମେନ ଲାଇନ ଉପରେ କମ୍ପାନୀ ନିମ୍ନମାନର ସରଞ୍ଜାମ ଲଗାଇ ଅଞ୍ଚଳବାସୀଙ୍କ ଉପରେ ଦାଉ ସାଧୁଛି। କାରଣ ସବୁବେଳେ ମେନ ଲାଇନ ସମସ୍ୟା ରହୁଥିବାରୁ ସମଗ୍ର ଅଞ୍ଚଳରେ ବିଦ୍ୟୁତ ସେବାରୁ ବଞ୍ଚିତ ହେବାକୁ ପଡୁଛି। ହାତୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଅଧିକାଂଶ ଗାଁରେ ଲାଇନ କାଟି ଦେଉଥିବାରୁ ହାତୀ ଭୟରେ ଅଞ୍ଚଳବାସୀମାନେ ରାତିସାରା ଉଜାଗର ହୋଇ ରାତି କାଟୁଛନ୍ତି। କମ୍ପାନୀର କର୍ମଚାରୀ ମାନେ କେବଳ ଉପଭୋକ୍ତାଙ୍କ ଠାରୁ ବିଲ ଆଦାୟ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରିବାରେ ଭିଡକୁ ନୁହନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। କେଉଁ କାରଣ ନେଇ୨, ୩ ହେବ ସାରା ରାତି ଲାଇନ କଟାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କମ୍ପାନୀର ବାରମ୍ବାର ଏପରି ମନମୁଖୀ କାର୍ଯ୍ୟକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ କରିବା ସହ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

■ ଢେଙ୍କାନାଳ ସାଂସଦଙ୍କ ହିନ୍ଦୋଳ ଗସ୍ତ

# ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଲେ



ଢେଙ୍କାନାଳ, ୨୪।୮ (ସମିସ) ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ରବିବାର ଦିନିକିଆ ହିନ୍ଦୋଳ ଗସ୍ତରେ ଆସି ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଞ୍ଚଳ ଅନ୍ତର୍ଗତ ଅମଲାପଡ଼ା ସ୍ଥିତ ଶିକ୍ଷାବିତ ସ୍ୱର୍ଗତ ବିରଞ୍ଚିନାରାୟଣ ପତିଙ୍କ ଦଶାହ କର୍ମରେ ତାଙ୍କ ବାସଭବନରେ ଯୋଗଦାନ କରି ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେହିପରି ଭାବେ ୪ନଂ ୱାର୍ଡ ନୁଆପାଣି ସାହି ସ୍ଥିତ ଦଳିୟ ନେତା ପ୍ରଦୀପ ସାମନ୍ତଙ୍କ ଜେଜେ ମା'ଙ୍କ ପରଲୋକ ଖବର ପାଇ ତାଙ୍କ ବାସ ଭବନରେ ପହଞ୍ଚି ସମସ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅବସରରେ ସାଂସଦ ହିନ୍ଦୋଳ କାରାଗାର ପରିଦର୍ଶନ କରିବା ସମୟରେ ସେଠାରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ଭେଟି ସମସ୍ତ ସୁବିଧା ଅସୁବିଧା ପଚାରି ବୁଝିବା ସହ ଫଳ ବଣ୍ଟନ କରିଥିଲେ ଏବଂ ଦଳୀୟ କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ଲିପୁ ନାଠି, କାହ୍ନା ପାଳ, ବଣ୍ଟି ସାହୁ ଓ ନାରାୟଣ ବେହେରାଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ଉକ୍ତ ଗ୍ରସ୍ତ ସମୟରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେପି ନେତା ସନ୍ତୋଷ ନାଏକ, ସନ୍ତୋଷ ବେହେରା, କାଉନସିଲର ଶରତ ଭୂତିଆ, ତୃପ୍ତି ବେହେରା, ଦଳୀୟ ନେତା ଶେଷଦେବ ସାହୁ, ଗୋବିନ୍ଦ ବେହେରା, ପ୍ରେମାନନ୍ଦ ପଟନାୟକ, ରମେଶ ବେହେରା, ଅଭି ନାଏକ, ଅଶୋକ ରାଉତ, ପାରିକୁଳ ମଣ୍ଡଳ ସଭାପତି ରବିନ ବାରିକ, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ସନ୍ତୋଷ ସାହୁ, ମନୋରଞ୍ଜନ ନାଥ, ଦୀପକ ନାଥ, ଗୌତମ ସାହୁ, ପ୍ରଫୁଲ ମହାରଣା, ପ୍ରଦୀପ୍ତ ସାହୁ, କ୍ଷିତ ଜେନା ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଡିଆଇଇଟିରେ ଜାତୀୟ ଅନ୍ତରୀକ୍ଷ ଦିବସ




ଢେଙ୍କାନାଳ, ୨୪।୮ (ସମିସ): କୌଣସି କଥାକୁ ଅନ୍ଧ ଭାବେ ଗ୍ରହଣ ନ କରି ତା' ପଛରେ ଥିବା କାରଣ ଖୋଜିବା ଓ କାରଣ ଆଧାରରେ ସିଦ୍ଧାନ୍ତରେ ଉପନୀତ ହେବାକୁ ବିଜ୍ଞାନ କୁହାଯାଏ। ବିଜ୍ଞାନ କଦାପି ବିଶ୍ୱାସ ହୋଇ ନ ପାରେ ବରଂ ସତ୍ୟର ଚଟାଣ ଉପରେ ଏକ ସୁନ୍ଦର ଉପଲବ୍ଧିକୁ ବୁଝାଏ। ପ୍ରଶ୍ନ ପଚାରିବା, କାରଣ ଖୋଜିବା, ପରୀକ୍ଷା ନିରୀକ୍ଷା କରିବା, ଯୁକ୍ତି କରିବା ଆଦି ପ୍ରକ୍ରିୟା ଗୁଡ଼ିକ ବିଜ୍ଞାନର ପରିଭାଷା ଅଟନ୍ତି। ତେଣୁ ଛାତ୍ରଛାତ୍ରୀଙ୍କୁ ଏ ଦିଗରେ ଉତ୍ସାହିତ କରିବା ଆଜିର ଶିକ୍ଷକ ଶିକ୍ଷିକା ମାନଙ୍କ ପ୍ରଧାନ କର୍ତ୍ତବ୍ୟ ବୋଲି ଜାତୀୟ ଅନ୍ତରୀକ୍ଷ ଦିବସ ପାଳନ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ ମୁଖ୍ୟତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଫେସର ଭାରଦ୍ୱାଜ ଛାତ୍ରଛାତ୍ରୀଙ୍କୁ ଜିଜ୍ଞାସୁ ହେବାକୁ ପରାମର୍ଶ ଦେବା ସହ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ବିକାଶ କରିବାକୁ ଉତ୍ସାହିତ କରିଥିଲେ। ବିଜ୍ଞାନ ଚେତନା ମଞ୍ଚ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବି ବି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଡଃ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଜାତୀୟ ଅନ୍ତରୀକ୍ଷ ଦିବସର ମହତ୍ୱ ପ୍ରତିପାଦନ କରିଥିଲେ। ଅନ୍ୟତମ ଅତିଥିଭାବେ ବିଜ୍ଞାନ ଚେତନା ମଞ୍ଚ ଭୁବନ ଶାଖାର ଆବାହକ ଶ୍ରୀଧର ପୃଷ୍ଟି, ବିନୋଦ ସେଠୀ, ର୍ ଦୀପକ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଗୁରୁଛାତ୍ରୀ ସ୍ୱର୍ଣ୍ଣଲତା ବେହେରା ସଭା ସଂଯୋଜନା କରିଥିଲେ। ଏଥିଲାଗି ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଦୀପ୍ତିମୟୀ ସାହୁ, ଶୁଭଲକ୍ଷ୍ମୀ ନାୟକ ଯଥାକ୍ରମେ ୧ମ, ୨ୟ ଓ ସସ୍ମିତା ଖଣ୍ଡା, ରାଜୀବ ଲୋଚନ ପୃଷ୍ଟି ଯୁଗ୍ମ ୩ୟ ସ୍ଥାନ ଅଧିକାର କରିଥିବାରୁ ଅତିଥିମାନେ ସେମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସ୍ମୃତିପ୍ରଜ୍ଞା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୁନଶ୍ଚ ସକାଳେ ବିଜ୍ଞାନ ଚେତନା ମଞ୍ଚର ଜିଲ୍ଲା ସଂଯୋଜକ ଡଃ ଦେବୀପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଜଜ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଡିଆଇଇଟିର ଗୁରୁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ଉଭୟ ଜଜ୍ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଥମ ଶ୍ରୀଜଗନ୍ନାଥ କୃପା ମହୋତ୍ସବ ପ୍ରସ୍ତୁତି ବୈଠକ

ଢେଙ୍କାନାଳ, ୨୪।୮ (ସମିସ) ସ୍ଥାନୀୟ ଦଧିବାମନଜିଉ ମଠ ପରିସରରେ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ଏବଂ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପରିବାର ତରଫରୁ ଶ୍ରୀ ଜଗନ୍ନଥ କୃପା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟାନିର୍ମଳା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମ ଶ୍ରୀଜଗନ୍ନାଥ କୃପା ମହୋତ୍ସବର ରୂପରେଖ ସମ୍ପର୍କରେ ଶ୍ରୀଜଗନ୍ନାଥ ଚେତନା ସେବା ସମିତିର ସମ୍ପାଦକ ଅବନୀମିଶ୍ର ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସେପ୍ଟେମ୍ବର ୧୨, ୧୩ ଓ ୧୪ ତାରିଖ ତିନି ଦିନ ଧରି ହେବାକୁ ଥିବା ଏହି ପ୍ରଥମ ଦିନ ଅପରାହ୍ନ ୩ଟା ସମୟରେ ବାଜିଚୌକ ଗୁଣ୍ଡିଚା ମନ୍ଦିର ଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଶ୍ରୀବଳରାମଙ୍କ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଦିବ୍ୟ ଆଳତି, ବନ୍ଦନାର ଉଦ୍‌ଘାଟନ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ୧୩ ତାରିଖରେ ସକାଳ ସାଢେ ୧୦ଟାରେ ଶ୍ରୀଜଗନ୍ନାଥଙ୍କଲୀଳା ଏବଂ କୃପା ସମ୍ବନ୍ଧରେ ଆଲୋଚନା ସାଧୁସନ୍ଥ ଏବଂ ଗବେଷକମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ ଓ ସନ୍ଧ୍ୟାରେ ଜଗନ୍ନାଥଙ୍କ ସମ୍ପର୍କିତ ପାରମ୍ପରିକ ନୃତ୍ୟ୧୩ ତାରିଖରେ ବିଭିନ୍ନ ଧର୍ମସଂସ୍କୃତି ସଙ୍ଗଠନମାନଙ୍କ ଦ୍ୱାରା ଆଲୋଚନା ଚକ୍ର ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ଭକ୍ତମାନେ ବହୁଳ ସଂଖ୍ୟାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ବରିଷ୍ଠ ଆଇନଜିବୀ ଦିପ୍ତଶ ପ୍ରସାଦ ପଟ୍ଟନାୟକ, ଭାବଗ୍ରାହୀ ପଣ୍ଡା, ଶତ୍ରୁଘ୍ନ ମାଟି, ପରେଶ ପଟ୍ଟନାୟକ, ପୁରୁଷୋତମ ନନ୍ଦ, ପ୍ରଦ୍ୟୁମ୍ନକୁମାର ତ୍ରିପାଠୀ, ପ୍ରବୀର କୁମାର ମହାନ୍ତିଙ୍କ ସହିତ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ଖାଉଟିଙ୍କ ପାଇଁ ବିପଦ ଶାଗ !

# ସ୍ପ୍ରେ ହେଉଛି ନାନୋ ୟୁରିଆ, ହରମୋନ

ଢେଙ୍କାନାଳ, ୨୪।୮ (ସମିସ)



ଢେଙ୍କାନାଳ ଜିଲ୍ଲାରେ ବର୍ତ୍ତମାନ କୋଶଳା ଶାଗ ସହିତ ବିଭିନ୍ନ ପ୍ରକାରର ଶାଗ ବିକ୍ରି ହେଉଛି। ବ୍ୟବସାୟିକ ଭିତ୍ତିରେ ଶାଗ ବିକ୍ରି କରିବାକୁ ଚାଷୀମାନେ ଶାଗର ବୃଦ୍ଧି ପାଇଁ ସେଥିରେ ନାନୋ ୟୁରିଆ, ଗ୍ରୋଇ ମେଡିସିନ ସହିତ ହରମୋନ ସ୍ପ୍ରେ କରୁଥିବାର ଜଣାପଡ଼ିଛି। ତେବେ ଶାଗ ଶରୀର ପାଇଁ ସବୁଠାରୁ ଉତ୍ତମ ପୁଷ୍ଟିଯୁକ୍ତ ହୋଇଥିବା ବେଳେ କେତେକ ଲାଭଖୋର ଚାଷୀ ଶାଗ ନାମରେ ଖାଉଟିଙ୍କୁ ବିଷ ବିକ୍ରୟ କରୁଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି।

ବର୍ଷା ଋତୁରେ ବାଡ଼ି ବଗିଚାରେ କୋଶଳା ଶାଗ ସହିତ ନାଲି ଶାଗ ଚାଷ କରିବା କାଠିକର ପାଠ। କିନ୍ତୁ ବଜାରରେ ବିକ୍ରି ହେଉଛି କୋଶଳା ଶାଗ। ଏହି ଶାଗ କେମିତ ଚାଷ କରାଯାଉଛି ତାକୁ ଜାଣିଲେ ଖାଉଟିମାନେ ବି ଆଶ୍ଚର୍ଯ୍ୟ ହୋଇଯିବେ। ଜିଲ୍ଲାର ବିଭିନ୍ନ ବ୍ଲକରେ ଶାଗ ଚାଷ କରାଯାଇ ବର୍ତ୍ତମାନ ଚଢ଼ା ଦରରେ ବିକ୍ରି ହେଉଛି। ବିଡ଼ା ପ୍ରତି ୧୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଶାଗ ଚାଷ କେତେକ ଚାଷୀଙ୍କ ପାଇଁ ଆର୍ଥିକ ମେରୁଦଣ୍ଡ ପାଲଟିଛି। ଶାଗ ଚାଷ ପାଇଁ ଚାଷୀମାନେ ବିଭିନ୍ନ ତଏଳାରେ ଚାଷ କରୁଛନ୍ତି। ପୂର୍ବରୁ ଏହି ମାଟିରେ କୁକୁଡ଼ା ଖତ ଦିଆଯାଇ ଚାଷ କରାଯାଉଛି। ମାଟି ଟିକେ ପ୍ରସ୍ତୁତହୋଇଯିବା ପରେ ନାଲି ଶାଗ ବା କୋଶଳାଶାଗରେ ମାତ୍ରାଧିକ ଔଷଧ ଦିଆଯାଇ ତାକୁ ବୁଣା ଯାଉଛି। ଫଳରେ ଗୋଟିଏ ବି ମଞ୍ଜି ବିଫଳ ହେଉନାହିଁ। ଶାଗ ଗଛ ଘାସ ଚାଷ ପରି ହେଉଛି। ଶାଗ ଗଛ ମାତ୍ର ଅଧ ଇଞ୍ଚ ହେବା ପରେ ଚାଷୀ ମାନେ ସେହି ଶାଗରେ ନାନୋ ୟୁରିଆକୁ ସ୍ପ୍ରେୟର ସାହାଯ୍ୟରେ ସିଞ୍ଚନ କରୁଛନ୍ତି। ଏହା ସହିତ ଶାଗରେ ହରମୋନ ସ୍ପ୍ରେ କରାଯାଉଛି। ଏହି ହରମୋନରେ ଶାଗ ଗଛ ବୃଦ୍ଧିପାଇବା ପାଇଁ ଅକ୍ସିନ, ଗିବରଲିନସ, ସାଇଟୋକିନସ, ଏବିଏ ଏବଂ ଇଥେଲିନ ରହିଥିବାର ଜଣାପଡ଼ିଛି। ଫଳରେ ଗୋଟିଏ ସପ୍ତାହରେ ଶାଗ ଗଛଗୁଡ଼ିକ ୭ଇଞ୍ଚରୁ ଆଠ ଇଞ୍ଚବୃଦ୍ଧିପାଇବିକ୍ରିଯୋଗ୍ୟହେଉଛି। ନାନୋ ୟୁରିଆ ସ୍ପ୍ରେ କରିବା ଦ୍ୱାରା ଶାଗ ଗଛ ଶୀଘ୍ର ବୃଦ୍ଧି ପାଇବା ସହିତ ପତ୍ର ବଡ଼ ହୋଇଥାଏ। ଏଭଳି ଶାଗ ବର୍ତ୍ତମାନ ବଜାରରେ ବହୁ ପରିମାଣରେ ବିକ୍ରି ହେଉଛି। ଖାଉଟିମାନେ ଏହି ଶାଗକୁ ପୁଷ୍ଟିକର ଖାଦ୍ୟ ଭାବରେ ବହୁଳ ଭାବରେ ବ୍ୟବହାର କରୁଥିବାର ଦେଖିବାକୁ ମିଳିଛି। ଏହାର ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# କାପୁଡ଼ିଆ ସମାଜର କାର୍ଯ୍ୟକାରିଣୀ

ଢେଙ୍କାନାଳ, ୨୪।୮ (ସମିସ): ଢେଙ୍କାନାଳ ଜିଲ୍ଲା କାପୁଡିଆ ସମାଜର ୩ୟ ତ୍ରୈମାସିକ ବୈଠକ ସ୍ଥାନୀୟ ଯାଉଁଳି ପୋଖରୀ ମଠଠାରେ ଜିଲ୍ଲା ସଭାପତି ରାମଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାପୁଡ଼ିଆ ସମାଜର ରାଜ୍ୟ ସଭାପତି ନବ କିଶୋର ଗୁରୁ ମୁଖ୍ୟ ଅତିଥି ଭାବେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଜାତିର ନୀତିକାନ୍ତି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆସନ୍ତା ଡିସେମ୍ବର ମାସ ୨୮ ତାରିଖରେ ଭୁବନଠାରେ ରାଜ୍ୟ ସମ୍ମିଳନୀ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟର ପ୍ରତ୍ୟେକ ଅଞ୍ଚଳର କାପୁଡ଼ିଆ ସମାଜର ମୁଖ୍ୟ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଜାତିର ପ୍ରତିଭାମାନଙ୍କୁ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ଅଛି। କାପୁଡ଼ିଆ ଓ କପଡ଼ିଆ ଉଭୟ ଏକ ଜାତି। କେନ୍ଦ୍ରରେ କାପୁଡ଼ିଆ ଓବିସି ମାନ୍ୟତା ପାଇଥିବା ସ୍ଥଳେ କପଡ଼ିଆ ପାଇ ନାହିଁ। ବହୁ ସଂଘର୍ଷ ପରେ ରାଜ୍ୟରେ କାପଡ଼ିଆ ଜାତି ଏସ୍‌ଇବିସିର ମାନ୍ୟତା ପାଇଛି। କେନ୍ଦ୍ରରେ କପଡ଼ିଆ ଜାତିକୁ ଓବିସି ତାଲିକାଭୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ର ନାରାୟଣ ପାଣି ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ରାଜ୍ୟ ଉପସଭାପତି ଖଗେଶ୍ୱର ନାୟକ, ପୂର୍ବତନ ଜିଲ୍ଲା ସଭାପତି ରାମଚନ୍ଦ୍ର ପୋଥାଳ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ପୋଥାଳ, ପ୍ରମୋଦ କୁମାର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ, ଜିଲ୍ଲା କୋଷାଧ୍ୟକ୍ଷ ଭାଗବତ ନାୟକ, ଭୁବନ ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସତ୍ୟାନନ୍ଦ ପୃଷ୍ଟି, ସମ୍ପାଦକ ବିଦ୍ୟାଧର ବିହାରୀ, ଥାନପତି ହଟକିଶୋର ଗୁରୁ, ବାବନ ବେହେରା, ମନମୋହନ ବେହେରା, ଧନେଶ୍ୱର ପୃଷ୍ଟି, ଶଶିକାନ୍ତ ପୋଥାଳ, ଖଗେଶ୍ୱର ବେହେରା, ଧନେଶ୍ୱର ପୃଷ୍ଟି, ଭୀମସେନ ନାୟକ, ସୁରେନ୍ଦ୍ର ନାୟକ, ଷଡଙ୍ଗୀ ସଭାପତି ଆକୁଳ ଚନ୍ଦ୍ର ପୋଥାଳ, ରାସୋଳ ସମ୍ପାଦକ ଅକ୍ଷୟ କୁମାର ସାହୁ, ବିନୟ କୁମାର ସାହୁ, ବାଲିକିଆରି ସଭାପତି ରମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସୁରେନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।







ଉତ୍ତର ଓଡ଼ିଶାରେ ବର୍ଷା ବିପ୍ଳାତ: କୂଳ ଲଙ୍ଘିଲା ସୁବର୍ଣ୍ଣରେଖା-ବୁଢ଼ାବଳଙ୍ଗ-ବୈତରଣୀ

# ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟା

## ଉତ୍ତର ବାଲେଶ୍ୱରର ୮୦ ଗାଁରେ ପଶିଲା ପାଣି

ବାଲେଶ୍ୱର, ୨୪।୮ (ସମିସ): ଚଳିତବର୍ଷ ସୁବର୍ଣ୍ଣରେଖାରେ ଷଷ୍ଠଥର ବନ୍ୟା ଆସିଛି। ଆଜି ସଂଧ୍ୟା ସୁଦ୍ଧା ଜଳେଶ୍ୱର, ବାଲିଆପାଳ ଓ ଭୋଗରାଇ ବ୍ଲକର ପ୍ରାୟ ୮୦ରୁ ଅଧିକ ଗାଁରେ ବନ୍ୟା ପାଣି ପ୍ରବେଶ କରି ସାରିଥିବା ବେଳେ ଧୀରେଧୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଏହି ବନ୍ୟା ଯୋଗୁଁ ହେକ୍ଟର ହେକ୍ଟର୍ ଜମିରେ ହୋଇଥିବା ଧାନ ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଉପରମୁଣ୍ଡରେ ଲଗାଣ ବର୍ଷା ସାଙ୍ଗକୁ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳଭଣ୍ଡାର ଗତକାଲିଠାରୁ ୧୩ଟି ଗେଟ୍ ଖୋଲା ରଖିଛି। ଏଥିଯୋଗୁଁ ଘଣ୍ଟାକୁ ୫୧୬୯.୦୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବାରୁ ସୁବର୍ଣ୍ଣରେଖା କୂଳ ଲଙ୍ଘିବାରେ ଲାଗିଛି। ରାଜଘାଟଠାରେ ଆଜି ଏହା ବିପଦ ସଂକେତ (୧୦.୩୬ ମିଟର) ଉପରେ ପ୍ରବାହିତ ହେଉଛି। ମିଳିଥିବା ସୂଚନାନୁଯାୟୀ, ସଂଧ୍ୟା ପ୍ରାୟ ୭ଟା ସୁଦ୍ଧା ଜଳସ୍ତର ୧୧.୨୦ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତରବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବ୍ଲକର ୮୦ରୁ ଅଧିକ ଗ୍ରାମ ସହ ବସ୍ତା ବ୍ଲକର କେତେକ ଗ୍ରାମରେ ବନ୍ୟା ପାଣି ପ୍ରବେଶ କରିଛି। ଏହାକୁ ମିଶାଇ ଗତ ଜୁଲାଇରୁ ଏଯାବତ୍ ୬ଥର ବନ୍ୟା ଆସିବା ଫଳରେ ଏହି ସବୁ ଅଞ୍ଚଳର ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ବଢ଼ିଯାଇଛି। ପୂର୍ବ ବନ୍ୟାରେ ଜମିରେ ଧାନ ତଳି ପଚି ନଷ୍ଟ ହୋଇଥିବା ବେଳେ ଚାଷୀମାନେ ଅନ୍ୟ ସ୍ଥାନରୁ ବଳକା ଧାନ ତଳି କିଣି ଆଣି ନିଜ ଜମିରେ ଧାନ ରୋଇଥିବା ବେଳେ ପୁଣି ଏହି ବନ୍ୟା ଚାଷୀକୁଳଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।

ସୁବର୍ଣ୍ଣରେଖାର ଉଭୟ ପାର୍ଶ୍ୱରେ ଥିବା ଦୁର୍ବଳ ନଦୀବନ୍ଧରେ ବାଲିବସ୍ତା ପକାଇ ଜଗିବାକୁ ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମଥ କୁମାର ଦେ, ଡାକ୍ତରସିଂ, କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଆଳ ସହ ସେଚ କର୍ମଚାରୀ ନଦୀ ବନ୍ଧରେ ୨୪ଘଣ୍ଟିଆ ପହରା ଦେଉଥିବାର ସୂଚନା ମିଳିଛି। ଜିଲ୍ଲା ପ୍ରଶାସନ ବନ୍ୟା ମୁକାବିଲା ପାଇଁ ଦେଶୀ ଡଙ୍ଗା, ଏନଡିଆରଏଫ ଓ ଅଗ୍ନିଶମ ବିଭାଗକୁ ନିୟୋଜିତ କରିଛି।

## ଫୁଲୁଛି ବୁଢ଼ାବଳଙ୍ଗ

ବାଲେଶ୍ୱର, ୨୪।୮ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ପ୍ରବାହିତ ଅନ୍ୟତମ ନଦୀ ବୁଢ଼ାବଳଙ୍ଗର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଛି। ଉପରମୁଣ୍ଡରୁ ଆଜି ରାତି ସୁଦ୍ଧା ପାଣି ବଢ଼ିଲେ ନଦୀରେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତି ହେଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ରହିଛି। ଗତ ଶନିବାର ଜିଲ୍ଲାରେ ୨୮.୫୮ ପ୍ରତିଶତ ହାରରେ ମୋଟ ୩୩୯ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ରବିବାର ୧୪.୧୭ ପ୍ରତିଶତ ହାରରେ ମୋଟ ୧୭୦ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଉଥିବା ବେଳେ ରାତିରେ ବର୍ଷା ହେଲେ ଅଧିକ ଜଳସ୍ତର ବୃଦ୍ଧି ହେବାର ସମ୍ଭାବନା ରହିଛି। ସଦର ବିଡିଓ ଉତ୍ତମ ଜେନା କହିଛନ୍ତି ଯେ ବୁଢ଼ାବଳଙ୍ଗର ଜଳସ୍ତର ବୃଦ୍ଧି ପାଉଥିଲେ ହେଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା କମ୍ ରହିଛି। ବନ୍ୟା ହେଲେ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି। ଆବଶ୍ୟକସ୍ଥଳେ ଲୋକମାନଙ୍କୁ ସ୍ଥାନାନ୍ତର ମଧ୍ୟ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଶୁଖିଲା ଖାଦ୍ୟ ସାଙ୍ଗକୁ ବାତ୍ୟା ଆଶ୍ରୟସ୍ଥଳ ସହ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ବୋଟ୍‌ଠାରୁ ଆରମ୍ଭ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

# ବୈତରଣୀରେ ଆସିପାରେ ବଡ଼ ବନ୍ୟା

ଆନନ୍ଦପୁର, ୨୪।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇ ଚଳିତ ବର୍ଷ ତୃତୀୟଥର ପାଇଁ ବନ୍ୟା ସୃଷ୍ଟି କରିଛି। ରବିବାର ରାତି ୮ଟା ସୁଦ୍ଧା ବିପଦସଂକେତ ଅତିକ୍ରମ କରି ୩୮.୭୬୦ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇପଡ଼ିଛି। ବ୍ୟରେଜର ୮ଟି ଗେଟ୍ ଖୋଲାଯିବା ପରେ ବୈତରଣୀ ନଦୀରେ ଜଳପତ୍ତନ ବୃଦ୍ଧି ପାଇଛି। ୪ ଦିନ ମଧ୍ୟରେ ଆନନ୍ଦପୁର ଚମ୍ପୁଆ ସ୍ୱାମପାଟଣା ରେମାଳ ଠାକୁରମୁଣ୍ଡାରେ ଲଗାଣ ବର୍ଷା ହୋଇଥିବା ରେକର୍ଡ ହୋଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀର ବିପଦସଂକେତ ୩୭.୩୬୦ ମିଲିମିଟର ଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲେକଙ୍କୁ ସତର୍କ କରାଯାଇଥିବା ପ୍ରଶାସନ ତରଫରୁ ସୂଚନା ମିଳିଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।



# କାଞ୍ଜିପାଣି ଘାଟିରେ ଭୂ-ସ୍ଖଳନ



- ୪୯ ନଂ ଜାତୀୟ ରାଜପଥ ବିଚ୍ଛିନ୍ନ
- ୨୪ ଘଣ୍ଟା ଯାତାୟାତ ବନ୍ଦ

ତେଲକୋଇ, ୨୪।୮ (ସମିସ): ଲଗାଣ ବର୍ଷା ଫଳରେ କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିରେ ଭୂସ୍ଖଳନ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଅତଡ଼ା ଖସିବା ସହ ଗଛ ପଡ଼ି ରାସ୍ତା ଅବରୋଧ ହୋଇଯାଇଛି। ଶହଶହ ଗାଡ଼ି ମୋଟର ଅଟକି ରହିଛି। ୨୪ ଘଣ୍ଟା ମଧ୍ୟରେ ଏହି ରାସ୍ତାରେ ଯୋଗାଯୋଗ ସ୍ୱାଭାବିକ ହୋଇପାରିନାହିଁ। ରାସ୍ତାର ଗୋଟିଏ ପାର୍ଶ୍ୱ ଅତି ସଂକୀର୍ଣ୍ଣ ଥିବା ବେଳେ ବିପଦପୂର୍ଣ୍ଣ ଭାବେ ମାଲ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ଶନିବାର ରାତି ପ୍ରାୟ ୧ଟାରେ କାଞ୍ଜିପାଣି ଥାନାରୁ ୩-୪ କିମି ଦୂର କାଞ୍ଜିପାଣି ଘାଟିରେ ପାହାଡ଼ ଉପରୁ ମାଟି ଅତଡ଼ା ଖସିଥିଲା। ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ ପାହାଡ଼ ଉପରୁ ମାଟି, ପଥର ସାଙ୍ଗକୁ ବଡ଼ ବଡ଼ ଗଛକୁ ଉପାଡ଼ି ଆଣି ଜାତୀୟ ରାଜପଥ ଉପରେ ପକାଇଥିଲା। ଏହାଦ୍ୱାରା ଜାତୀୟ ରାଜପଥ ଉଭୟ ପଟୁ ବିଚ୍ଛିନ୍ନ ହୋଇପଡ଼ିଥିଲା। ମୁମ୍ବାଇ-କୋଲକାତା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହୋଇଥିବାରୁ ରାସ୍ତାର ଉଭୟ ଦିଗରେ ଶହଶହ ଗାଡ଼ି ଅଟକି ରହିଥିଲା। ଯାତ୍ରୀବାହୀ ବସ ସବୁ ତେଲକୋଇ ଦେଇ ଯାତାୟାତ କରୁଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ସଂଧ୍ୟା ହୋଇଯିବାରୁ ଅବରୋଧ ହଟିପାରିନାହିଁ। ସୋମବାର ସକାଳୁ ପୁଣି ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ଏବଂ ରାସ୍ତା ଅବରୋଧ ହଟିବ ବୋଲି କାଞ୍ଜିପାଣି ଥାନା ପକ୍ଷରୁ ସୂଚନା ମିଳିଛି।

# ଅବିଶ୍ରାନ୍ତ ବର୍ଷା; ମାଟିରେ ମିଶିଲା ୧୬ ଘର

ତୁରୁମୁଙ୍ଗା, ୨୪।୮ (ସମିସ): ଲଗାଣ ବର୍ଷା ଯୋଗୁଁ କେନ୍ଦୁଝରରେ ସ୍ଥିତି ବେହାଲ ହୋଇପଡ଼ିଛି। ଶନିବାର ରାତିସାରା ବର୍ଷା ଯୋଗୁଁ ପାଟଣା ବ୍ଲକ ଅଞ୍ଚଳର ଦେଇ ବୋହି ଯାଇଥିବା ନଦୀନାଳର ଜଳସ୍ରୋତ ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳୁ ଚିନାମାଳିପଶି ପଞ୍ଚାୟତ ନୂଆପଡ଼ା ସୀତାନାଳର ରାସ୍ତା ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ଯୋଗୁଁ ଉକ୍ତ ରାସ୍ତାରେ ଗାଡି ମୋଟର ଚଳାଚଳରେ ବ୍ୟାହତ ସୃଷ୍ଟି ହେବା ସହ ଢେଙ୍କିକୋଟରୁ ଭୀମକୁଣ୍ଡ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ସାହାରପଡା ବ୍ଲକ କୁମୁଳାବାହାଳିର ତେଲ ନଦୀ ପୋଲ ଉପରେ ୪ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଅଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଇଛି।

ଅନ୍ୟପଟେ, ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ ୧୬ଟି ଘର ଭାଙ୍ଗିଥିବା ଜଣାପଡ଼ିଛି। ସେହିପରି ସାହାରପଡା ବ୍ଲକ ତେଣ୍ଡରା ଆରଆଇ ସର୍କଲରେ ୫ଟି ଘର ଭାଙ୍ଗିଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ପୁଲିସର ନିଷ୍କ୍ରିୟତା

# ସାମାଜିକ ଗଣମାଧ୍ୟମରେ ହେଉଛି ଚରିତ୍ର ସଂହାର

ଭୁବନେଶ୍ୱର, ୨୪।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ଗତ ୨୦ ତାରିଖରେ ବିଜେଡି ଆଇଟି ସେଲ ପକ୍ଷରୁ 'ଓଡ଼ିଆ ଛାଟ' ନାମକ ଫେସବୁକ ପେଜ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଥିଲା। ବିଜେଡି ଆଇଟି ସେଲର ରାଜ୍ୟ ସଂଯୋଜକ ଡ. ଅମର ପଟ୍ଟନାୟକ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଥିଲେ। ମାତ୍ର ପୁଲିସ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। କାର୍ଯ୍ୟାନୁଷ୍ଠାନ ଦୂରର କଥା ଏଯାବତ୍ ଏହି ଘଟଣାରେ ପୁଲିସ ମାମଲା ରୁଜୁ କରିନାହିଁ। ପୁଲିସର ଏହି ସ୍ଥାଣୁତାର ସୁଯୋଗ ନେଇ ଆଉ ଏକ ଫେସବୁକ ପେଜ ବଣ ବିଛୁଆତି ସମାନ ଧରଣର ଭିଡିଓ ପ୍ରସ୍ତୁତ କରି ପ୍ରସାରଣ କରିଛି। ଏହି ଭିଡିଓରେ କାର୍ତ୍ତିକ ପାଣ୍ଡିଆନ୍ ଓ ଡ. ଅମର ପଟ୍ଟନାୟକଙ୍କ ନାମରେ ମିଥ୍ୟା ଅପ୍ରଚାର କରାଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପୁଣିଥରେ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛି ବିଜେଡି ଆଇଟି ସେଲ।

**ପୁଣି ଥାନାର ଦ୍ୱାରସ୍ଥ ହେଲା ବିଜେଡି ଆଇଟି ସେଲ୍**

ଗତ ୨୦ ତାରିଖରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏନେଇ ଡ. ଅମର ପଟ୍ଟନାୟକ୍ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆ ଛାଟ ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓଦ୍ୱୟ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଡ. ପଟ୍ଟନାୟକ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ମାତ୍ର କ୍ୟାପିଟାଲ ଥାନା ପୁଲିସ, କିମ୍ବା ସାଇବର ସେଲ ଏନେଇ କୌଣସି ପଦକ୍ଷେପ ନେଇନଥିବା ବେଳେ ଏହାର ଫାଇଦା ଉଠାଇଛନ୍ତି ବଣ ବିଛୁଆତି ପେଜ୍‌ର ପରିଚାଳକମାନେ। ଏହା ବିଜେପି ଆଇଟି ସେଲ ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ବିଜେଡି ଆଇଟି ସେଲ୍ ସଦସ୍ୟ ରକି ଦାସ ପୁଣି ଥରେ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଦୋଷୀଙ୍କୁ ଚିହ୍ନଟ ନକଲେ, ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆଇଟି ସେଲ୍ ପକ୍ଷରୁ କୁହାଯାଇଛି।

# ଜୀବନ ହାରିଲେ ବିଫଳ ପ୍ରେମିକ

ରାଜନଗର, ୨୪।୮ (ସମିସ): ପ୍ରେମରେ ବିଫଳ ହେବାରୁ ଜୀବନ ହାରିଲେ ଯୁବକ। ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଗତରାତିରେ ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ରଗଡ଼ାପାଟିଆ ଗ୍ରାମର ବିନୟ ବେହେରାଙ୍କ ପୁତ୍ର ରାଜକିଶୋର (୨୨)। ଘର ଭିତରେ ଏକ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ଆଜି ସକାଳୁ ପରିବାରଲୋକେ ତାଙ୍କ ଝୁଲନ୍ତା ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ରାଜକିଶୋର +୩ ବାଣିଜ୍ୟରେ ପାଠପଢ଼ା ଶେଷ କରିବା ପରେ ଭୁବନେଶ୍ୱରରେ ବ୍ୟାଙ୍କିଙ୍ଗ କୋଚିଂ ନେଉଥିଲେ। ସେ ବୁଧବାର ଦିନ ଘରକୁ ଆସିଥିଲେ। ଗତରାତିରେ ପ୍ରେମିକାଙ୍କ ସହ କଥା ହେବା ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ଓୟୁଏଟିର ୭୪ ତମ ପ୍ରତିଷ୍ଠା ଦିବସ

# ବାରିପଦା, ବଲାଙ୍ଗିରରେ କୃଷି ମହାବିଦ୍ୟାଳୟ




ଭୁବନେଶ୍ୱର, ୨୪।୮ (ସମିସ): ଚିପିଲିମାରେ ହେବ ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ। ସେହିପରି ବାରିପଦା ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ସ୍ଥାପନ ହେବ ମତ୍ସ୍ୟ ମହାବିଦ୍ୟାଳୟ। ସରକାର ଏଥିପାଇଁ ଯୋଜନା କରିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ପଶ୍ଚିମ ଓଡ଼ିଶାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଦୀର୍ଘଦିନ ହେଲା ଦାବି ଚାଲିଥିବାବେଳେ ଓୟୁଏଟିର ପ୍ରତିଷ୍ଠା ଦିବସ ଉତ୍ସବରେ ଯୋଗ ଦେଇ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ଘୋଷଣା କରିଛନ୍ତି।

ଓୟୁଏଟିର ୭୪ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି ଯେ, କୃଷି ଆମ ଦୈନନ୍ଦିନ ଜୀବନର ଏକ ଅଂଶ। ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକା ନିର୍ବାହରେ ସହାୟକ ହେଉଛି। ଏହା ଗ୍ରାମୀଣ ଭାରତର ମେରୁଦଣ୍ଡ ମଧ୍ୟ। ଏଣୁ ଉତ୍ତମ ବୈଷୟିକ ଜ୍ଞାନ ସହିତ କୁଶଳୀ ମାନବ ସମ୍ବଳ ସୃଷ୍ଟି କରିବା, ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରିବା ଏବଂ ଖାଦ୍ୟ ଉତ୍ପାଦନରେ ଭାରତକୁ ଆତ୍ମନିର୍ଭର କରିବା ଭଳି ବହୁମୁଖୀ ଦାୟିତ୍ୱ କୃଷି ବିଶ୍ୱବିଦ୍ୟାଳୟର ରହିଛି। ଏହାସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଚିପିଲିମାରେ ହେବ ଓୟୁଏଟି ଦ୍ୱିତୀୟ କ୍ୟାମ୍ପସ

## ସୋନପୁରରେ ହେବ ମତ୍ସ୍ୟ ମହାବିଦ୍ୟାଳୟ

ଏହି ଅବସରରେ ଅତିଥିରୂପେ ଯୋଗ ଦେଇ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ମାଣ୍ଡିଆ ଓ ଆମ୍ବ ରପ୍ତାନି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ଏବଂ ଏହି ଧାରାକୁ ଆଗେଇ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

କୃଷି ବିଶ୍ୱବିଦ୍ୟାଳୟ, କୃଷି ମହାବିଦ୍ୟାଳୟ ଓ ମତ୍ସ୍ୟ ମହାବିଦ୍ୟାଳୟ ସ୍ଥାପନ ରାଜ୍ୟର ବିକାଶ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ବିଧାୟକ ବାବୁ ସିଂ ପ୍ରମୁଖ ରାଜ୍ୟର କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଓୟୁଏଟି ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶାବ୍ୟକ୍ତ କରିଛନ୍ତି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବାର୍ଷିକ ବିବରଣୀ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଓୟୁଏଟିର ୧୧ଜଣ ଶିକ୍ଷକ, ବୈଜ୍ଞାନିକ, ଛାତ୍ରଛାତ୍ରୀ, କର୍ମଚାରୀ ଓ ୩୩ ଜଣ ଅଗ୍ରଣୀ କୃଷକଙ୍କୁ ପୁରସ୍କୃତ କରାଯାଇଛି। ଓୟୁଏଟି କାମ୍ପସରେ ୱାଇଫାଇ ସେବା ଆରମ୍ଭ କରିବା ସହ ୭ଟି ପୁସ୍ତକ ଉନ୍ମୋଚିତ ହୋଇଛି। ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରତିଭା ଦୋରା ଧନ୍ୟବାଦ ଦେଇଛନ୍ତି।

# ମାଓ ଡମ୍ପ୍ ଠାବ, ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨୪।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମାରେ ତଲାସୀ ଅଭିଯାନ ବେଳେ ବିପୁଳ ମାଓ ସାମଗ୍ରୀ ଜବତ କରିଛନ୍ତି ଯବାନ। ସୂଚନାନୁଯାୟୀ, ସୁକୁମା ଜିଲ୍ଲାର କୋଇମେଟା ଜଙ୍ଗଲରେ ମାଓ ଦମନ ନିମନ୍ତେ ତଲାସି ଅଭିଯାନ ବେଳେ ଏକ ମାଓଡମ୍ପ ଠାବ ହୋଇଥିଲା। ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀକୁ ମାଓବାଦୀମାନେ ଗଚ୍ଛିତ ରଖିଥିଲେ।

ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନଙ୍କ ମିଳିତ ଅପରେସନ୍ ବେଳେ ଏହି ସଫଳତା ମିଳିଥିଲା। ଏହି ହତିଆର ଓ ବିସ୍ଫୋରକଗୁଡ଼ିକ ଆଗାମୀ ଦିନରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରିବା ପାଇଁ ଗଚ୍ଛିତ କରି ରଖାଯାଇଥିବା ଅନୁମାନ କରାଯାଉଛି। ଏହି ସାମଗ୍ରୀ ଜବତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋରଦାର କରାଯାଇଛି।



# ମାଓବାଦୀ ଗିରଫ; ବନ୍ଧୁକ, ବିସ୍ଫୋରକ ଜବତ

ମାଲକାନଗିରି, ୨୪।୮ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ମାରକାବେଡ଼ା ଜଙ୍ଗଲରେ ଆଇଟିବିପି ଓ ଡିଆରଜି ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲା। ଯବାନ ଜଙ୍ଗଲକୁ ଘେରି ସେହି ବ୍ୟକ୍ତିକୁ କାବୁ କରି ପଚରାଉଚରା କରିଥିଲେ। ଗିରଫ ବ୍ୟକ୍ତି ହେଲେ, ମଙ୍ଗା କୁହାମ। ସେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରିବା ପାଇଁ ଜଙ୍ଗଲରେ ଲ୍ୟାଣ୍ଡମାଇନ ଖଞ୍ଜିବାକୁ ଆସିଥିବା ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଯବାନମାନେ ତାକୁ ଗିରଫ କରିଥିବା ବେଳେ ତା' ନିକଟରୁ ବନ୍ଧୁକ ଓ ବିସ୍ଫୋଟକ ଜବତ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୭- ପ୍ରସିଦ୍ଧ ଭୌତିକ ବିଜ୍ଞାନୀ ମାଇକେଲ୍ ଫାରାଡେଙ୍କ ଦେହାନ୍ତ।
- ୧୯୫୭- ଭାରତୀୟ ପୋଲୋ ଟିମ୍ ବିଶ୍ୱକପ୍ ଜିତିଲା।
- ୧୯୮୦- ଜିମ୍ବାୱେ ଜାତିସଂଘରେ ସାମିଲ ହେଲା।
- ୨୦୦୩- ମୁମ୍ବାଇରେ ହୋଇଥିବା ଏକ କାର୍ ବିସ୍ଫୋରଣରେ ୫୨ ଜଣ ମୃତ ଓ ୩୦୦ ଆହତ।


## ଆଜି ଆସିଥିଲେ

# ଛନ୍ଦକବି ରାଧାମୋହନ ଗଡ଼ନାୟକ



ରାଧାମୋହନ ଗଡ଼ନାୟକ ଜଣେ ସଫଳ ଓ ପ୍ରତିଭାଶାଳୀ ଓଡ଼ିଆ କବି ଥିଲେ। ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଏହି କବିଙ୍କ କବିତାରେ ଥିଲା ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି। ଛନ୍ଦର ଲାଳିତ୍ୟ, କବିତାର ଗାମ୍ଭୀର୍ଯ୍ୟ, ଭାଷା ଚାତୁରୀ, ବିଷୟ ଚୟନରେ ସେ ଥିଲେ ଅନନ୍ୟ। ରାଧାମୋହନ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ନୂତନତା ଆଣିଥିଲେ। ପୁରାଣ ପୃଷ୍ଠାରୁ, ଇତିହାସ ପୃଷ୍ଠାରୁ, କାହାଣୀରୁ, କିମ୍ବଦନ୍ତୀରୁ ବିଭିନ୍ନ ଚରିତ୍ରଙ୍କୁ ନେଇ ସେ କବିତା ରଚନା କରିଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପରେ ଓଡ଼ିଆ ସାହିତ୍ୟରେ ସେ ହେଉଛନ୍ତି ଅନ୍ୟତମ ସଫଳ ଗାଥା କବି। ୧୯୧୧ ମସିହା ଆଜିର ଦିନରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର କଲଣ୍ଡାପାଳ ଗାଁରେ ରାଧାମୋହନ ଜନ୍ମ ହୋଇଥିଲେ। ଗଡ଼ସନ୍ତରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ମାତ୍ର ଆଠବର୍ଷ ବୟସରେ ସେ ପ୍ରଥମ କବିତା 'ତାରା' ରଚନା କରିଥିଲେ। ଏହାପରେ ସେ କଟକସ୍ଥିତ ଖ୍ରୀଷ୍ଟ କଲେଜରେ ପାଠ ପଢ଼ିଲେ। ସେଠାରେ ସେ 'କାବ୍ୟନାୟିକା' ରଚନା କରି ଖୁବ୍ ପ୍ରଶଂସିତ ହୋଇଥିଲେ। ୧୯୨୭-୧୯୨୮ ମସିହାରେ ଦେଶସେବକ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ମିଶ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଜାତି ଓ ଦେଶପ୍ରେମମୂଳକ କବିତାବଳୀ ରଚନା କରିଥିଲେ। ଉତ୍କଳ ସାହିତ୍ୟ ସମ୍ମିଳନୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନର ସେ ସଭାପତି ଓ ଉପସଭାପତି ଭାବରେ ଦାୟିତ୍ୱ ତୁଲାଇଲେ। । 'କାବ୍ୟ ନାୟିକା', 'ଉତ୍କଳିକା', 'କୈଶୋରିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ', 'ସୂର୍ଯ୍ୟ ଓ ଅନ୍ଧକାର' ଓ 'ଦୀପଶିଖା' ଆଦି ତାଙ୍କର ଅନବଦ୍ୟ କୃତି। 'ସୂର୍ଯ୍ୟ ଓ ଅନ୍ଧକାର' ପୁସ୍ତକ ପାଇଁ ୧୯୭୫ରେ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଙ୍କୁ 'ପଦ୍ମଶ୍ରୀ' ପ୍ରଦାନ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପାଇବାରେ ସେ ପ୍ରଥମ ସାହିତ୍ୟିକ। ୨୦୦୦ ମସିହା ଫେବ୍ରୁଆରୀ ୨୧ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

# ସାରସ୍ୱତ ସାଧକ ରତ୍ନାକର ଚଇନି



ଓଡ଼ିଆ ସାହିତ୍ୟ ଜଗତରେ ଏକ ପରିଚିତ ନାଁ ଡ.ରତ୍ନାକର ଚଇନି। ଜଣେ ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ ଓ ସମାଲୋଚକ ଭାବେ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଜୀବନକାଳରେ ସେ ଶତାଧିକ ପୁସ୍ତକ ଲେଖିଥିଲେ। ୧୯୪୫ ମସିହା ଆଜିର ଦିନରେ କଟକ ଜିଲ୍ଲା ସାଲେପୁର ନିକଟ ଅରେଇ ଗ୍ରାମରେ ରତ୍ନାକର ଜନ୍ମଗ୍ରହଣ କରିଥିଲେ। ନେମାଳ ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିବା ପରେ ସେ ଖ୍ରୀଷ୍ଟ କଲେଜରୁ ସ୍ନାତକ କରିଥିଲେ। ପରେ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍ଏ ପାସ୍ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଲାଭ କରିଥିଲେ। ୧୯୭୯ ମସିହାରେ ଅଧ୍ୟାପନା ଜୀବନ ଆରମ୍ଭ କରି ସେ ରାଜେନ୍ଦ୍ର କଲେଜ, ଢେଙ୍କାନାଳ କଲେଜ, ଖଲ୍ଲିକୋଟ କଲେଜ, ରେଭେନ୍ସା କଲେଜ, ବିଜେବି କଲେଜରେ କାର୍ଯ୍ୟ କରିବା ପରେ ଶୈଳବାଳା ମହାବିଦ୍ୟାଳୟରୁ ଓଡ଼ିଆ ବିଭାଗର ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସେ ସମ୍ପାଦକ ଓ ସଭାପତି ଥିଲେ। ଜାତୀୟସ୍ତରରେ ପ୍ରତିଷ୍ଠିତ 'ସଂସ୍କାର ଭାରତୀ' ସଂଗଠନର ସେ ରାଜ୍ୟ ସଭାପତି ରହି ଓଡ଼ିଶାର କଳା ସଂସ୍କୃତି ବିକାଶ ଦିଗରେ ଅନେକ କାର୍ଯ୍ୟ କରିଥିଲେ। ଜଣେ ସଫଳ ନାଟ୍ୟକାର ଭାବେ ସେ ଓଡ଼ିଶାର ନାଟ୍ୟପ୍ରେମୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ରଚିତ ନାଟକ ଓ ଉପନ୍ୟାସ ମଧ୍ୟରେ 'ଅଥଚ ଚାଣକ୍ୟ', 'ଅସ୍ତରାଗର ଚନ୍ଦ୍ର', 'ରାଜହଂସ', 'ମଞ୍ଚ ନାୟିକା', 'ଅପେଦବତା', 'ପୁନଶ୍ଚ ପୃଥିବୀ', 'କଳଙ୍କିତ ସୂର୍ଯ୍ୟ', 'ମୁଖା', 'ସୁନା କଳସ', 'ଶେଷ ଅଶ୍ରୁ', ' 'ଅବ୍ୟକ୍ତ ଗୋଧୁଳି', 'ଲୁହ ଲହରୀ, ଏବଂ 'ଫୁଲ ଫଗୁଣ' ଇତ୍ୟାଦି ପାଠକ ମହଲରେ ଆଦୃତି ପାଇଥିଲା। 'ଅଥଚ ଚାଣକ୍ୟ' ନାଟକରେ ସେ ଓଡ଼ିଆ ଆଧୁନିକ ନାଟ୍ୟ ଜଗତରେ ଏକ ନୂତନ ଧାରା ପ୍ରଚଳନ କରିଥିଲେ ବୋଲି କୁହାଯାଏ। ଏହି ନାଟକ ବହୁଜାଗାରେ ମଞ୍ଚସ୍ଥ ହୋଇଛି। ୧୯୭୭ ମସିହାରେ 'କଳଙ୍କିତ ସୂର୍ଯ୍ୟ' ନାଟକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଂକଳନ 'ମୁଠାଏ ଶୂନ୍ୟତା', 'କହ ଲଳିତା', 'ନିଷିଦ୍ଧ ଶୃଙ୍ଗାର' ଆଦି ବେଶ୍ ଜନାଦୃତ ହୋଇଥିଲା। ତାଙ୍କ ଦ୍ୱାରା ରଚିତ କାହାଣୀ 'ଶୂନ୍ୟସ୍ୱରୂପ' ଚଳଚ୍ଚିତ୍ର ଭାବେ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶନାରେ ୧୯୯୭ରେ ମୁକ୍ତିଲାଭ କରିଥିଲା। ଏହା ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ରୂପେ ଜାତୀୟସ୍ତରରେ ପୁରସ୍କୃତ ହେବା ସହ ରତ୍ନାକର ଶ୍ରେଷ୍ଠ ସଂଳାପ ଲେଖକ ରୂପେ ପୁରସ୍କୃତ ହୋଇଥିଲେ। ସାହିତ୍ୟ ସର୍ଜନା ପାଇଁ ରାଜ୍ୟ ତଥା ଜାତୀୟ ସ୍ତରରେ ରତ୍ନାକର ବହୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଏହି ମହାନ୍ ସାରସ୍ୱତ ସାଧକଙ୍କର ୨୦୨୦ ମସିହା ଅପ୍ରେଲ ୧୮ ତାରିଖରେ ପରଲୋକ ଘଟିଥିଲା।

# ନଭେମ୍ବରରୁ ସୁଟିଂ ଆରମ୍ଭ କରିବେ ଦୀପିକା



ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଦୀପିକା ପାଦୁ୍ୟକୋନ୍ ଜଣାଯାନ୍ତି। ଦୀପିକା ତାଙ୍କର ଷ୍ଟାଇଲିସ୍ ଲୁକ୍ ଓ ଦମ୍‌ଦାର ଅଭିନୟ ପାଇଁ ବେଶ୍ ପରିଚିତ। ଇତିମଧ୍ୟରେ ଦୀପିକା ତାଙ୍କର ଆଗାମୀ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି ' AA22xA6 '। ଏଥିରେ ସେ ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ବିପକ୍ଷରେ ନଜର ଆସିବେ। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଫିଲ୍ମର ଆକ୍ସନ୍ ସିନ୍‌ଗୁଡ଼ିକ ଉନ୍ନତମାନରେ ଡିଜାଇନ୍ କରିବା ପାଇଁ ପ୍ରଯୋଜକ ଅନ୍ତରାଷ୍ଟ୍ରୀୟ କ୍ରୁକୁ ସାମିଲ କରିଛନ୍ତି। କେବଳ ଆକ୍ସନ୍ ସିନ୍ ପାଇଁ ନୁହେଁ ଏଥିରେ ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଫିଲ୍ମର ବଜେଟ୍ ବଢ଼ି ଯାଇଥିବା କୁହାଯାଉଛି। ଏଥିରେ ଅଲ୍ଲୁ ଓ ଦୀପିକାଙ୍କ ସହ ମୃଣାଳ ଠାକୁର, ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା ପ୍ରମୁଖ ନଜର ଆସିବେ। ଇତିମଧ୍ୟରେ ଅଲ୍ଲୁ ସୁଟିଂ ଆରମ୍ଭ କରି ଦେଇଛନ୍ତି। ନଭେମ୍ବରରୁ ଦୀପିକା ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ସେ ପାଖାପାଖି ୧୦୦ ଦିନ ଧରି ଏହାର ସୁଟିଂ କରିବେ। ଦୀପିକାଙ୍କ ପାଇଁ ଯୋଦ୍ଧାର ଏକ ଖାସ୍ ଲୁକ୍ ଓ ହତିଆର ପ୍ରସ୍ତୁତ କରାଯାଇଛି। ଅଲ୍ଲୁ ଏଥିରେ ଏକାଧିକ ଭୂମିକାରେ ନଜର ଆସିବେ। ' AA22xA6 'ର ସୁଟିଂ ୨୦୨୬ ସେପ୍ଟେମ୍ବର ଯାଏଁ ଚାଲିବ। ୨୦୨୭ ଆରମ୍ଭରେ ଏହା ରିଲିଜ୍ ହୋଇପାରେ।

# ଅଗ୍ରପୂଜ୍ୟ ଶ୍ରୀଗଣେଶ



**ଗୋଟିଏ ଦିନ ଛାଡ଼ି ମହା ଆଡମ୍ବରରେ ଚାରିଆଡ଼େ ପାଳନ ହେବ ଗଣେଶ ଚତୁର୍ଥୀ। ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଣେଶଙ୍କ ପୂଜା ପ୍ରଥମେ କରାଯାଏ। ତେଣୁ ତାଙ୍କୁ ଅଗ୍ରପୂଜ୍ୟ ବୋଲି କୁହାଯାଏ। ତେବେ ତାଙ୍କର ଏହି ପ୍ରଥମ ପୂଜା ପାଇବାକୁ ନେଇ ଏକ ସୁନ୍ଦର କାହାଣୀ ଅଛି।**

ବାଲ୍ୟକାଳରେ ଥରେ ଶ୍ରୀଗଣେଶ ଓ ଶ୍ରୀକାର୍ତ୍ତିକଙ୍କ ମଧ୍ୟରେ ବୁଦ୍ଧିମାନ କିଏ, ତାହାକୁ ନେଇ ଝଗଡ଼ା ଲାଗିଲା। ସେଇଠୁ ଏହି ପ୍ରଶ୍ନକୁ ନେଇ ଦୁହେଁ ମହାଦେବଙ୍କ ପାଖରେ ପହଞ୍ଚିଲେ। ଶିବ ଦୁହିଁଙ୍କୁ କହିଲେ, 'ଯିଏ ସର୍ବପ୍ରଥମେ ବ୍ରହ୍ମାଣ୍ଡକୁ ପରିକ୍ରମା କରି ତାଙ୍କ ପାଖରେ ଆସି ପହଞ୍ଚିବ, ସିଏ ଜିତିବ।' ଏହାପରେ କାର୍ତ୍ତିକ ନିଜ ବାହନ ମୟୂର ଉପରେ ବିରାଜମାନ କରି ବିଶ୍ୱ ଭ୍ରମଣ କରିବାକୁ ବାହାରିଲେ। ମାତ୍ର ଗଣେଶ ନିଜ ପିତା ଓ ମାତାଙ୍କ ଚାରିପାର୍ଶ୍ୱକୁ ପରିକ୍ରମା କରି ତାଙ୍କ ସାମ୍ନାରେ ଛିଡ଼ା ହେଲେ। ଏହାସହ ସେ କହିଲେ, ତାଙ୍କ ପାଇଁ ତାଙ୍କ ପିତା ଓ ମାତା ହେଉଛନ୍ତି ସର୍ବସ୍ୱ। ଦୁହିଁଙ୍କ ପରିକ୍ରମା କରି ସେ ବ୍ରହ୍ମାଣ୍ଡ ପରିକ୍ରମା ପୂର୍ଣ୍ଣ କରିଛନ୍ତି ବୋଲି କହିଲେ।

ଏକଥା ଶୁଣି ଶିବ ତାଙ୍କୁ କହିଲେ, 'ତୁମେ ବହୁତ ବୁଦ୍ଧିମାନ।' ଏହାସହ ତାଙ୍କୁ ଆର୍ଶିବାଦ ଦେଲେ, 'ପ୍ରତ୍ୟେକ ଶୁଭକାର୍ଯ୍ୟରେ ସର୍ବପ୍ରଥମେ ଗଣେଶଙ୍କର ପୂଜା ହେବ।' ସେଥିପାଇଁ ଶ୍ରୀଗଣେଶଙ୍କୁ ପ୍ରଥମ ପୂଜନୀୟ ବା ଅଗ୍ରପୂଜ୍ୟ ବୋଲି କୁହାଯାଏ।

## ସ୍ୱସ୍ତି

# ପବିତ୍ର ରାଧାଷ୍ଟମୀ



ଶ୍ରୀକୃଷ୍ଣ ବିନା ରାଧା ଅଧା। ରାଧା ବିନା ଶ୍ରୀକୃଷ୍ଣ ଅଧା। ଯେତେବେଳେ ବି ଶ୍ରୀକୃଷ୍ଣଙ୍କ ନାମ ଆସେ ଶ୍ରୀରାଧାରାଣୀଙ୍କ ନାଁ ଆପେ ଆସିଥାଏ। ତେଣୁ ହିନ୍ଦୁଧର୍ମରେ 'ଜନ୍ମାଷ୍ଟମୀ' ଭଳି 'ରାଧାଷ୍ଟମୀ'ର ଖୁବ୍ ମହତ୍ତ୍ୱ ଅଛି। ଜନ୍ମାଷ୍ଟମୀର ୧୫ ଦିନ ପରେ ରାଧାଷ୍ଟମୀ ଉତ୍ସବ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ଏହି ବ୍ରତ ପାଳନ କରାଯାଏ। ଚଳିତ ବର୍ଷ ଅଗଷ୍ଟ ୩୧ ତାରିଖରେ ପାଳନ ହେବ ପବିତ୍ର ରାଧାଷ୍ଟମୀ।

ଏହିଦିନ ଶ୍ରୀରାଧାଙ୍କ ଜନ୍ମ। ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମ ଗ୍ରହଣ କରିଥିବା ବେଳେ ଶ୍ରୀରାଧା ମଧ୍ୟାହ୍ନରେ ଜନ୍ମଗ୍ରହଣ କରିଥିଲେ। ବୈଷ୍ଣବମାନେ ଶ୍ରରାଧାଙ୍କର ଜନ୍ମତିଥିକୁ 'ରାଧାଷ୍ଟମୀ' ଭାବେ ପାଳନ କରନ୍ତି। ବୈଷ୍ଣବମାନଙ୍କ ମତରେ କୃଷ୍ଣଭକ୍ତି ଓ ପ୍ରାପ୍ତିର ମାଧ୍ୟମ। ରାଧାଷ୍ଟମୀ ଦିନ ରାଧାରାଣୀଙ୍କ ପୂଜାର୍ଚ୍ଚନା ନୀତିନିୟମ ସହ କରାଯାଏ। ରାଧାଷ୍ଟମୀ ବ୍ରତ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ଅଛି। ରାଧାଷ୍ଟମୀରେ ରାଧାଙ୍କର ଜନ୍ମ ବୃତ୍ତାନ୍ତ ବ୍ୟତୀତ ଏକ ବ୍ରତ କଥା ପାଠ ହୁଏ। ତେବେ ଶ୍ରୀରାଧାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ଭାବେ ଗ୍ରହଣ କରାଯାଏ। ଏହି ଦିନ ଶ୍ରୀରାଧାଙ୍କ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ପୁଣି ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତି ପାଇଁ ଦେବୀ ରାଧାଙ୍କ ନାମ ଜପ କରିବା ଉଚିତ।

# ରୁଦ୍ରାକ୍ଷର ମହତ୍ତ୍ୱ



ଭଗବାନ ଶିବଙ୍କ ଅଶ୍ରୁରୁ ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିବା ମାନ୍ୟତା ଅଛି। ଏହାକୁ ଭଗବାନ ଶିବଙ୍କ ଆଶୀର୍ବାଦ ବୋଲି ବିବେଚନା କରାଯାଏ। ରୁଦ୍ରାକ୍ଷ ମଣିଷ ଜୀବନରେ ସକାରାତ୍ମକ ଚିନ୍ତାଧାରାକୁ ବୃଦ୍ଧି କରେ। ଏହା ଅବସାଦ ଓ ଚିନ୍ତାକୁ ଦୂର କରିଥାଏ। ନକାରାତ୍ମକ ଶକ୍ତିକୁ ଦୂର କରୁଥିବା ରୁଦ୍ରାକ୍ଷ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ। ଅନେକ ଜଣ ରୁଦ୍ରାକ୍ଷର ଚମତ୍କାରୀ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରାକୃତିକ ଔଷଧ ମନେ କରନ୍ତି। ଏହା ରକ୍ତଚାପ, ମାନସିକ ଶାନ୍ତି, ଇମ୍ୟୁନ ସିଷ୍ଟମ ପାଇଁ ଲାଭକାରୀ। ମନ୍ତ୍ର ଜପରେ ମଧ୍ୟ ରୁଦ୍ରାକ୍ଷର ପ୍ରୟୋଗ ହୁଏ। ୧୦୮ ମାଳା ରୁଦ୍ରାକ୍ଷକୁ ଜପ କରିବା ଦ୍ୱାରା ମନ ଏବଂ ଆତ୍ମାକୁ ଶାନ୍ତି ମିଳିଥାଏ। ରୁଦ୍ରାକ୍ଷ ମନ୍ତ୍ର ମନ ଓ ଶରୀରରେ ଶକ୍ତି ବୃଦ୍ଧି କରେ। ରୁଦ୍ରାକ୍ଷ ଅନେକ କିସମର ହୋଇଥାଏ। ଗୋଟିଏ ମୁଖୀଠାରୁ ଆରମ୍ଭ କରି ଏଗାରମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ରହିଛି। ସାଧାରଣରେ ପଞ୍ଚ ମୁଖୀ ରୁଦ୍ରାକ୍ଷ ସବୁଠୁ ଅଧିକ ପିନ୍ଧାଯାଏ। ସେହିପରି ଜ୍ୟୋତିଷ ଶାସ୍ତ୍ରରେ ରୁଦ୍ରାକ୍ଷର ବିଶେଷ ମହତ୍ତ୍ୱ ରହିଛି। ଏହାର ଉପଯୋଗ ଗ୍ରହ ଦୋଷର ପ୍ରଭାବକୁ କମ୍ କରିବା ପାଇଁ କରାଯାଏ। ରାହୁ, କେତୁ ଏବଂ ଶନି ଦୋଷର ପ୍ରଭାବ ଏହା ମାଧ୍ୟମରେ କମ୍ କରାଯାଇପାରିବ।

# ଘରେ ମହୁମାଛି ବସା ଶୁଭ ନା ଅଶୁଭ



ଶାସ୍ତ୍ରରେ ମହୁମାଛିକୁ ଲକ୍ଷ୍ମୀଙ୍କ ଦୂତ ବୋଲି ବୋଲି କୁହାଯାଇଛି। ଯେଉଁଠି ମହୁମାଛି ବସା କରେ, ସେଠାରେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ହେଲେ ଏହି ବସାର ସ୍ଥାନ ଓ ଏହାର ସ୍ଥିତି ଠିକ୍ ନ ଥିଲେ, ଏହାର ବିପରୀତ ପ୍ରଭାବ ପଡ଼ିପାରେ। ଘର ଭିତରେ ମହୁମାଛି ବସା କରିବା ଶୁଭ କି ଅଶୁଭ, ସେ ସମ୍ପର୍କରେ ଜାଣିବା।

- ଘର ଭିତରେ ମହୁମାଛି ବସା କରିବା ନକାରାତ୍ମକ ବୋଲି ବିଚାର କରାଯାଏ। ମହୁମାଛି ବସା ଘରର ରୁମ୍, ବଗିଚା କିମ୍ବା ଛାତରେ ହୋଇଥଲେ ଅଶୁଭ। ଏହା ଘରର ଶାନ୍ତି ଭଙ୍ଗ କରିଥାଏ। ପରିବାରରେ ବିବାଦ ବଢ଼େ। ଧୀରେ ଧୀରେ ଆର୍ଥିକ ସ୍ଥିତି ଦୁର୍ବଳ ହୁଏ। ତେଣୁ ଘର ଭିତରେ ମହୁମାଛି ବସାକୁ ଭାଙ୍ଗିଦେବା ଉଚିତ।
- ମହୁମାଛି ବସା ଘରର ମୁଖ୍ୟଦ୍ୱାରରେ ହେବା ଶୁଭ। ବ୍ୟବସାୟ ଏବଂ ଚାକିରିରେ ଉନ୍ନତି ଆସେ। ହେଲେ କବାଟ ମଝାମଝିରେ ମହୁମାଛି ବସା କରିବା ଭଲ ନୁହେଁ।
- ଘରର ଉତ୍ତର ଦିଗରେ ମହୁମାଛି ବସା ବାନ୍ଧିବା ଶୁଭଫଳ ପ୍ରଦାନ କରେ। ପରିବାରରେ ସୁଖ, ସମୃଦ୍ଧି ବୃଦ୍ଧି ପାଏ।
- ଦକ୍ଷିଣ ଦିଗରେ ମହୁମାଛି ବସା କରିବା ନକାରାତ୍ମକ ଫଳ ପ୍ରଦାନ କରେ। ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖା ଦିଏ।
- ସେହିପରି ଘରର ପୂର୍ବ ଦିଗରେ ମହୁମାଛି ବସା କରିବା ଶୁଭ।
- ପଶ୍ଚିମ ଦିଗରେ ମହୁମାଛି ବସା କଲେ ମିଶ୍ରିତ ଫଳ ମିଳେ। ବେଳେ ବେଳେ ଏହା ଧନଲାଭର ସଙ୍କେତ ଦିଏ।

# ପୂଜାରା ଯୁଗର ଅବସାନ

ରାଜକୋଟ, ୨୪।୮ (ଏଜେନ୍ସି)

ଭାରତୀୟ ଟେଷ୍ଟ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ଚେତେଶ୍ୱର ପୂଜାରା ସମସ୍ତ ପ୍ରକାର ଫର୍ମାଟ୍‌ରୁ ସନ୍ୟାସ ନେଇଛନ୍ତି। ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଦୀର୍ଘ ୨ ବର୍ଷ ହେବ ବାରମ୍ବାର ଅଣଦେଖାର ଶିକାର ହେବା ପରେ ୩୭ ବର୍ଷୀୟ ଏହି ଷ୍ଟାଇଲିସ ରାଜକୋଟ୍ ବ୍ୟାଟର୍ ଶେଷରେ ଅଲ୍‌ବିଦା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଆବେଗପୂର୍ଣ୍ଣ ଅବସର ବାର୍ତ୍ତା ପୋଷ୍ଟ କରି ପୂଜାରା ତାଙ୍କ ଅବସର ସୂଚନା ପ୍ରଶଂସକଙ୍କୁ ଜଣାଇଛନ୍ତି। ଫଳରେ ଭାରତୀୟ କ୍ରିକେଟ୍‌ରେ ଏକ ଯୁଗର ଅବସାନ ଘଟିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ରାହୁଲ ଦ୍ରାବିଡଙ୍କ ଅବସର ପରେ ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ନଂ-୩ ସ୍ଥାନକୁ ନେଇ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହାକୁ ପୂଜାରା ହିଁ ପୂରଣ କରିଥିଲେ। ଯେଉଁଥି ପାଇଁ ଦ୍ରାବିଡ୍‌ଙ୍କ ପରେ ପୂଜାରାଙ୍କୁ ଭାରତୀୟ ଦଳର 'ଦି ୱାଲ୍-୨' ଆଖ୍ୟା ମିଳିଥିଲା।

ଦୁଇ ବର୍ଷ ତଳେ ଜୁନ ୨୦୨୩ରେ ପୂଜାରା ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଏହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଫାଇନାଲ ମ୍ୟାଚ୍ ଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚର ଉଭୟ ପାଳିରେ ପୂଜାରା ଯଥାକ୍ରମେ ୧୪ ଓ ୨୭ ରନ କରି ନିରାଶ କରିଥିଲେ। ଏହାପରେ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ୍ କରିବାରୁ ପୂଜାରାଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟ ଜାତୀୟ ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇଥିଲେ। ଏହି ସମୟରେ ମଧ୍ୟରେ ପୂଜାରା ଜାତୀୟ ଦଳକୁ ଫେରିବା ଲାଗି ଘରୋଇ ଓ କାଉଣ୍ଟି କ୍ରିକେଟ୍ ଖେଳି ନିଜକୁ ଫିଟ୍ ରଖୁଥିଲେ। କିନ୍ତୁ ରେଡ୍ ବଲ୍ କ୍ରିକେଟ୍‌ରେ ଜାତୀୟ ଦଳକୁ ଆଉ ଫେରିପାରି ନ ଥିଲେ। ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ସମୟରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହା ଚର୍ଚ୍ଚାରେ ହିଁ ସୀମିତ ରହିଗଲା। ସେହିଭଳି ତାଙ୍କ ସମସାମୟିକ ରବିଚନ୍ଦ୍ରନ ଅଶ୍ୱିନ, ରୋହିତ୍ ଶର୍ମା ଓ ବିରାଟ କୋହଲି ମଧ୍ୟ ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିସାରିଥିଲେ। ଜାତୀୟ ଦଳକୁ ଫେରିବାର ରାସ୍ତା ବନ୍ଦ ହୋଇଯାଇଥିବା ହୃଦୟଙ୍ଗମ କରି ଶେଷରେ ପୂଜାରା କ୍ରିକେଟକୁ ବାଏ ବାଏ କରିବାକୁ ବାଧ୍ୟ ହୋଇଥିଲେ।

> ଭାରତୀୟ ଜର୍ସି ପିନ୍ଧିବା, ଜାତୀୟ ସଙ୍ଗୀତ ଗାନ କରିବା ଏବଂ ପଡ଼ିଆକୁ ପାଦ ଦେବା ସମୟରେ ମୋର ସର୍ବଶ୍ରେଷ୍ଠ ଦେବାକୁ ଚେଷ୍ଟା କରିବା, ଏଗୁଡ଼ିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। କିନ୍ତୁ ଯେଉଁଭଳି କୁହାଯାଏ ପ୍ରତ୍ୟେକ ଭଲ ଜିନିଷର ଦିନେ ଅନ୍ତ ଘଟିଥାଏ। ମୁଁ ସମସ୍ତ ପ୍ରକାର କ୍ରିକେଟ୍‌ରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ରାଜକୋଟର ଏକ ଛୋଟ ସହରରୁ ଜଣେ ଛୋଟ ପିଲା ଭାବେ ପିତାମାତାଙ୍କ ସହ ମୁଁ ଦିନେ ତାରକା ହେବାକୁ ଲକ୍ଷ୍ୟ ରଖିଥିଲି ଏବଂ ଭାରତୀୟ ଦଳର ଅଂଶହେବାକୁ ସ୍ୱପ୍ନ ଦେଖିଥିଲି। ସେତେବେଳେ ମୁଁ କଳ୍ପନା କରି ନ ଥିଲି ଏହି ଖେଳ ମୋତେ ଏତେ କିଛି ଦେବ। ଅମୂଲ୍ୟ ସୁଯୋଗ, ପ୍ରେମ, ସର୍ବୋପରି ମୋ ରାଜ୍ୟ ଓ ଏହି ମହାନ ରାଷ୍ଟ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ।



ସଂଯୋଗବଶତଃ ପୂଜାରା ତାଙ୍କର ପଦାର୍ପଣ ଓ ବିଦାୟୀ ମ୍ୟାଚ୍ ଅଷ୍ଟ୍ରେଲିଆ ବିପକ୍ଷରେ ହିଁ ଖେଳିଥିଲେ। ୨୦୧୦ରେ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଖେଳି ପୂଜାରା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଏହି ଯାତ୍ରାରେ ସେ ୧୦୩ ଟେଷ୍ଟ ମ୍ୟାଚ ଖେଳ ୪୩ରୁ ଊର୍ଦ୍ଧ୍ୱ ହାରରେ ୭,୧୯୫ ରନ ସଂଗ୍ରହ କରିଥିଲେ। ତାଙ୍କ ନାମରେ ଟେଷ୍ଟରେ ୧୯ ଶତକ ଓ ୩୫ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ସେ ଅପରାଜିତ ୨୦୬ ରନ କରିଥିଲେ। ଯାହା ତାଙ୍କ ଟେଷ୍ଟ କ୍ୟାରିୟରର ଶ୍ରେଷ୍ଠ ପାଳି ଥିଲା। ସେହିଭଳି ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୫୨୫ ବଲ୍‌ରୁ ୨୦୨ ରନର ଧୈର୍ଯ୍ୟପୂର୍ଣ୍ଣ ଦ୍ୱିଶତକୀୟ ପାଳି ଖେଳିଥିଲେ। ଏହାର ଦୁଇ ବର୍ଷ ପରେ ସିଡନୀରେ ପୁଣିଥରେ କଙ୍ଗାରୁ ଦଳ ବିପକ୍ଷରେ ୧୯୩ ରନର ମାରାଥନ ବ୍ୟାଟିଂ କରିଥିଲେ। ଏହି ପାଳିରେ ସେ ଦୀର୍ଘ ୯ ଘଣ୍ଟା କ୍ରିଜରେ ରହି ଧୈର୍ଯ୍ୟର ପରିଚୟ ଦେଇଥିଲେ। ଜଣେ ଟେଷ୍ଟ ସ୍ପେଶାଲିଷ୍ଟ ହୋଇଥିବାରୁ ତାଙ୍କୁ ଧଳା ବଲ୍ କ୍ରିକେଟ୍‌ରେ ବେଶି ସୁଯୋଗ ମିଳି ନ ଥିଲା। ସେ ଭାରତ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ସୌରାଷ୍ଟ୍ର ପାଇଁ ପ୍ରତିନିଧିତ୍ୱ କରୁଥିବା ପୂଜାରା ପ୍ରଥମ ଶ୍ରେଣୀରେ ୨୭୮ ଓ ଲିଷ୍ଟ-ଏ'ରେ ୧୩୦ ମ୍ୟାଚ୍ ଖେଳିଛନ୍ତି।

**ସଂକ୍ଷେପରେ କ୍ୟାରିୟର**

| ଫର୍ମାଟ୍ | ମ୍ୟାଚ୍ | ରନ | ଆଭରେଜ | ଶ୍ରେଷ୍ଠ | ୫୦/୧୦୦ |
|---|---|---|---|---|---|
| ଟେଷ୍ଟ | ୧୦୩ | ୭୧୯୫ | ୪୩.୬୦ | ୨୦୬ | ୧୯/୩୫ |
| ଦିନିକିଆ | ୫ | ୫୧ | ୧୦.୨୦ | ୨୭ | ୦/୦ |
| ପ୍ରଥମ ଶ୍ରେଣୀ | ୨୭୮ | ୨୧୩୦୧ | ୫୧.୮୨ | ୩୫୨ | ୬୬/୮୧ |
| ଲିଷ୍ଟ-ଏ | ୧୩୦ | ୫୭୫୯ | ୫୭.୦୧ | ୧୭୪ | ୧୬/୩୪ |
| ଟି-୨୦ | ୭୧ | ୧୫୫୬ | ୨୯.୩୫ | ୧୦୦ | ୧/୯ |

## ସୌରଭ ଗାଙ୍ଗୁଲି ହେଲେ କ୍ରିକେଟ୍ ଗୁରୁ



ସେଞ୍ଚୁରିୟନ, ୨୪।୮ (ଏଜେନ୍ସି): ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି କୋଚିଂ କ୍ୟାରିୟରରେ ପାଦ ଥାପିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍‌ର ପ୍ରେଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଆଗାମୀ ସିଜନ ଲାଗି ଗାଙ୍ଗୁଲିଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଇଂଲଣ୍ଡର ଜୋନାଥନ ଟ୍ରଟ୍‌ଙ୍କ ସ୍ଥାନରେ ୫୩ ବର୍ଷୀୟ ଗାଙ୍ଗୁଲି ସେଞ୍ଚୁରିୟନଭିତ୍ତିକ ଏହି ଦଳର ଗୁରୁଦାୟିତ୍ୱ ତୁଲାଇବେ। କ୍ରିକେଟରୁ ଅବସର ଗ୍ରହଣ ପରେ ଗାଙ୍ଗୁଲି କିଛି ବର୍ଷ ଲାଗି ବିସିସିଆଇର ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ୨୦୧୮ ରୁ ୨୦୧୯ ପର୍ଯ୍ୟନ୍ତ ଆଇପିଏଲ୍‌ର ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଟିମ୍ ନିର୍ଦ୍ଦେଶକ ପଦରେ ରହିଥିଲେ। ତେବେ ଗାଙ୍ଗୁଲି ପ୍ରଥମଥର ଲାଗି କୌଣସି ପ୍ରଫେସନାଲ ଦଳର ମୁଖ୍ୟ ପ୍ରଶିକ୍ଷକ ଭାର ସମ୍ଭାଳିବେ। ଦକ୍ଷିଣ ଆଫ୍ରିକା ଟି-୨୦ ଲିଗ୍ ଡିସେମ୍ବର ୨୬ରୁ ଜାନୁଆରୀ ୨୫ ପର୍ଯ୍ୟନ୍ତ ଖେଳାଯିବ।

## ଏସିଆ କପ୍‌ରେ ଲିଟନଙ୍କୁ ବାଂଲାର ନେତୃତ୍ୱ

ନୂଆଦିଲ୍ଲୀ,୨୪।୮ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ୱିକେଟରକ୍ଷକ ଲିଟନ ଦାସଙ୍କୁ ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୟୁଏଇରେ ସେପ୍ଟେମ୍ବର ୯ ରୁ ୨୮ ଯାଏ ଖେଳାଯିବ। **ଘୋଷିତ ଦଳ**: ଲିଟନ ଦାସ (ଅଧିନାୟକ), ତାନଜିଦ୍ ହାସନ, ପରଭେଜ ହୋସେନ ଏମନ, ସୈଫ୍ ହାସନ, ତାହିଦ୍ ହୃଦୟ, ଜେକର ଅଲି ଅନିକ୍, ସମିମ ହୋସେନ, କାଜି ନୁରୁଲ ହାସନ ସୋହନ, ଶାକ୍ ମେହେଦି ହାସନ, ରିଶାଦ୍ ହୋସେନ, ନାସୁମ ଅହମ୍ମଦ୍, ମୁସ୍ତାଫିଜୁର ରହମନ, ତାଞ୍ଜିମ ହାସନ ସକିବ୍, ତସ୍କିନ ଅହମ୍ମଦ୍, ଶୋରିଫୁଲ ଇସ୍‌ଲାମ ଓ ସୈଫ ଉଦ୍ଦିନ।

■ ଆରମ୍ଭ ହେଲା ୟୁଏସ୍ ଓପନ୍


## ରାଡୁକାନୁଙ୍କ ବିଜୟ ଅଭିଯାନ



ନ୍ୟୁୟର୍କ, ୨୪।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହୋଇଛି। ବ୍ରିଟିଶର ଏକ ନମ୍ବର ଖେଳାଳି ଇମା ରାଡୁକାନୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ରାଡୁକାନୁ ୬-୧, ୬-୨ ସିଧାସଳଖ ସେଟ୍‌ରେ ଜାପାନର ଯୋଗ୍ୟତା ଅର୍ଜନକାରୀ ଇନା ଶିବାହାରାଙ୍କୁ ପରାସ୍ତ କରିଛନ୍ତି। ୨୦୨୧ରେ ଏଠାରେ ଟାଇଟଲ୍ ଜିତିବା ପରେ ରାଡୁକାନୁଙ୍କ ୟୁଏସ୍ ଓପନ୍‌ରେ ଏହା ପ୍ରଥମ ବିଜୟ ଥିଲା। ୨୦୨୨ ଓ ୨୦୨୪ରେ ସେ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ସେହିଭଳି ୨୦୨୩ରେ ଆହତ ଲାଗି ଓହରିଯାଇଥିଲେ।

## ବିରଳ କ୍ଲବରେ ରୋନାଲ୍ଡୋ

ନୂଆଦିଲ୍ଲୀ, ୨୪।୮ (ଏଜେନ୍ସି): ପର୍ତ୍ତୁଗାଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ଆଉ ଏକ ବିଶ୍ୱରେକର୍ଡକୁ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ବିଶ୍ୱର ପ୍ରଥମ ଫୁଟ୍‌ବଲ ଖେଳାଳି ଭାବେ ରୋନାଲ୍ଡୋ ୪ଟି ଭିନ୍ନ ଭିନ୍ନ ଦଳ ପାଇଁ ଅତିକମ୍‌ରେ ୧୦୦ ଲେଖାଏ ଗୋଲ୍ ଦେବାର ବିରଳ ସଫଳତା ପାଇଛନ୍ତି। ଗତକାଲି ରାତିରେ ସାଉଦୀ ସୁପର୍ କପ୍ ଫାଇନାଲ ମ୍ୟାଚ୍ ଅବସରରେ ସେ ଏହି ରେକର୍ଡ କରିଥିଲେ। ଅଲ୍ ନାସିର୍ ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଅଲ୍ ଆହଲି ବିପକ୍ଷରେ ଗୋଲ୍ ଦେଇ ଏହି କ୍ଲବରେ ସାମିଲ ହୋଇଛନ୍ତି। ସାଉଦୀ ଆରବ କ୍ଲବ ଅଲ୍ ନାସିର ପାଇଁ ଏହା ତାଙ୍କର ୧୦୦ତମ ଗୋଲ୍ ଥିଲା। ଏଥିପୂର୍ବରୁ ରୋନାଲ୍ଡୋ ନିଜ ଦେଶ ପର୍ତ୍ତୁଗାଲ୍ ପାଇଁ ୧୩୮, ରିଅଲ ମାଡ୍ରିଦ ପାଇଁ ୪୫୦, ମାଞ୍ଚେଷ୍ଟର ପାଇଁ ୧୪୫ ଓ ଜୁଭେଣ୍ଟସ୍ ପାଇଁ ୧୦୧ଟି ଗୋଲ୍ ଦେଇଥିଲେ।



## ୬ଷ୍ଠ ରାଜ୍ୟ ଓପନ୍ ଚେସ୍: ସୌମ୍ୟ ଚାମ୍ପିଅନ




ଭୁବନେଶ୍ୱର, ୨୪।୮ (ସମିସ): ସମର ବିଜୟ ମହାପାତ୍ର ମେମୋରିଆଲ୍ ୬ଷ୍ଠ ରାଜ୍ୟ ଓପନ୍ ଚେସ କେଶୁରାସ୍ଥିତ ରୟାଲ୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଟପ୍ ସିଡ୍ ତଥା ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୫ ପଏଣ୍ଟ ରଖି ଚାମ୍ପିଅନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ମନୀଷ କୁମାର, ବିଶ୍ୱଜିତ୍ ସାହୁ, ତନ୍ମୟ ତ୍ରିପାଠୀ ଓ ପ୍ରତ୍ୟୁଷ ମହାପାତ୍ର ଯଥାକ୍ରମେ ୨ୟରୁ ୭ମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ୭ ବର୍ଷରୁ କମ୍ ବର୍ଗରେ କୀର୍ତ୍ତିଶ କୁମାର ସାହୁ, ୯ ବର୍ଷରୁ କମ୍ ବର୍ଗରେ କୃଷ୍ଣ ଅନୁରାଗ, ୧୧ ବର୍ଷରୁ କମରେ ସୌମ୍ୟଜିତ୍ ପଟ୍ଟନାୟକ, ୧୩ ବର୍ଷରୁ କମ୍‌ରେ ଓମ୍ ଶତପଥୀ, ୧୫ ବର୍ଷରୁ କମ୍‌ରେ ହୃଷିକେଶ ଦତ୍ତ ଓ ବାଳିକାରେ ଦୀୟା ଦାସ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ନୂଆଦିଲ୍ଲୀ ଏମ୍ସର ପ୍ରଫେସର ସୁଜାତା ମହାନ୍ତି, ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଏୟାର ଇଣ୍ଡିଆର ଶେଖର ମହାନ୍ତି ଓ ପ୍ରତୀକ ଭଞ୍ଜ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ହେଡ୍, ମାର୍ଶ ଓ ଗ୍ରୀନ୍‌ଙ୍କ ଶତକ

## ଅଷ୍ଟ୍ରେଲିଆର ସାନ୍ତ୍ୱନାମୂଳକ ବିଜୟ



ମ୍ୟାକୟ,୨୪।୮ (ଏଜେନ୍ସି): ଟ୍ରାଭିସ ହେଡ୍, ମିଚେଲ ମାର୍ଶ, କାମେରନ ଗ୍ରୀନ୍‌ଙ୍କ ଶତକ ସହାୟତାରେ ଏଠାରେ ରବିବାର ଅନୁଷ୍ଠିତ ଦିନିକିଆ ସିରିଜ୍‌ର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨୭୬ ରନ୍‌ର ବିରାଟ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଦିନିକିଆ ଇତିହାସରେ ଦକ୍ଷିଣ ଆଫ୍ରିକା ବୃହତ୍ ପରାଜୟ ବରଣ କରିଛି। ପରାଜୟ ସତ୍ତ୍ୱେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ୨-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ୫ମ ସିରିଜ୍ ବିଜୟ ଥିଲା। ଏହି ମ୍ୟାଚ୍‌ରେ ହେଡ୍ ୧୦୩ ବଲ୍‌ରେ ୧୪୨ରନ୍, ମାର୍ଶ ୧୦୬ ବଲରେ ୧୦୦ ରନ୍, ଗ୍ରୀନ୍ ୫୫ ବଲ୍‌ରେ ଅପରାଜିତ ୧୧୮ ରନ୍ ଓ ଆଲେକ୍ସ କ୍ୟାରୀ ୩୭ ବଲ୍‌ରୁ ଅପରାଜିତ ୫୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୨ ୱିକେଟ ହରାଇ ୪୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୪.୫ ଓଭରରେ ମାତ୍ର ୧୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଡିୱାଲ୍ଡ ବ୍ରେଭିସ୍ ସର୍ବାଧିକ ୪୯ ରନ୍ କରିଥିଲାବେଳେ ବିଜୟୀ ଅଷ୍ଟ୍ରେଲିଆ ଦଳର ବାମହାତୀ ସ୍ପିନର କୁପର କୋନୋଲୀ ୫ଟି, ଜାଭିୟର ବାର୍ଟଲେଟ ଓ ସିନ୍ ଆବଟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆର ହେଡ୍‌ଙ୍କୁ ମ୍ୟାଚ୍‌ର ଓ କେଶବ ମହାରାଜଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

କଟକ,୨୪।୮ (ସମିସ): ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଚେନ୍ନାଇର ଏସଆରଏମସି ଟର୍ଫ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୫ ୱିକେଟରେ ଭାରତୀୟ ରେଲବାଇ ଠାରୁ ପରାସ୍ତ ହୋଇଛି। ଆସନ୍ତା ୨୬ରୁ ଅନ୍ତିମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଓଡ଼ିଶା ଜମ୍ମୁ ଓ କଶ୍ମୀରକୁ ଭେଟିବ। ଅସମାପ୍ତ ପ୍ରଥମ ପାଳି ୧୩୮/୬ରୁ ଆଜି ମ୍ୟାଚ୍‌ର ଅନ୍ତିମ ଦିବସରେ ରେଲବାଇ ଖେଳ ଆରମ୍ଭ କରିଥିଲା। ଶେଷ ୪ ୱିକେଟରେ ଦଳ ୭୨ରନ ଯୋଡିବା ସହ ୨୧୦ରନରେ ଦଳର ପ୍ରଥମ ଇନିଂସ ସୀମିତ ରହିଥିଲା। ପ୍ରଥମ ପାଳିରେ ୨୨୨ରନ କରିଥିବା ଭ୍ରମଣକାରୀ ଓଡ଼ିଶାକୁ ୧୨ରନର ଅଗ୍ରଣୀ ମିଳିଥିଲା। ଆଜି ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ପାଳିରେ ଓଡ଼ିଶା ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଚେଷ୍ଟା କରି ୮ ୱିକେଟ ବିନିମୟରେ ୧୮୪ରନ କରିଥିଲା। ଓମ ଟି ମୁଣ୍ଡେ ସର୍ବାଧିକ ୪୧ରନ କରିଥିଲେ। ରେଲବାଇର ଆକାଶ ପାଣ୍ଡେଙ୍କୁ ୪ଟି ୱିକେଟ ମିଳିଥିଲା। ରେଲବାଇ ସମ୍ମୁଖରେ ୪୫ ଓଭରରେ ୧୯୭ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦଳ ୫ ୱିକେଟ ହରାଇ ୩୮ ଓଭରରେ ବିଜୟୀ ହୋଇଥିଲା। ୱିକେଟ କିପର ଦିନେଶ ମୋରେ ୬୭ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶାର ସୁମିତ ଶର୍ମା ଓ କାର୍ତ୍ତିକ ବିଶ୍ୱାଳ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ୬ ପ୍ରମୁଖ ଖେଳାଳିଙ୍କ ନାମ ଘୋଷିତ

କଟକ,୨୪।୮ (ସମିସ): ସେପ୍ଟେମ୍ବର ୧୫ରୁ କଟକରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ୬ଜଣ ମର୍କ୍ୟୁ ତଥା ପ୍ରମୁଖ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନେ ହେଲେ ଆଇପିଏଲରେ ସୁଯୋଗ ପାଇଥିବା ତଥା ପୂର୍ବତନ ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି, ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଦଳର ନେତୃତ୍ୱ ନେଉଥିବା ବ୍ୟାଟର ସ୍ୱସ୍ତିକ ସାମଲ, ରାଜ୍ୟ ଦଳର ଅଭିଜ୍ଞ ସ୍ପିନ ଅଲରାଉଣ୍ଡର ଗୋବିନ୍ଦ ପୋଦ୍ଦାର, ଗତ ସିଜନରେ ରାଜ୍ୟ ଦଳର ଅଧିନାୟକ ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ଓ ମିଡିମୟ ପେସ୍ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ। ଏମାନେ ଲିଗ୍‌ରେ ବିଭିନ୍ନ ବ୍ରାଣ୍ଡର ପ୍ରମୋସନ କରିବା ସହ ପ୍ରମୁଖ ଖେଳାଳିଭାବେ ପରିଗଣିତ ହେବେ। ତେବେ ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବେ। ଏହି ୬ ମର୍କ୍ୟୁ ଖେଳାଳିଙ୍କୁ ଅଧିନାୟକ କରାଯିବ କି ନାହିଁ ତାହା ଓସିଏ ସ୍ପଷ୍ଟ କରାଯାଇନାହିଁ।

ୱାଇଜିଟିଟିଏ ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟେବଲ ଟେନିସ ଉଦ୍‌ଯାପିତ

## ଶ୍ୱେତା ବର୍ମା, ସାର୍ଥକ ଆର୍ଯ୍ୟଙ୍କୁ ଦ୍ୱିମୁକୁଟ

କଟକ,୨୪।୮ (ସମିସ)




ଖୋର୍ଦ୍ଧାର ଶ୍ୱେତା ବର୍ମା ଓ କଟକର ସାର୍ଥକ ଆର୍ଯ୍ୟ ୩୦ତମ ୱାଇଜିଟିଟିଏ (ୟଙ୍ଗ ଜେନେରସନ ଟେବଲ ଟେନିସ ଆସୋସିଏସନ) ରାଜ୍ୟ ର୍‍ୟାଙ୍କିଙ୍ଗ ଟେବଲ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ଲାଭ କରିଛନ୍ତି। ସିଡିଏ ସେକ୍ଟର-୭ ପରିସରରେ ଥିବା ବିଜୁ ପଟ୍ଟନାୟକ ମଲ୍ଟିପର୍ପୋଜ୍ ଇଣ୍ଡୋର ହଲରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଖୋର୍ଦ୍ଧାର ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ବିଭାଗରେ କଟକର ଆରାଧ୍ୟା ସାହୁଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିପରି ଉଦୀୟମାନ ତାରକା ସାର୍ଥକ ବର୍ମା ୧୯ ବର୍ଷରୁ କମ୍ ଓ ପୁରୁଷ ଏକକ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ୧୯ ବର୍ଷରୁ କମ୍‌ରେ ସେ କଟକର ଜିଜ୍ଞାସୁ ସାହୁଙ୍କୁ ୩-୦ ଓ ପୁରୁଷ ବିଭାଗରେ ଏସ୍‌ଆଇସିର ଶୁଭେନ୍ଦୁ ଶ'ଙ୍କୁ ୪-୧ ସେଟ୍‌ରେ ହରାଇଥିଲେ। ମହିଳା ବିଭାଗରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇଙ୍କୁ ପରାଜିତ ହେବାକୁ ପଡ଼ିଛି। ଫାଇନାଲରେ ତାଙ୍କୁ ରେଲୱେ ଅଡିଟ୍‌ର ନେହା କୁମାରୀ ହରାଇ ନୂଆ ଚାମ୍ପିଅନ ହୋଇଛନ୍ତି। ଶ୍ୱେତପଦ୍ମା କିନ୍ତୁ କଟକର ସାକ୍ଷୀ ଭଗତଙ୍କୁ ହରାଇ ୧୯ ବର୍ଷରୁ କମ୍ ମହିଳା ଏକକରେ ଚାମ୍ପିଅନ ହୋଇଥିଲେ।

ଅନ୍ୟ ବିଭାଗ ମଧ୍ୟରୁ ୧୭ ବର୍ଷରୁ କମ୍ ବାଳିକାରେ ନିଜ ଭଉଣୀ ଶ୍ୱେତାଙ୍କୁ ହରାଇ ଉର୍ଜା ବର୍ମା, ବାଳକ ବିଭାଗରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କୁ ହରାଇ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ବାଳକ ବିଭାଗରେ କଟକର ସୟଦ ଅର୍ଶ ଅଲିଙ୍କୁ ହରାଇ ପୁରୀର ସାଇ କିରଣ ପ୍ରଧାନ ଚାମ୍ପିଅନ ହୋଇଛନ୍ତି।

୧୩ ବର୍ଷରୁ କମ୍ ବାଳକ ବିଭାଗରେ ଭୁବନେଶ୍ୱରର ଅଭିଷେକ ଦାସ ଓ କଟକର କେ. ଶିବଶଙ୍କର, ୧୧ ବର୍ଷରୁ କମ୍ ବାଳିକାରେ ପୁରୀର ଗାୟତ୍ରୀ ପଟ୍ଟନାୟକ ଓ ଭୁବନେଶ୍ୱରର ଅନବୀ ସୁଦୀପ କୁମାର, ବାଳକ ବିଭାଗରେ କଟକର ରୁଦ୍ର ରଣବୀର ଓ ଖୋର୍ଦ୍ଧାର ସ୍ୱସ୍ତିକ ସିଂ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଓଡ଼ିଶା ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସହ ଅବ୍‌ଦୁଲ ୱାହିଦ୍, ନିହାରରଞ୍ଜନ ମିଶ୍ର ମଧ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଅମ୍ପାୟାର ଜୀବନବଲ୍ଲଭ ସାମଲ, ତପନ ଖାଁ, ବିଜନ ଦାସମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍‌ଏନ୍ ମୂର୍ତ୍ତି, କେଭିପି ରାମାରାଓ ଆଦି ଖେଳ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS